ବର୍ଷ-୨୬, ସଂଖ୍ୟା-୧୭୫
ଭୁବନେଶ୍ୱର
୦୧, ଜୁଲାଇ ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 175
Bubhaneswar
01, July, 2026, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ସ୍ନାନବେଦିରେ ସ୍ନାନ ପରେ ଜ୍ୱରରେ ମହାପ୍ରଭୁ



ପୁରୀ,୩୦।୬(ମହାଭାରତ): ସ୍ନାନବେଦିରେ ସ୍ନାନ ପରେ ଜ୍ୱରରେ ମହାପ୍ରଭୁ । ଏବେ ୧୫ ଦିନର ଅନବସରରେ ଶ୍ରୀଜିଉ । ଦଇତାପତି ସେବକମାନଙ୍କ ଦ୍ୱାରା ଉପଚାର ଓ ସେବାଶୁଶ୍ରୂଷା ପାଉଛନ୍ତି । ଏହି ସମୟରେ ଶ୍ରୀମନ୍ଦିରରେ ପୂଜା ପାଉଛନ୍ତି ପଟିଦିଅଁ । ବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ, ସୁଭଦ୍ରାଙ୍କ ସ୍ଥାନରେ ଭୁବନେଶ୍ୱରୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବଦଳରେ ପୂଜା ପାଉଛନ୍ତି ଅନନ୍ତ ନାରାୟଣ ।ଗତକାଲି ସ୍ନାନବେଦିରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଅସୁସ୍ଥ ଚତୁର୍ଦ୍ଧାମୂର୍ତ୍ତି । ଶ୍ରୀମନ୍ଦିରରେ ଆଜିଠୁ ଆରମ୍ଭ ହୋଇଛି ଅନବସର ନୀତି । ପ୍ରତ୍ୟେକ୍ଷ ସ୍ନାନ ପରେ ନିବୃତ ନୀଳକନ୍ଦରରେ ରୁନ୍ଧା ହେବେ ଜ୍ୱର ପୀଡ଼ିତ ମହାପ୍ରଭୁ । ଅନବସରରେ ମହାପ୍ରଭୁଙ୍କର ହେବ ଗୁପ୍ତ ଉପଚାର । ଏହି ସମୟରେ ଭକ୍ତଙ୍କ ଉଦ୍ଦେଶ୍ୟରେ ଦର୍ଶନ ଦେଉଛନ୍ତି ପଟିଦିଅଁ ।ଶ୍ରୀମନ୍ଦିରରେ ପଟିଦିଅଁଙ୍କ ନିକଟରେ ହେଉଛି ଦୈନନ୍ଦିନ ନୀତି । ସ୍ନାନ ପୂର୍ଣ୍ଣମୀରେ ଠାକୁରଙ୍କ ବାହୁଡ଼ା ପହଣ୍ଡି ପରେ ବିଳମ୍ବିତ ରାତିରେ ଶ୍ରୀମନ୍ଦିରରୁ ଏକ ପଟୁଆର ଚିତ୍ରକରଙ୍କ ଘରୁ ଏହି ପଟିଦିଅଁ ଯାଇଥିଲେ । ପାରମ୍ପରିକ ପୂଜାର୍ଚ୍ଚନା ପରେ ଘଣ୍ଟ, ଛତା, କାହାଳି ସହ ପଟିଦିଅଁ ଶ୍ରୀମନ୍ଦିରକୁ ବିଜେ କରିଥିଲେ । ଆଜିଠାରୁ ଅଣସର ସମୟରେ ଗର୍ଭଗୃହରେ ଦାରୁ ମୂର୍ତ୍ତିମାନଙ୍କ ବଦଳରେ ପଟିଦିଅଁଙ୍କୁ ପୂଜା କରାଯାଉଛି ।ମହାପ୍ରଭୁଙ୍କ ଏହି ଅନବସର ସମୟରେ ଜଗନ୍ନାଥଙ୍କ ସ୍ଥାନରେ ବିଷ୍ଣୁ ରୂପରେ ଅଲାରନାଥଙ୍କୁ ମଧ୍ୟ ଦର୍ଶନ କରିଥାନ୍ତି ଭକ୍ତ ଓ ଶ୍ରଦ୍ଧାଳୁ। ଆଜିଠୁ ଅଲାରନାଥ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି।

# ନୂଆ ସେନାମୁଖ୍ୟ ଭାବେ ଦାୟିତ୍ୱ ନେଲେ ଜେନେରାଲ ଧୀରଜ ସେଠ୍

ନୂଆଦିଲ୍ଲୀ,୩୦।୬: ଭାରତୀୟ ସେନାର ନୂଆ ମୁଖ୍ୟ ଭାବେ ଜେନେରାଲ ଧୀରଜ ସେଠ୍ ଆଜି ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପଶ୍ଚିମ ସୀମାନ୍ତରେ ସେନାର ଦୁଇଟି ପ୍ରମୁଖ ଅପରେସନାଲ କମାଣ୍ଡର ନେତୃତ୍ୱ ନେବାର ବିରଳ ଅଭିଜ୍ଞତା ଜେନେରାଲ ସେଠ୍‌ଙ୍କ ପାଖରେ ରହିଛି। ସେନାକୁ ସ୍ୱାବଲମ୍ବୀ, ଆଧୁନିକ ତଥା ଭବିଷ୍ୟତର ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ କରିବା ଏବଂ ସୀମା ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି ସେନା ପକ୍ଷରୁ କୁହାଯାଇଛି। ସେ ଭାରତର ୧୩ ଲକ୍ଷ ସଦସ୍ୟ ବିଶିଷ୍ଟ ବିଶାଳ ସେନା ବାହିନୀର ୩୧ତମ ସେନାଧକ୍ଷ ହୋଇଛନ୍ତି ।ଅନ୍ୟପକ୍ଷରେ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପ୍ରାୟ ୪୦ ବର୍ଷରୁ ଅଧିକ ସମୟ ଧରି ଦେଶର ସେନା ବାହିନୀରେ ଉଲ୍ଲେଖନୀୟ ସେବା ପ୍ରଦାନ କରିବା ପରେ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ସେନାମୁଖ୍ୟ ଭାବେ ଦାୟିତ୍ୱ



ଗ୍ରହଣ କରିବା ପୂର୍ବରୁ ଜେନେରାଲ ସେଠ୍ ଭାରତୀୟ ସେନାର ଉପମୁଖ୍ୟ (ଭାଇସ୍ ଚିଫ୍ ଅଫ୍ ଦି ଆର୍ମି ଷ୍ଟାଫ୍) ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ବିଶ୍ୱର ଭୂ-ରଣନୀତିକ ପରିବେଶ ଏବଂ ସୁରକ୍ଷା ବ୍ୟବସ୍ଥା ବେଶ୍ ପରିବର୍ତ୍ତନଶୀଳ ରହିଛି। ବିଶେଷ କରି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଏବଂ ଆଧୁନିକ ଯୁଦ୍ଧ କୌଶଳରେ ଆସୁଥିବା ବ୍ୟାପକ ପରିବର୍ତ୍ତନ ଯୋଗୁଁ ସୁରକ୍ଷା କ୍ଷେତ୍ରରେ ନୂଆ ନୂଆ ଆହ୍ୱାନ ସୃଷ୍ଟି ହେଉଛି। ଏଭଳି ଏକ ଜଟିଳ ସମୟରେ ଜେନେରାଲ ସେଠ୍ ଭାରତୀୟ ସେନାର ସର୍ବୋଚ୍ଚ କମାଣ୍ଡ ଗ୍ରହଣ କରିଛନ୍ତି।

## ଧ୍ୱଂସାବଶେଷ ତଳେ ଜୀବନ ଖୋଜୁଛନ୍ତି ଉଦ୍ଧାରକାରୀ ଦଳ

କାରାକାସ୍‌୩୦।୬(ମହାଭାରତ): : ଭେନେଜୁଏଲାରେ ଗତ ସପ୍ତାହରେ ହୋଇଥିବା ପ୍ରଳୟଙ୍କରୀ ଭୂକମ୍ପ ପରେ ସ୍ଥିତି ଅତି ସଂଗୀନ ହୋଇପଡ଼ିଛି। ସରକାରୀ ସୂଚନା ଅନୁଯାୟୀ, ମୃତ୍ୟୁସଂଖ୍ୟା ୧,୭୦୦ ଅତିକ୍ରମ କରିଥିବା ବେଳେ ବର୍ତ୍ତମାନ ଧ୍ୱଂସାବଶେଷ ତଳୁ ଲୋକଙ୍କୁ ଜୀବନ୍ତ ଉଦ୍ଧାର କରିବାର ସମୟ ଦ୍ରୁତ ଗତିରେ କମିବାରେ ଲାଗିଛି। ଏହା ମଧ୍ୟରେ ସୋମବାର ଅନୁଭୂତ ହୋଇଥିବା ୪.୬ ରୁ ୫.୧ ତୀବ୍ରତାର ଭୂକମ୍ପ ପରବର୍ତ୍ତୀ ଝଟକା ବିପର୍ଯ୍ୟସ୍ତ ଅଞ୍ଚଳରେ ଭୟର ବାତାବରଣକୁ ଆହୁରି ବଢ଼ାଇ ଦେଇଛି। ହଜାର ହଜାର ଲୋକ ବାସହରା ହୋଇ ରହିଥିବା ବେଳେ ଏକ ବଡ଼ ଧରଣର ମାନବୀୟ ସଙ୍କଟ ସୃଷ୍ଟି ହୋଇଛି, ଯାହା ବର୍ଷ ବର୍ଷ ଧରି ଲାଗିରହିପାରେ ବୋଲି ସହାୟତା ଗୋଷ୍ଠୀଗୁଡ଼ିକ ଚେତାବନୀ ଦେଇଛନ୍ତି।

## ପ୍ରିୟଙ୍କା ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ

ଭୁବନେଶ୍ୱର,୩୦।୬(ମହାଭାରତ): ଭୁବନେଶ୍ୱର ଭୀମଟାଙ୍ଗୀରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ହତ୍ୟା ମାମଲାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ । ୨୦୨୧ ମସିହା ଜୁଲାଇ ମାସରେ ଭୁବନେଶ୍ୱରର ଭୀମଟାଙ୍ଗୀ ହାଉସିଂ ବୋର୍ଡ କଲୋନିରେ ପ୍ରିୟଙ୍କାଙ୍କୁ ବୀଭତ୍ସ ହତ୍ୟା କରିଥିଲା ପ୍ରେମିକ ଜଗନ୍ନାଥ ପ୍ରଧାନ । ଯାହା ସାରା ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଏକ ଏକତରଫା ପ୍ରେମକୁ ନେଇ ପୂର୍ବ ଯୋଜନାବଦ୍ଧ ଭାବେ ହତ୍ୟାକାଣ୍ଡ ଘଟିଥିଲା । ଏ ମାମଲାରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ପୂର୍ବରୁ ବିବାହିତ ଥିଲେ । ନିଜ ସ୍ୱାମୀ ଏବଂ ୩ ବର୍ଷର ପୁଅ ସହ ଭୀମଟାଙ୍ଗୀରେ ରହୁଥିଲେ । ଜଗନ୍ନାଥ ପ୍ରଧାନ ନାମକ ଜଣେ ଯୁବକ ଯାହାଙ୍କ ଘର ଯାଜପୁର ଅଞ୍ଚଳରେ ସେ ପ୍ରିୟଙ୍କାଙ୍କୁ ପୂର୍ବରୁ ଜାଣିଥିଲେ ଏବଂ ତାଙ୍କୁ ଏକତରଫା ଭଲ ପାଉଥିଲେ । ଅଭିଯୁକ୍ତ ଜଗନ୍ନାଥ ହତ୍ୟାକାଣ୍ଡର ପ୍ରାୟ ୪ଦିନ ପୂର୍ବରୁ ହିଁ ଯୋଜନା ପ୍ରସ୍ତୁତ କରିଥିଲା । ଘଟଣା ଦିନ ସକାଳ ପ୍ରାୟ ୯ଟା ସମୟରେ, ଯେତେବେଳେ ପ୍ରିୟଙ୍କାଙ୍କ ସ୍ୱାମୀ ଅଫିସ ଯାଇଥିଲେ, ସେ ସୁଯୋଗ ଦେଖି ଛୁରୀ ଏବଂ ବିଷ ଧରି ପ୍ରିୟଙ୍କାଙ୍କ ଘରେ ପଶିଥିଲା । ଜଗନ୍ନାଥ ପ୍ରିୟଙ୍କାଙ୍କୁ ନିଜ ସହ ଫେରାର ହୋଇଯିବାକୁ ଏବଂ ବିବାହ କରିବାକୁ ବାଧ କରିଥିଲା, କିନ୍ତୁ ପ୍ରିୟଙ୍କା ସଫା ସଫା ମନା କରିଦେବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଓ ଧସ୍ତାଧସ୍ତି ହୋଇଥିଲା ।

## ରାସ୍ତା ସମ୍ପ୍ରସାରଣ ପାଇଁ ବଳି ପଡ଼ିବେ ୧ ହଜାର ଉଠାଦୋକାନୀ

ଭୁବନେଶ୍ୱର, ୩୦।୬(ମହାଭାରତ); ଜୟଦେବ ବିହାରରୁ ନନ୍ଦନ କାନନ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ରାସ୍ତା ସମ୍ପ୍ରସାରଣ ଫଳରେ ଦୁଇପାର୍ଶ୍ୱରେ ଥିବା ହଜାର ହଜାର ବୃକ୍ଷ ବଳି ପଡ଼ିବା ସହ ଉଭୟ ପାର୍ଶ୍ୱରେ ଦୋକାନ କରିଥିବା ପାଖାପାଖି ୧ ହଜାରରୁ ଅଧିକ ଉଠାଦୋକାନୀ ବଳି ପଡ଼ିବେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଓ ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟ ଓ ଭେଣ୍ଡିଂଜୋନ ତରଫରୁ ଏହି ଦୁଇପାର୍ଶ୍ୱରେ ଥିବା ପାଖାପାଖି ୪୦ଟି ସଂଘର ସଭାପତି, ସମ୍ପାଦକ ଓ ସଭ୍ୟମାନଙ୍କୁ ନେଇ ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପଠାରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅରୋଭାର ସଭାପତି ପ୍ରତାପ କୁମାର ସାହୁ ଯଦି ରାଜ୍ୟ ସରକାର ଉଠାଦୋକାନୀ ଆଇନ ଅନୁଯାୟୀ ଦୋକାନୀମାନଙ୍କୁ ଥଇଥାନ ନକରି ବିନା କାରଣରେ ଉଚ୍ଛେଦ କରନ୍ତି, ତେବେ ବାଧ ହୋଇ ମହାସଂଘ ରାଜରାସ୍ତାକୁ ଓହ୍ଲାଇବା ସହ ଆସନ୍ତା କର୍ପୋରେସନ ନିର୍ବାଚନରେ ଉଚିତ୍ ଜବାବ ଦିଆଯିବ ବୋଲି ଚେତାବନୀ ଦେଇଥିଲେ । ବିଏମ୍‌ସି ଉଚ୍ଛେଦ ପୂର୍ବରୁ ପ୍ରଥମେ ଥଇଥାନ କରନ୍ତୁ ଏବଂ ଯେଉଁ ଜାଗା ଚିହ୍ନଟ କରାଯାଇଛି ସେ ଜାଗାଗୁଡ଼ିକୁ ଭେଣ୍ଡିଂଜୋନ କରିବା ପାଇଁ ଅନୁମତି ପ୍ରଦାନ କରନ୍ତୁ ବୋଲି ସମ୍ପାଦକ ଦୀପକ ମହାପାତ୍ର କହିଥିଲେ।

## ରବି ଧାନ ସଂଗ୍ରହ ଅବଧି ବୃଦ୍ଧି

ଭୁବନେଶ୍ୱର, ୩୦।୬(ମହାଭାରତ): ରବି ଋତୁ ପାଇଁ ଧାନ ସଂଗ୍ରହ ଅବଧି ଜୁଲାଇ ୩ ତାରିଖ ଯାଏଁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସରକାର ରବି ଋତୁରେ ୨୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ଏଯାଏ ୧୮.୭୯ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଛି। ୫ ଜିଲ୍ଲାରେ ଧାନ ପଡ଼ି ରହିଥିବାରୁ ସରକାର ଧାନ ସଂଗ୍ରହ ଅବଧି ବୃଦ୍ଧି କରିବାକୁ ନିଷ୍ପତି ନେଇଛନ୍ତି ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର।

# ଭିମସାରର ଦୁଇ ଅଧିକାରୀଙ୍କ ଘରେ ଭିଜିଲାନ୍ସ ରେଡ୍

## ୩୦ ପ୍ଲଟ୍ ଠାବ, ଜଣଙ୍କ ଘରୁ ମିଳିଲା ନଗଦ ୧୯.୭୨ ଲକ୍ଷ

ସମ୍ବଲପୁର,୩୦।୬(ମହାଭାରତ): ସମ୍ବଲପୁରର ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର )ର ଦୁଇ ଜଣ ଅଧିକାରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ଉଭୟ ଅଧିକାରୀଙ୍କ ଏକାଧିକ ଠିକଣାରେ ଏକକାଳୀନ ଚଢ଼ାଉ କରିଛନ୍ତି ଭିଜିଲାନ୍ସ ଅଧିକାରୀ।

ଚଢ଼ାଉ ବେଳେ ଭିମସାରର ଏଷ୍ଟାବ୍ଲିସମେଣ୍ଟ ଅଫିସର-କମ୍-ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ଘରୁ ନଗଦ ୧୯ ଲକ୍ଷ ୭୨ ହଜାର ୪୯୦ ଟଙ୍କା ଜବତ କରାଯାଇଛି। ସମ୍ବଲପୁର ସହର ଉପକଣ୍ଠରେ ତାଙ୍କର ୨୦ଟି ମୂଲ୍ୟବାନ ପ୍ଲଟ୍ ଅଛି। ସମ୍ବଲପୁରର ଧନକଉଡା ଅଞ୍ଚଳରେ ତାଙ୍କର ଏକ ଦୁଇ ମହଲା କୋଠା ଅଛି, ଯାହା ପ୍ରାୟ ୧୬୫୦ ବର୍ଗଫୁଟ ଜାଗାରେ ନିର୍ମିତ ହୋଇଛି। ସେହିଭଳି ଗୁଡସିଙ୍ଗାରେ ତାଙ୍କର ଆଉ ଏକ କୋଠା ଅଛି। ତାଙ୍କର ଏହି ସବୁ ପ୍ଲଟ୍ ଓ କୋଠାର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ମାପଚୁପ ଜାରି ରହିଛି।

ଏହା ସହିତ ଧନୁର୍ଦ୍ଧର ବିଶ୍ୱାଳଙ୍କର ଗୋଟିଏ



ହାଇୱା, ୨ଟି ଟ୍ରାକ୍ଟର, ଗୋଟିଏ କାର ଓ ୩ଟି ଦୁଇ ଚକିଆ ଗାଡି ଅଛି। ତାଙ୍କ ଘରୁ ଅନେକ ସୁନାଗହଣା ମିଳିଛି (ଓଜନ କଲା ପରେ ମୂଲ୍ୟ ଜଣାପଡିବ)। ବ୍ୟାଙ୍କ ଓ ଡାକଘରେ ସେ ଟଙ୍କା ଜମା ରଖିଥିବା ବେଳେ ଅନ୍ୟାନ୍ୟ ନିବେଶ କରିଛନ୍ତି। ଏନେଇ ଖୋଳତାଡ ଜାରି ରହିଛି। ତାଙ୍କର ଆହୁରି ଅନେକ ସଂପତ୍ତି ଥିବା ଭିଜିଲାନ୍ସ ସନ୍ଦେହ କରୁଥିବା ବେଳେ ଚାଉ ଜାରି ରହିଛି।

ସେହିପରି ଭିମସାରର ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟର ଷ୍ଟିୱାର୍ଡ ଅଶ୍ୱିନୀ ମେହେରଙ୍କ ଘରେ ଚଢ଼ାଉ ବେଳେ ଭିଜିଲାନ୍ସ ପାଇଛି ବହୁ ସଂପତ୍ତି। ଶ୍ରୀ ମେହେର ଓ ତାଙ୍କ ପରିବାର ଲୋକଙ୍କ ନାଁରେ ବୁର୍ଲାର ସୌରଭ ବିହାରରେ ଗୋଟିଏ ୪ ମହଲା କୋଠା ରହିଛି। ଏହା ପ୍ରାୟ ୬୫୦୦ ବର୍ଗଫୁଟ ଜାଗାରେ ରହିଥିବା ବେଳେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ବୁର୍ଲା ସହରର କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ତାଙ୍କର ଏକ କୋଠା ରହିଛି। ବୁର୍ଲାରେ ତାଙ୍କର ଏକ ଷ୍ଟୋର ରୁମ୍ ଥିବା ବେଳେ ବରଗଡ ଜିଲ୍ଲାର ଗୋବିନ୍ଦପାଲିରେ ତାଙ୍କର ଆଉ ଏକ କୋଠା ଅଛି ।ଶ୍ରୀ ମେହେର ଓ ତାଙ୍କ ପରିବାର ଲୋକଙ୍କ ନାଁରେ ୧୦ଟି ମୂଲ୍ୟବାନ ପ୍ଲଟ୍ ଅଛି। ସେଥିରୁ ୬ଟି ବୁର୍ଲା ସହରରେ ଥିବା ବେଳେ ୨ଟି ସମ୍ବଲପୁର ଓ ୨ଟି ବରଗଡ ସହରରେ ଅଛି। ଏହି ସବୁ କୋଠା ଓ ପ୍ଲଟ୍‌ଗୁଡିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ମାପଚୁପ ଜାରି ରହିଛି।

ଏହାବାଦ୍ ଶ୍ରୀ ମେହେର ବ୍ୟାଙ୍କ ଓ ଡାକଘରେ ଟଙ୍କା ଜମା ରଖିଥିବା ବେଳେ ଅନ୍ୟାନ୍ୟ ନିବେଶ କରିଛନ୍ତି। ଏନେଇ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଜାରି ରହିଛି। ତାଙ୍କର ଏକ ଦୁଇ ଚକିଆ ଗାଡି ଅଛି। ସେ ଆହୁରି ବହୁତ ସଂପତ୍ତି ରଖିଥିବା ଭିଜିଲାନ୍ସ ପକ୍ଷରୁ ସନ୍ଦେହ କରାଯାଉଥିବା ବେଳେ ଚଢ଼ାଉ ଜାରି ରହିଛି।

## ଭିଜିଲାନ୍ସ କୋର୍ଟରେ ସଜା ପାଇଲେ ସିମେଂଟ ହେରଫେର କରିଥିବା ଷ୍ଟୋର କିପର

କେନ୍ଦୁଝର, ୩୦।୬(ମହାଭାରତ): ଆଜି କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ୨୦୦୫/୦୬ ମସିହାରେ ଚମ୍ପୁଆ ବ୍ଲକରେ ଷ୍ଟୋର ଇନଚାର୍ଜ ମହେଶ୍ୱର ଗିରିଙ୍କୁ ୪୬୫୩୯୮ ଟଙ୍କାର ସିମେଂଟ ହେରଫେର ମାମଲାରେ ରାୟ ଶୁଣାଇଛନ୍ତି।

ମହେଶ୍ୱର ଗିରିଙ୍କୁ ଦୁଇବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଲେ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ। ଏହାସହ ଦଶ ହଜାର ଟଙ୍କା ଜୋରିମାନା ଏବଂ ଅନାଦେୟ ତିନିମାସ ଜେଲ୍ ଦଣ୍ଡାଦେଶ ।ମହେଶ୍ୱର ଗିରି ନାମରେ ୨୦୧୩ ମସିହାରେ କେସ୍ ରୁଜୁ କରିଥିବାବେଳେ ଆଜି ସତର ଜଣ ସାକ୍ଷ୍ୟ ପ୍ରମାଣ ଆଧାରରେ ଏହି ରାୟ ଶୁଣାଇଛନ୍ତି ବିଚାରପତି। ପ୍ରକାଶ ଯେ ମହେଶରଙ୍କ ପୂର୍ବରୁ ଶରତ ଚନ୍ଦ୍ର ନନ୍ଦ ସିନିୟର୍ କ୍ଲର୍କଙ୍କ ନାମରେ ମଧ୍ୟ କେସ ରୁଜୁ ହୋଇଥିବା ବେଳେ ତାଙ୍କୁ ଗତ ମେ'୨୬ ତାରିଖରେ ସଜା ଶୁଣାଯାଇଛି। ଭିଜିଲାନ୍ସ ବିଭାଗ ମହେଶ୍ୱର ଗିରିଙ୍କ ନାମରେ ୫୧/୨୦୧୩ କେସ ରୁଜୁ କରିଥିଲା। ଏହି କେସ୍‌କୁ ପିପି ବଳଭଦ୍ର ନନ୍ଦ, ବିଶ୍ୱଜିତ୍ କୁମାର ପରିଚାଳନା କରିଥିଲେ।

## ସାରା ରାଜ୍ୟରେ ମୌସୁମୀ ସକ୍ରିୟ

ଭୁବନେଶ୍ୱର,୩୦।୬(ମହାଭାରତ): ଓଡ଼ିଶାରେ କିଛିଦିନ ଧରି ଦୁର୍ବଳ ରହିଥିବା ମୌସୁମୀ ବର୍ଷା ପୁଣି ଜୋର ଧରିବଛି। ଜୁଲାଇ ୧ରୁ ରାଜ୍ୟରେ ମୌସୁମୀ ସକ୍ରିୟ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଛି। ବୁଧବାରଠାରୁ ରବିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।ଆଇଏମଡି ସୂଚନା ଅନୁସାରେ, ବୁଧବାର ବରଗଡ଼, ମୟୂରଭଞ୍ଜ, ସୁବର୍ଣ୍ଣପୁର ଓ ବଲାଙ୍ଗିର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ୬୪.୫ ମିଲିମିଟରରୁ ୨୦୪.୪ ମିଲିମିଟର ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ଗୁରୁବାର ମୟୂରଭଞ୍ଜରେ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ସୁନ୍ଦରଗଡ଼, କେନ୍ଦୁଝର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି।

ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଏହି ସପ୍ତାହରେ ମୌସୁମୀ ବର୍ଷା ସକ୍ରିୟ ରହିବ। ଏହାସହ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବାରୁ ବର୍ଷାର ପରିମାଣ ଆହୁରି ବଢ଼ିପାରେ ।ଅନ୍ୟପଟେ, ଜୁନ୍ ମାସରେ ରାଜ୍ୟରେ ମୌସୁମୀ ବର୍ଷା ଆଶାନୁରୂପ ହୋଇନଥିଲା। ଜୁନ୍ ୨୩ରୁ ୨୯ ତାରିଖ ମଧ୍ୟରେ ରାଜ୍ୟରେ ସାମଗ୍ରିକ ଭାବେ ୬୦ ପ୍ରତିଶତ ବର୍ଷା ରେକର୍ଡ କରାଯାଇଛି। ଏହି ସମୟରେ ୧୮ଟି ଜିଲ୍ଲାରେ ୬୦ ପ୍ରତିଶତରୁ ଅଧିକ ବର୍ଷା ଅଭାବ ଦେଖାଯାଇଥିବାବେଳେ ୧୧ଟି ଜିଲ୍ଲାରେ ୨୦ରୁ ୫୯ ପ୍ରତିଶତ ପର୍ଯ୍ୟନ୍ତ ବର୍ଷା ଅଭାବ ରହିଛି। କେବଳ ଗୋଟିଏ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଛି। ସର୍ବାଧିକ ବର୍ଷା ଅଭାବ ଥିବା ଜିଲ୍ଲା ମଧ୍ୟରେ ଅନୁଗୁଳ, କଟକ, ଜଗତସିଂହପୁର, ପୁରୀ, କଳାହାଣ୍ଡି, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ରହିଛି। ତେବେ ଜୁଲାଇ ପ୍ରଥମ ସପ୍ତାହରେ ବର୍ଷା ବଢ଼ିବା ସହ ଏହି ଅଭାବ କିଛିମାତ୍ରାରେ ପୂରଣ ହେବ ବୋଲି ପାଣିପାଗ ବିଶେଷଜ୍ଞମାନେ ଆଶା ପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଗଲେ ୬ ଓଏସଏସ୍ ଅଫିସର

ଭୁବନେଶ୍ୱର,୩୦।୬(ମହାଭାରତ): : ରାଜ୍ୟ ସରକାର ଆଜି ପ୍ରଶାସନିକସ୍ତରରେ ଅଦଳବଦଳ କରିଛନ୍ତି। ଆଜିଠୁ ୩ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱରେ ରହିବେ ୧୯୯୮ ବ୍ୟାଚ୍ ଆଇଏଏସ୍ ସୁରେଶ ବଶିଷ୍ଟ। ଏହାସହିତ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ଓଡିଶା ସଚିବାଳୟ ସେବା କ୍ୟାଡର(ଓଏସଏସ)ର ୬ଜଣ ଅଫିସରଙ୍କୁ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ)ରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୯୩ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ଆଜି ଅବସର ନେଉଥିବାରୁ ତାଙ୍କ ସ୍ଥାନରେ ଆଇଏଏସ୍ ସୁରେଶ ବଶିଷ୍ଟଙ୍କୁ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର




ପ୍ରମୁଖ ସଚିବ ଶ୍ରୀ ବଶିଷ୍ଟ ଆଜି ଅପରାହ୍ନରୁ ଅତିରିକ୍ତ ଭାବେ ସଂସଦୀୟ ବ୍ୟାପାର ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ତୁଲାଇବେ।

ସେହିପରି ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟର ୬ଜଣ ଓଏସ୍‌ଏସ କ୍ୟାଡର ଅଫିସରଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ଅନୁସଚିବ ହବିବ ମୋହନ ମୁର୍ମୁ , ସୂଚନା ଓ ଲୋକସମ୍ପର୍କ ବିଭାଗର ସେକ୍ସନ ଅଫିସର ଶଶାଙ୍କ ଶେଖର ନାୟକଙ୍କ ସମେତ ଅନ୍ୟ ୪ଜଣ ଏଏସଓ ଅନୀଲ ଅଧିକାରୀ,ବିଶ୍ୱକଲ୍ୟାଣ ପଟ୍ଟନାୟକ ପ୍ରଭାସ ବେହରାମାଳି ଓ ପ୍ରୀତମ ନାୟକଙ୍କୁ ମଧ ସିଏମଓକୁ ବଦଳି ହୋଇଛି।

ଏହି ଓଏସଏସ୍ କ୍ୟାଡର ଅଫିସରମାନଙ୍କୁ ତୁରନ୍ତ ଦାୟିତ୍ୱମୁକ୍ତ କରିବାକୁ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଫଳରେ ସେମାନେ ବିଳମ୍ବ ନକରି ସିଏମଓରେ ନିଜର ନୂଆ ଦାୟିତ୍ୱ ଗ୍ରହଣ କରିବେ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଏସଏସ୍ କ୍ୟାଡର ଅଫିସରମାନଙ୍କର ଆବଶ୍ୟକତା ଥିବା ନେଇ ଜୁନ୍ ୨୪ତାରିଖରେ ଗୃହ ବିଭାଗକୁ ସୂଚିତ କରାଯାଇଥିଲା। ଆଉ ଉକ୍ତ ନିର୍ଦ୍ଦେଶନାମା ଆଧାରରେ ଗୃହ ବିଭାଗ ଜୁନ୍ ୨୯ତାରିଖରେ ଏହି ଅଫିସରମାନଙ୍କୁ ସିଏମଓରେ ନିଯୁକ୍ତି ଦିଆଯାଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଓଏସଡି ତଥା ସ୍ୱତନ୍ତ୍ର ସଚିବ ପ୍ରସନ୍ନ କୁମାର ଷଡଙ୍ଗୀଙ୍କୁ ଅବଗତ କରିଥିବା ଜଣାପଡିଛି।

# ଛାତ୍ର ବାହାରିଲେ ହତ୍ୟା ଅଭିଯୁକ୍ତ

**ଖଣ୍ଡଗିରି ଡବଲ୍ ମର୍ଡର ଘଟଣାର ପର୍ଦ୍ଦାଫାଶ**

ଭୁବନେଶ୍ୱର,୩୦।୬(ମହାଭାରତ): ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ କୋଳଥିଆରେ ହୋଇଥିବା ଡବଲ୍ ମର୍ଡର୍ ଘଟଣାରେ ଚାଞ୍ଚଲ୍ୟକର ଖୁଲାସା ହୋଇଛି । ଦୁଇ ବାପା ଓ ପୁଅଙ୍କ ହତ୍ୟା ମାମଲାରେ ଦୁଇ ଜଣ ନାବାଳକ ସମ୍ପୃକ୍ତ ଅଛନ୍ତି । ବିଦ୍ୟାଳୟର ନାବାଳକ ଛାତ୍ର ଏହି ହତ୍ୟାକାଣ୍ଡ ଭିଆଇଛନ୍ତି । ଏହା ଏକ ସୁଚିନ୍ତିତ ହତ୍ୟା ଷଡ଼ଯନ୍ତ୍ର ବୋଲି ମଙ୍ଗଳବାର ଦିନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ । ପୋଲିସ କମିଶନରଙ୍କ ସୂଚନା ମୁତାବକ, କୋଳଥିଆ ବାପା-ପୁଅ ହତ୍ୟାକାଣ୍ଡରେ ଦୁଇ ଜଣ ସ୍କୁଲ ଛାତ୍ର ମୁଖ୍ୟ ଅଭିଯୁକ୍ତ ଅଟନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଦଶମରେ ପାଠ ପଢୁଥିବାବେଳେ ଅନ୍ୟ ଜଣେ ଯୁକ୍ତ ଦୁଇରେ ପାଠ ପଢୁଛନ୍ତି । ଉଭୟଙ୍କ ବିରୁଦ୍ଧରେ କୌଣସି ଅପରାଧିକ ମାମଲା ନ ଥିଲେ ମଧ୍ୟ ଏହା ଏକ ସୁଚିନ୍ତିତ ହତ୍ୟା ଷଡ଼ଯନ୍ତ୍ର।

କୋଳଥିଆର ହିମାଂଶୁ ପାଢ଼ୀ ଏବଂ କୃଷ୍ଣଚନ୍ଦ୍ର ପାଢ଼ୀଙ୍କ ହତ୍ୟାକାଣ୍ଡକୁ ପ୍ରଥମେ ଲୁଟ୍ କିମ୍ବା ଜମିଜମାକୁ ନେଇ ହୋଇଥିବା ସନ୍ଦେହ କରାଯାଉଥିଲା । କିନ୍ତୁ ସେମାନଙ୍କର କୌଣସି ସେପରି ଧନ ସମ୍ପତ୍ତି ନ ଥିଲା ଏବଂ ସେମାନେ ଅତି ଗରିବ ଶ୍ରେଣୀର, ସେଥିପାଇଁ ପୋଲିସ ନିଜର ତଦନ୍ତର ଦୀଗକୁ ଆହୁରୀ ଶାଣିତ କରିଥିଲା । ଏକ ଯୁବତୀଙ୍କୁ ହଇରାଣ କରିବାକୁ ନେଇ ହତ୍ୟାକାଣ୍ଡ ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା । ମୃତ କୃଷ୍ଣଚନ୍ଦ୍ର ପାଢ଼ୀ ବି.ଏସସି ଦ୍ୱିତୀୟ ବର୍ଷର ଛାତ୍ର ଥିଲେ । ଜଣେ ଯୁବତୀଙ୍କୁ ସେ ହଇରାଣ କରୁଥିବା ନେଇ ଅଭିଯୁକ୍ତଙ୍କ ସହିତ ତାଙ୍କର ଦୀର୍ଘ ଏକ ବର୍ଷ ହେବ ବିବାଦ ରହିଥିଲା । ଛାତ୍ରଙ୍କର ଜଣେ ସମ୍ପର୍କୀୟ ଝିଅକୁ କୃଷ୍ଣ ହଇରାଣ କରୁଥିଲେ । ଯେଉଁଥିପାଇଁ ଏହି ହତ୍ୟାକାଣ୍ଡ ଘଟିଛି । ରବିବାର ରାତିରେ ଉଭୟ ଛାତ୍ର ମୃତ କୃଷ୍ଣଚନ୍ଦ୍ର ପାଢ଼ୀଙ୍କ ଘରକୁ ଲଙ୍କା ଗୁଣ୍ଡ ଏବଂ ଲୁହା ରଡ୍ ନେଇ ଯାଇଥିଲେ । ସେମାନେ ମୁଖା ପିନ୍ଧିଥିଲେ । କୃଷ୍ଣଙ୍କ ଘର କବାଟ ବାଡ଼ ?ଇବା ପରେ ଅତର୍କିତ ଆକ୍ରମଣ କରିଥିଲେ । ତେବେ ଉଭୟ ହତ୍ୟା କରିବାକୁ ଯୋଜନା ରଖିନଥିଲେ ବୋଲି ପୋଲିସ ନିକଟରେ ସଫେଇ ଦେଇଛନ୍ତି । କିନ୍ତୁ ଯେହେତୁ ସେମାନେ ଲଙ୍କା ଗୁଣ୍ଡ, ମୁଖା ଏବଂ ଲୁହା ରଡର ବ୍ୟବହାର କରିଥିଲେ ତେଣୁ ଏହା ଏକ ହତ୍ୟା ଷଡ଼ଯନ୍ତ୍ର ବୋଲି ପୋଲିସ କମିଶନର୍ କହିଛନ୍ତି । ଉଭୟ ଅଭିଯୁକ୍ତ ଛାତ୍ରଙ୍କୁ ଗିରଫ କରି ଜୁଭେନାଇଲ୍ କୋର୍ଟକୁ ପଠାଇ ଦିଆଯାଇଛି । ଏହା ପରେ ସେମାନଙ୍କୁ ସୁଧାର ଗୃହକୁ ପଠାଯିବ ବୋଲି ସିପି କହିଛନ୍ତି ।

ଉଲ୍ଲେଖ ଯୋଗ୍ୟ, ରବିବାର ରାତିରେ ହିମାଂଶୁ ପାଢ଼ୀ, ପୁଅ କୃଷ୍ଣ ଏବଂ ଝିଅ ତାପସୀ ଶୋଇଥିଲେ । ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ଦୁଇ ଜଣ ଦୁର୍ବୃତ୍ତ ଆସି କବାଟ ବାଡ଼େଇଥିଲେ । କବାଟ ଖୋଲିବା କ୍ଷଣି ସେମାନେ କୃଷ୍ଣଚନ୍ଦ୍ରଙ୍କୁ ଲୁହା ରଡ଼ରେ ପ୍ରବଳ ପିଟିଥିଲେ । ପୁଅକୁ ବଞ୍ଚାଇବାକୁ ଯାଇ ହିମାଂଶୁ ଏବଂ ତାଙ୍କ ଝିଅ ଆକ୍ରମଣର ଶୀକାର ହୋଇଥିଲେ । ସ୍ଥାନୀୟ ଲୋକେ ତିନି ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲେ । ମାତ୍ର ଡାକ୍ତର ପ୍ରଥମେ କୃଷ୍ଣଚନ୍ଦ୍ର ପାଢୀଙ୍କୁ ମୃତ ଘୋଷଣା କରିଥିଲେ । ପରେ ଆଜି ସକାଳେ ହିମାଂଶୁ ପ୍ରାଣ ହରାଇଛନ୍ତି । ଭଉଣୀ ମଧ୍ୟ ଚିକିତ୍ସାଧୀନ ଅଛନ୍ତି ।

## ପେଟ୍ରୋଲରେ ୨୦% ଇଥାନଲ ମିଶ୍ରଣ ଏକ ପରୀକ୍ଷଣ

ନୂଆଦିଲ୍ଲୀ, ୩୦।୬(ମହାଭାରତ): ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ (ଇ-୨୦) ପ୍ରକ୍ରିୟା ବର୍ତ୍ତମାନ ସୁଦ୍ଧା ଏକ ଚଳିତ ପରୀକ୍ଷଣ ପର୍ଯ୍ୟାୟରେ ରହିଛି ଏବଂ ଆସନ୍ତା ବର୍ଷ ସୁଦ୍ଧା ଏହାର ପ୍ରକୃତ ପ୍ରଭାବ ସ୍ପଷ୍ଟ ହେବ ବୋଲି ମଙ୍ଗଳବାର ଦିନ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। କର୍ଣ୍ଣାଟକ ହାଇକୋର୍ଟଙ୍କ ଏକ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସରକାରୀ ତୈଳ କମ୍ପାନି ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (ବିପିସିଏଲ୍) ପକ୍ଷରୁ ଦାଖଲ ହୋଇଥିବା ଏକ ଆବେଦନର ଶୁଣାଣି ବେଳେ ଆଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣି ଏହି ସୂଚନା ଦେଇଛନ୍ତି। ଏହି ମିଶ୍ରଣ ପ୍ରକ୍ରିୟା ଦ୍ୱାରା ପୁରୁଣା ଗାଡ଼ିଗୁଡ଼ିକ ନଷ୍ଟ ହେବା ସହ ମାଇଲେଜ୍ କମିଯିବାର ଆଶଙ୍କା ନେଇ ଦେଶରେ ଚାଲିଥିବା ଚର୍ଚ୍ଚା ମଧ୍ୟରେ ସରକାରଙ୍କ ଏହି ସ୍ପଷ୍ଟିକରଣ ସାମ୍ନାକୁ ଆସିଛି। ତେବେ ଇଥାନଲ ମିଶ୍ରଣ ଯୋଗୁଁ ଗାଡ଼ିର କୌଣସି ଯାନ୍ତ୍ରିକ କ୍ଷତି ହେବାର ସ୍ପଷ୍ଟ ପ୍ରମାଣ ନାହିଁ ଏବଂ ଏହି ନୀତି ଦେଶର ଶକ୍ତି ସୁରକ୍ଷା, ଚାଷୀ ଓ ପରିବେଶ ପାଇଁ ବେଶ୍ ଲାଭଦାୟକ ବୋଲି ସରକାର ଦାବି କରିଛନ୍ତି ।ଶୁଣାଣି ସମୟରେ ଆଟର୍ଣ୍ଣି ଜେନେରାଲ କୋର୍ଟଙ୍କୁ କହିଛନ୍ତି ଯେ ୨୦ ପ୍ରତିଶତ ଇଥାନଲ ମିଶ୍ରଣକୁ ନେଇ ସରକାର ବର୍ତ୍ତମାନ ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି ଏବଂ ଆସନ୍ତା ବର୍ଷ ସୁଦ୍ଧା ଏହାର ପରିଣାମ ହସ୍ତଗତ ହେବ। ପରେ ସେ ସ୍ପଷ୍ଟ କରିଛନ୍ତି ଯେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶାଇବା ସରକାରଙ୍କ ଏକ ସ୍ଥାୟୀ ନୀତିଗତ ନିଷ୍ପତ୍ତି ଏବଂ ଏଥିରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ, କେବଳ ଚାହିଦା ମୁତାବକ ବିଭିନ୍ନ କମ୍ପାନିକୁ ଏହାର ଯୋଗାଣ ପରିମାଣ କମ୍ କିମ୍ବା ବେଶି ହୋଇପାରେ।




# ଚିକେନ ଲଲିପପ

**ଆବଶ୍ୟକ ସାମଗ୍ରୀ:** ଚିକେନ, ସୋୟା ସସ, ଚିଲି ସସ, ଟମାଟୋ କ୍ୟାଚଅପ୍, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର, ମଇଦା, ଚିଲି ଫ୍ଲେକ୍ସ, ସ୍ପ୍ରିଙ୍ଗ ଓନିଅନ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ବାଉଲରେ ସୋୟା ସସ, ଚିଲିସସ, ଟମାଟୋ କ୍ୟାଚଅପ, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର ଓ ମଇଦା, ଲୁଣକୁ ମିଶାଇ ଏକ ଭଲ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ସେଥିରେ ଚିକେନକୁ ମ୍ୟାରିନେଟ କରି ଗୋଟିଏ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ଏକ କଢ଼େଇରେ ତେଲ ଗରମ କରି ଚିକେନକୁ ଫ୍ରାଏ କରି ରଖନ୍ତୁ। ଏବେ ଆଉ ଏକ ପ୍ୟାନରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ଯାଇଥିବା, ଅଦା, ରସୁଣ, ଚିଲି ଫ୍ଲେକ୍ସ, ଚିଲି ସସ, ସୋୟା ସସ, ଟମାଟୋ କ୍ୟାଚଅପ୍, ଲୁଣ ମିଶାଇ ଗୋଳାନ୍ତୁ। ଅଳ୍ପ କିଛି ପାଣି ମିଶାନ୍ତୁ। ଏହାପରେ ସେଥିରେ ଛଣା ଯାଇଥିବା ଚିକେନ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ କିଛି ସ୍ପ୍ରିଙ୍ଗ ଓନିଅନ ପକାନ୍ତୁ। ଏଥର ଚିକେନ ଲଲିପପ ପ୍ରସ୍ତୁତ ହୋଇଗଲା।



## ପରଦା ଖବର

# ମା ହେବାକୁ ଚାହୁଁନଥିଲେ ଆକାଂକ୍ଷା, ସାମ୍ନାକୁ ଆସିଲା ଛାଡ଼ପତ୍ରର ଅସଲ କାରଣ



ଅଲଗା ହେଲେ ଟିଭି ଅଭିନେତ୍ରୀ ଆକାଂକ୍ଷା ଚମୋଲା ଏବଂ ଗୌରବ ଖାନ୍ନା । ଦୁହିଁଙ୍କର ଛାଡ଼ପତ୍ର ନେଇ ମାମଲା ଚାଲିଛି । ଦୁହେଁ ଗତ ବର୍ଷେ ହେଲାଣି ଅଲଗା ରହୁଛନ୍ତି । ଶୁଣିବାକୁ ମିଳୁଛି ଯେ, ଗୌରବ ପିଲା ଚାହୁଁଥିବା ବେଳେ ଆକାଂକ୍ଷା ପିଲା ଚାହୁଁନଥିଲେ । ବାହାଘର ୧୦ ବର୍ଷ ହେବା ପରେ ମଧ୍ୟ କୌଣସି ପିଲାଛୁଆ ନଥିବାରୁ ଗୌରବ ଏବଂ ଆକାଂକ୍ଷା ଏଭଳି ନିଷ୍ପତ୍ତି ନେଇଛନ୍ତି ।ଅଭିନେତ୍ରୀ ଆକାଂକ୍ଷା ଶୋ ଲକ୍‌ଅପରେ ନଜର ଆସିଛନ୍ତି । ଶୋକୁ ଆସି ନିଜ ଛାଡପତ୍ର ମାମଲାକୁ ନେଇ ଖୁଲାସା କରିଛନ୍ତି । ଶୋରେ କହିଛନ୍ତି କି, ତାଙ୍କର ଏବଂ ଗୌରବଙ୍କର ଛାଡପତ୍ର ଚାଲିଛି । ଗତ ବର୍ଷେ ହେଲାଣି ଦୁହେଁ ଅଲଗା ରହୁଛନ୍ତି । ଶୋରେ ଆକାଂକ୍ଷା ଛାଡପତ୍ରର କାରଣ କହିଛନ୍ତି ।ଅଭିନେତ୍ରୀଙ୍କ କହିବା ଅନୁଯାୟୀ, ମୁଁ କେବେ ବି ମା ହେବାକୁ ଚାହୁଁନଥିଲି, କିନ୍ତୁ ମା ହେବାର ଅନୁଭବ ନେବାକୁ ଇଚ୍ଛା ଥିଲା । କିନ୍ତୁ ପରେ ଅନୁଭବ କଲି କି ମା' ହେବା ମୋ ପାଇଁ ଠିକ୍ ନୁହେଁ ଗୌରବ ମଧ୍ୟ ମୋ ସହିତ ଏକମତ ଥିଲେ । କିନ୍ତୁ ସମୟ ସହିତ ତାଙ୍କ ମନ ପରିବର୍ତ୍ତନ ହୋଇଥିଲା । ଗୌରବ ପିଲା ଚାହୁଁଥିବା ବେଳେ ମୋର ଇଚ୍ଛା ନଥିଲା । ଏକଥା ଗୌରବ ଭଲଭାବେ ଜାଣିଥିଲେ । ମୁଁ ବି ଗୌରବଙ୍କୁ ମନା କରିଦେଇଥିଲି । ଆମ ଦୁହିଁଙ୍କ ଇଚ୍ଛାରେ ହିଁ ମୁଁ ଗୌରବଙ୍କୁ ମୋତେ ଛାଡିବା ପାଇଁ କହିଥିଲି ୟଆକାଂକ୍ଷା ଏବଂ ଗୌରବଙ୍କ ବିବାହ ୨୦୧୬ରେ ହୋଇଥିଲା । ବିଗବସ୍ ୧୯ରେ ଦୁହିଁଙ୍କ ଯୋଡିକୁ ଦେଖି ଫ୍ୟାନ୍ସ ବେଶ୍ ଖୁସି ହୋଇଥିଲେ ।

# ଅନନ୍ୟ ପର୍ଯ୍ୟଟନସ୍ଥଳୀ ମଣ୍ଡନଗିରୀ

ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ସଂପୁରସ୍ଥିତ ମଣ୍ଡନଗିରୀ ହେଉଛି ସର୍ବପୁରାତନ ରଘୁନାଥଙ୍କ ବିଜେସ୍ଥଳୀ। କାହିଁ କେଉଁ କାଳରୁ ରହି ଆସିଛି ଏହି ମନ୍ଦିରର ଐତିହାସିକ କିମ୍ବଦନ୍ତୀ। ପ୍ରକୃତି ରାଣୀ ସତେ ସଜାଇ ଦେଇଛି ଏହି ମନୋରମ ପର୍ବତମାଳା, ଝରଣାର କୁଳୁକୁଳୁ ନାଦ, ଚଢେଇର କିଚିରିମିଚିରି ଶବ୍ଦ ଓ ଭକ୍ତମାନଙ୍କର ମାନସିକ ପୁରଣ ହେବାର ସମ୍ପୁର୍ଣ୍ଣ ବିଶ୍ୱାସ। ସେଇଥି ପାଇଁ ବର୍ଷକ ବାର ମାସ ହଜାର ହଜାର ଶ୍ରଦ୍ଧାଳୁ ଏହି ସ୍ଥାନକୁ ଆସିଥାନ୍ତି। ସମୁଦ୍ର ପଉନ ଠାରୁ ୧୨ ଶହ ଫୁଟରେ ଜଳ ପୂର୍ଣ୍ଣ ପୁଷ୍କରୀଣୀ ଅତ୍ୟନ୍ତ ମନୋରମ। ମନ୍ଦରର ପୂର୍ବ ପାର୍ଶ୍ୱରେ ଠାକୁରଙ୍କ ପାଦ ଚିହ୍ନ, ବିଚାରସ୍ଥଳୀ, କାଶିଆକପିଳା ପାହାଡ, ସିଦ୍ଧ ଗୁମ୍ଫା, କିଆଝର, ବାଘ ଗୁମ୍ଫା ଭଳି ବିଭିନ୍ନ କିମ୍ବଦନ୍ତୀ ଏଠାରେ ଦେଖିବାକୁ ମିଳେ। ବର୍ତ୍ତମାନର ଆଧୁନିକ ଯୁଗରେ ସେଲିଫି ନେବା ପାଇଁ ବହୁ ଯୁବ ବର୍ଗଙ୍କ ପେଣ୍ଠସ୍ଥଳୀ ପାଲଟିଛି ଏହି ମଣ୍ଡନଗିରୀ ପର୍ବତମାଳା। ପର୍ଯ୍ୟଟନର ମାନ୍ୟତା ପାଇଥିଲେ ମଧ୍ୟ ଏଠାରେ ବହୁ ସମସ୍ୟା ଦେଖା ଦେଇଛି। ଏହି ସମସ୍ୟା ଗୁଡିକ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସଞ୍ଜୟ ସ୍ୱାଇଁ, ଅବିନାଶ ମହାନ୍ତି, ସାମ୍ବାଦିକ ନିରଞ୍ଜନ ପଟ୍ଟନାୟକ, ପ୍ରଦୀପ ମହଲା, ପୁର୍ଣ୍ଣଚନ୍ଦ୍ର ଲେଙ୍କା, ଶେଷଦେବ ସ୍ୱାଇଁ, ପ୍ରଦିପ୍ତ ଘଡେଇ, ମାନସ ଲେଙ୍କା ତଥା ସମାଜସେବୀ ଓ ସଂପୁର ଗ୍ରାମବାସୀ ଦାବି ଜଣାଇଛନ୍ତି।



# କେବେ ଶୁଭିଥିଲା ଶ୍ରୀକୃଷ୍ଣଙ୍କ ଶେଷ ବଂଶୀସ୍ୱନ ?

ରାଧା-କୃଷ୍ଣଙ୍କ ପ୍ରେମ କାହାଣୀକୁ ଆତ୍ମା ସହ ପରମାତ୍ମାଙ୍କ ମିଳନ ବୋଲି କୁହାଯାଏ। ଯେବେ ବି ପବିତ୍ର ପ୍ରେମର ଉଦାହରଣ ଦିଆଯାଏ, ସେତେବେଳେ ପୁରାଣବର୍ଣ୍ଣିତ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ଅନାବିଳ ପ୍ରେମ କାହାଣୀ ହିଁ କୁହାଯାଏୟ ଗୋପପୁରରେ ରାଧା-କୃଷ୍ଣଙ୍କ ପ୍ରେମକୁ ନେଇ ଅନେକ ବର୍ଣ୍ଣନା ପୁରାଣରେ ରହିଛି। ସେହି ବର୍ଣ୍ଣନା ଅନୁସାରେ ରାଧା-କୃଷ୍ଣଙ୍କ ଏହି ମିଳନରେ ପ୍ରମୁଖ ଭୂମିକା ନେଇଥିଲା ବଂଶୀ। ତେଣୁ ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ ଥିଲା ବଂଶୀ। ଗୋଟିଏ ମୁହୂର୍ତ୍ତ ବି ସେ ବଂଶୀକୁ ନିଜ ପାଖରୁ ଅଲଗା କରୁ ନ ଥିଲେ। କୁହାଯାଏ, ଶ୍ରୀରାଧାଙ୍କ ପରେ ବଂଶୀ ହିଁ ଥିଲା ଶ୍ରୀକୃଷ୍ଣଙ୍କ ପ୍ରିୟତମ। ଏହି ବଂଶୀର ସ୍ୱର ଶୁଣି ହିଁ ରାଧା ତାଙ୍କ ପାଖକୁ ପାଗଳି ପରି ଧାଇଁ ଆସୁଥିଲେ। ତେଣୁ ଶ୍ରୀକୃଷ୍ଣ ବଂଶୀକୁ କେବେ ବି ନିଜ ପାଖରୁ ଦୂରେଇ ରଖୁ ନଥିଲେ। କାହ୍ନାଙ୍କର ପ୍ରିୟ ଏହି ବଂଶୀକୁ ହିଁ ପ୍ରେମର ପ୍ରତୀକ ବୋଲି କୁହାଯାଏ।




# କାଶ୍ମୀରର ପାରମ୍ପରିକ ଖାଦ୍ୟ



କେତେକ ପାରମ୍ପରିକ ଖାଦ୍ୟ କାଶ୍ମୀରରେ ଖୁବ ପ୍ରସିଦ୍ଧ। ଆସନ୍ତୁ ଜାଣିବା ସେହି ଖାଦ୍ୟ ବିଷୟରେ...

କାଶ୍ମୀର ପଲାଉ : ଏଠାରେ ପ୍ରସ୍ତୁତ ହେଉଥିବା କାଶ୍ମୀର ପଲାଉ ସୁନ୍ଦର ବାସ୍ନାର ବାସୁମତୀ ଚାଉଳକୁ କ୍ଷୀର, ଚିନି ଓ ଡ୍ରାଏ ଫ୍ରୁଟ୍ସକୁ ପକାଇ ପ୍ରସ୍ତୁତ କରାଯାଏ। ଖାଇବାକୁ ଏହା ଖୁବ ସୁଆଦିଆ।

ଆମିଷ ପ୍ରେମୀ ମାନେ ସାଧାରଣତଃ ବାସୁମତୀ ଚାଉଳରେ ମଟନ ପକାଇ ପଲାଉ ପ୍ରସ୍ତୁତ କରି ଖାଇଥାଆନ୍ତି।

ନଦର ୟଖନା : ଏହା ଏକ ଶାକାହାରୀ କାଶ୍ମୀର ବ୍ୟଞ୍ଜନ ଅଟେ। ଏହା ଦହି, ଅଦା, ତେଜପତ୍ର ଆଦି ପକାଇ ଏହାକୁ ପ୍ରସ୍ତୁତ କରାଯାଏ। ଖାଇବାକୁ ଏହା ଖୁବ ସୁଆଦିଆ।

ୟୋଗର୍ଟ କରୀ :
ଦହି ସହ ଗୋଲମରିଚ, ଗୁଜୁରାତି, ପିଆଜ ବଟା ଆଦି କେତେ ପ୍ରକାର ଦ୍ରବ୍ୟକୁ ମିଶାଇ ଏହାକୁ ପ୍ରସ୍ତୁତ କରାଯାଏ। ଏହା ଖୁବ ସ୍ୱାଦିଷ୍ଟ ଓ ଏହାର ବାସ୍ନା ମଧ୍ୟ ଖୁବ ଭଲ। ୟୋଗର୍ଟ କରୀ ପ୍ରସ୍ତୁତ କରିବା ପରେ ଏହାଉପରେ ଶୁଖିଲା ପୁଦିନା ପତ୍ର ମଧ୍ୟ ପକାଯାଏ।

ମଟନ ରୋଗନ ଜୋଶ :
ଏହା କାଶ୍ମୀରର ଏକ ପ୍ରସିଦ୍ଧ ବ୍ୟଞ୍ଜନ ଅଟେ। ଏହାକୁ ମଟନ ସହ ଭଜା ପିଆଜ, ବିଭିନ୍ନ ପ୍ରକାରର ମସଲା ଦହି ପକାଇ ପ୍ରସ୍ତୁତ କରାଯାଏ। ଏଥିରେ କାଶ୍ମୀର ଲଙ୍କା ଗୁଣ୍ଡ ପକାଇବା ପରେ ଏହାର ରଙ୍ଗରେ ପରିବର୍ତ୍ତନ ଆସେ ଓ ସ୍ୱାଦ ବଢିଯାଏ।

ମଟନ ରୀଷ୍ଟା :
ଏହି ବ୍ୟଞ୍ଜନ ବିଶେଷ କରି ଥଣ୍ଡା ସମୟରେ ଓ ସ୍ୱତନ୍ତ୍ର ସମୟରେ ପ୍ରସ୍ତୁତ କରାଯାଏ। ଏହି ବ୍ୟଞ୍ଜନ ମସଲା ଯୁକ୍ତ, ଦହି ଓ ବୋନଲେସ୍ ମଟନରେ ପ୍ରସ୍ତୁତ କରାଯାଏ। ଖାଇବାକୁ ମଧ୍ୟ ଏହା ଖୁବ ସୁଆଦିଆ।

ହାକ :
ହାକ ଦେଖିବାକୁ ପାଳଙ୍ଗ ଶାଗ ଭଳି। ଏହାକୁ ପ୍ରସ୍ତୁତ କରିବାକୁ ସୋରିଷ ତେଲର ବ୍ୟବହାର କରାଯାଏ। ସୋରିଷ ତେଲରେ ମସଲା ପକାଇ ପାଳଙ୍ଗ ଶାଗକୁ ୩୦ ମିନିଟ ଯାଏଁ ପ୍ରସ୍ତୁତ କରାଯାଏ। ଖାଇବାକୁ ଏହି ବ୍ୟଞ୍ଜନ ସୁଆଦିଆ ଓ ସ୍ୱାସ୍ଥ୍ୟକର ଅଟେ।

କାଶ୍ମୀର ଶାଗ :
ଏହି ପ୍ରକାରର ବ୍ୟଞ୍ଜନକୁ ସାଧାରଣତଃ ଶୀତଦିନରେ ଅଧିକ ଖାଇବାକୁ ମିଳିଥାଏ। ପିଆଜ, ଟମାଟୋ, କଞ୍ଚା ଲଙ୍କା, ମସଲା ଆଦି ପକାଇ ପ୍ରସ୍ତୁତ କରାଯାଏ। ଏହା ମଧ୍ୟ ଖାଇବାକୁ ଖୁବ ସୁଆଦିଆ।



# ଆର୍ଥିକ ସଙ୍କଟ ଦୂରେଇବାକୁ ହେଲେ ଅଣଦେଖା କରନ୍ତୁନି ଏହିସବୁ ନିୟମ

ଜୀବନରେ ବାସ୍ତୁଶାସ୍ତ୍ରର ଅନେକ ମହତ୍ତ୍ୱ ରହିଛି। ବାସ୍ତୁଶାସ୍ତ୍ର ଜୀବନଶୈଳୀ ଉପରେ ବିଭିନ୍ନ ପ୍ରଭାବ ପକାଇଥାଏ। ବାସ୍ତୁଶାସ୍ତ୍ର ଅନେକ ସମସ୍ୟା ସମାଧାନ କରିଥାଏ। ସେଥିପାଇଁ ଲୋକେ ଘର ତିଆରି କରିବା ପୂର୍ବରୁ ବାସ୍ତୁଶାସ୍ତ୍ରର ସବୁ ଦିଗ ପ୍ରତି ଦୃଷ୍ଟି ନେଇ ଘର ତିଆରି କରିଥାନ୍ତି। ବାସ୍ତୁ ନିୟମ ଅନୁସରଣ କରି ଜୀବନକୁ ସୁଖମୟ କରାଯାଇପାରିବ। ବାସ୍ତୁଶାସ୍ତ୍ରରେ ଏମିତି କିଛି ନିୟମ ରହିଛି ଯାହାକୁ ଅଣଦେଖା କରିବା ଦ୍ୱାରା ଜୀବନ ଉପରେ ତାର ନକାରାତ୍ମକ ପ୍ରଭାବ ପଡିଥାଏ। ନକାରାତ୍ମକ ପ୍ରଭାବ ଅନେକ ସମସ୍ୟା ସୃଷ୍ଟି କରିପାରେ। ବାସ୍ତୁଶାସ୍ତ୍ରର ଏହି ସରଳ ନିୟମ ପାଳନ କରିବା ଦ୍ୱାରା ଜୀବନରେ ସକାରାତ୍ମକ ପ୍ରଭାବ ପଡିବ। ବାସ୍ତୁଶାସ୍ତ୍ରରେ ଏମିତି ବି କିଛି ନିୟମ ରହିଛି ଯାହାକୁ ଅଣଦେଖା କଲେ ଆର୍ଥିକ ସଙ୍କଟ ମଧ୍ୟ ଦେଖାଦେଇପାରେ।



ଜାଣନ୍ତୁ ବାସ୍ତୁଶାସ୍ତ୍ରର ସରଳ ନିୟମ :

୧. ଘର ସର୍ବଦା ସଫାସୁତୁରା ଓ ସ୍ୱଚ୍ଛ ରଖିବା ଉଚିତ।

୨. ଘରେ ଯେଉଁ ସ୍ଥାନରେ ଟ୍ରେଜେରି ଅଛି ବା ଧନ ରଖନ୍ତି ସେଠାରେ ବୁଢିଆଣୀ ଜାଲ ରହିବାକୁ ଦିଅନ୍ତୁନି, ସର୍ବଦା ସଫା ରଖନ୍ତୁ।

୩. ଟଙ୍କା ରଖୁଥିବା ଆଲମିରା ବା ଟ୍ରେଜେରି ଏହିଭଳି ରଖନ୍ତୁ ଯେପରି ତାହା ଉତ୍ତର ଦିଗ ଆଡକୁ ଖୋଲୁଥିବ।

୪. ଯେଉଁ ଆଲମିରାରେ ଆପଣ ଟଙ୍କା, ଗହଣା ଆଦି ରଖୁଛନ୍ତି ତାହା କେବେ ବି ଦକ୍ଷିଣ ଦିଗ ଆଡକୁ ଖୋଲିବା ଉଚିତ ନୁହେଁ, ତାର ମୁହଁ ଉତ୍ତର ଆଡକୁ ରହିବା ଉଚିତ।

୫. ଘରେ ଅଯଥା ପାଣି ନଷ୍ଟ କରନ୍ତୁନି, ଘରେ ନଳରୁ ପାଣି ଝରିବା ଶୁଭ ନୁହେଁ, ଘରେ ଅଯଥା ନଳରୁ ପାଣି ଝରୁଥିଲେ ଟଙ୍କା ରହେନାହିଁ ଏବଂ ଆର୍ଥିକ ସଙ୍କଟ ଦେଖାଦିଏ ବୋଲି କୁହାଯାଏ।

୬. ଖାଇବା ବେଳେ ମନେ ରଖିବେ, ଭୋଜନ ଥାଳିକୁ କୌଣସି ପିଢା କିମ୍ବା ଆସନରେ ସମ୍ମାନର ସହ ରଖିବା ଉଚିତ, ଅନ୍ନକୁ ସର୍ବଦା ସମ୍ମାନ ଦେବା ଉଚିତ।

୭. ଖାଇବା ପରେ ଭୋଜନ ଥାଳିରେ କେବେ ବି ହାତ ଧୁଅନ୍ତୁ ନାହିଁ। ରାତିରେ ଘରେ ଅଇଁଠା ବାସନ ପକାଇ ରଖନ୍ତୁ ନାହିଁ, ବାସନ ସଫା କରି ଶୋଇବା ଉଚିତ।

୮. ଘରର ରୋଷେଇ ଘର ସବୁବେଳେ ଆଗ୍ନେୟ କୋଣରେ ରହିବା ଉଚିତ।

୯. ଟଏଲେଟ, ଗାଧୁଆ ଘର, ରୋଷେଇ ଘର ଗୋଟିଏ ସିଧାରେ ନିର୍ମାଣ କରିବା ଉଚିତ ନୁହେଁ।

୧୦. ଘରର ରୋଷେଇ ଘର ଓ ଟଏଲେଟ କବାଟ କେବେ ବି ସମ୍ନାସାମ୍ନି ରଖିବା ଉଚିତ ନୁହେଁ।

**୨୦୨୫-୨୬ ଶିକ୍ଷାବର୍ଷରେ ବିଶ୍ୱ ଦକ୍ଷତା କେନ୍ଦ୍ରର ରେକର୍ଡ ପ୍ଲେସମେଣ୍ଟ ସଫଳତା**

# ୩,୫୬୫ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି

**ଭୁବନେଶ୍ୱର,୩୦।୬ (ମହାଭାରତ):** ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଅଭିଯାନକୁ ଆହୁରି ସୁଦୃଢ଼ କରି ବିଶ୍ୱ ଦକ୍ଷତା କେନ୍ଦ୍ର ୨୦୨୫-୨୬ ଶିକ୍ଷାବର୍ଷରେ ପ୍ଲେସମେଣ୍ଟ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି। ଭାରତର ଏହି ଅଗ୍ରଣୀ ଦକ୍ଷତା ବିକାଶ ପ୍ରତିଷ୍ଠାନର ୩,୫୬୫ ଜଣ ଛାତ୍ରଛାତ୍ରୀ ଦେଶ ଓ ବିଦେଶର ପ୍ରମୁଖ କମ୍ପାନିରେ ନିଯୁକ୍ତି ପାଇଛନ୍ତି। ପ୍ରତିଷ୍ଠାନର ମୋଟ ପ୍ଲେସମେଣ୍ଟ ହାର ୯୯ ପ୍ରତିଶତ ରହିଛି। ଏହି ସଫଳତା ରାଜ୍ୟର ଯୁବପିଢ଼ିଙ୍କୁ ଶିଳ୍ପ-ଉପଯୋଗୀ ଦକ୍ଷତା ପ୍ରଦାନ ସହ ରୋଜଗାର ସୃଷ୍ଟି କ୍ଷେତ୍ରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଉଲ୍ଲେଖନୀୟ ଅବଦାନକୁ ପ୍ରତିଫଳିତ କରୁଛି। ଅନ୍ତର୍ଜାତୀୟ ପ୍ଲେସମେଣ୍ଟ କ୍ଷେତ୍ରରେ ପ୍ରତିଷ୍ଠାନ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ମୋଟ ୨୭୩ ଜଣ ଶିକ୍ଷାର୍ଥୀ ବିଦେଶରେ ନିଯୁକ୍ତି ପାଇଥିବାବେଳେ ସିଙ୍ଗାପୁରରେ ସର୍ବାଧିକ ବାର୍ଷିକ ୨୬ ଲକ୍ଷ ଟଙ୍କାର ପ୍ୟାକେଜ୍ ମିଳିଛି। ସେହିପରି ସଂଯୁକ୍ତ ଆରବ ଏମିରେଟ୍ସରେ ମଧ୍ୟ ବାର୍ଷିକ ୫.୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ୟାକେଜ୍‌ରେ ଛାତ୍ରଛାତ୍ରୀ ନିଯୁକ୍ତି ପାଇଛନ୍ତି। ବିଦେଶରେ ନିଯୁକ୍ତି ପାଇଥିବା ୨୭୩ ଜଣଙ୍କ ମଧ୍ୟରେ ୪୪ ଜଣ ମହିଳା ରହିଛନ୍ତି, ଯାହା ରାଜ୍ୟରେ ମହିଳା ସଶକ୍ତିକରଣ ଏବଂ ଦକ୍ଷତାଭିତ୍ତିକ ଶିକ୍ଷାର ଗୁରୁତ୍ୱକୁ ଦର୍ଶାଉଛି। ଏହି



ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର କହିଛନ୍ତି, "ଦକ୍ଷତା ବିକାଶ ହେଉଛି ରୋଜଗାର ସୃଷ୍ଟି ଓ ଭବିଷ୍ୟତ ଗଠନର ମୂଳ ଆଧାର। ବିଶ୍ୱ ଦକ୍ଷତା କେନ୍ଦ୍ରରେ ଯୁବପିଢ଼ିଙ୍କ ଶିଳ୍ପ-ଉପଯୋଗୀ ଦକ୍ଷତା ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଦିଆଯାଉଛି। ୨୦୨୫-୨୬ ଶିକ୍ଷାବର୍ଷରେ ପ୍ଲେସମେଣ୍ଟ ପାଇଥିବା ଆମ ପ୍ରତିଷ୍ଠାନର ସବୁ ଛାତ୍ରଛାତ୍ରୀଙ୍କୁ ମୁଁ ଅଭିନନ୍ଦନ ଜଣାଉଛି।" ଅନ୍ୟପଟେ ଦେଶ ଭିତରେ ପ୍ଲେସମେଣ୍ଟ କ୍ଷେତ୍ରରେ ମଧ୍ୟ ପ୍ରତିଷ୍ଠାନ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ମୋଟ ୨,୧୫୮ ଜଣ ଶିକ୍ଷାର୍ଥୀ ଭାରତର ବିଭିନ୍ନ ଅଗ୍ରଣୀ କମ୍ପାନିରେ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ହାରାହାରି ବାର୍ଷିକ ବେତନ ୩ ଲକ୍ଷ ଟଙ୍କା ରହିଥିବାବେଳେ ସର୍ବାଧିକ ପ୍ୟାକେଜ୍ ବାର୍ଷିକ ୫.୮୫ ଲକ୍ଷ ଟଙ୍କା ରହିଛି। ଏହି ପ୍ଲେସମେଣ୍ଟ ପ୍ରକ୍ରିୟାରେ ମୋଟ ୮୩ଟି କମ୍ପାନି ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୧୮ଟି କମ୍ପାନି ୩ ଲକ୍ଷ ଟଙ୍କାରୁ ଅଧିକ ବାର୍ଷିକ ପ୍ୟାକେଜ୍ ପ୍ରଦାନ କରିଥିଲେ। ସେହିପରି ଓଡ଼ିଶା ମଧ୍ୟରେ ମୋଟ ୧,୧୩୪ ଜଣ ଶିକ୍ଷାର୍ଥୀ ବିଶ୍ୱ ଦକ୍ଷତା କେନ୍ଦ୍ରର ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ୍ ସର୍ଭିସେସ୍ ମାଧ୍ୟମରେ ନିଯୁକ୍ତି ପାଇଛନ୍ତି। ୧୪୦ଟି କମ୍ପାନି ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ସ୍କୁଲ ଅଫ୍ ଇଞ୍ଜିନିୟରିଂର ୭୯୩ ଜଣ ଛାତ୍ରଛାତ୍ରୀ ନିଯୁକ୍ତି ପାଇଥିବାବେଳେ ସର୍ବାଧିକ ପ୍ୟାକେଜ୍ ବାର୍ଷିକ ୪.୩୭ ଲକ୍ଷ ଟଙ୍କା ରହିଛି। ସେହିପରି ସ୍କୁଲ ଅଫ୍ ସର୍ଭିସେସ୍ ?ର ୩୪୧ ଜଣ ଶିକ୍ଷାର୍ଥୀଙ୍କ ନିଯୁକ୍ତି ହୋଇଥିବାବେଳେ ସର୍ବାଧିକ ପ୍ୟାକେଜ୍ ବାର୍ଷିକ ୩ ଲକ୍ଷ ଟଙ୍କା ରହିଛି। ବିଶ୍ୱ ଦକ୍ଷତା କେନ୍ଦ୍ରର ଏହି ସଫଳତା ପଛରେ ଶିଳ୍ପ କ୍ଷେତ୍ର ସହ ସୁଦୃଢ଼ ଭାଗୀଦାରି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ - ଜାମନଗର, ମାଇକ୍ରନ୍ ସେମିକଣ୍ଡକ୍ଟର ଟେକ୍ନୋଲୋଜି ଇଣ୍ଡିଆ, ଜେଏଲକେ ଅଟୋମେସନ୍, କେଏସପିଜି ଅଟୋମୋଟିଭ୍ ଏବଂ ଓ୍ୱାବଟେକ୍ ଭଳି ଅଗ୍ରଣୀ ସଂସ୍ଥା ସହ ସହଯୋଗ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିଳ୍ପର ଆବଶ୍ୟକତା ଅନୁରୂପ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

# ବିଏମ୍‌ସି ଦ୍ୱାରା ନେକ୍ସସ ଏସପ୍ଲାନେଡ଼ ସମ୍ମାନିତ

**ଭୁବନେଶ୍ୱର,୩୦।୬ (ମହାଭାରତ):** ଓଡ଼ିଶା ସରକାରଙ୍କ ରାଜ୍ୟବ୍ୟାପୀ ଜନସମ୍ପର୍କ ଓ ନାଗରିକ ସଚେତନତା କାର୍ଯ୍ୟକ୍ରମ ବିକାଶର ଧାରା, ଓଡ଼ିଶା ସାରା ଅବସରରେ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା ପ୍ରତି ପ୍ରତିବଦ୍ଧତା ଏବଂ ସହରୀ ବିକାଶ ଓ ଗୋଷ୍ଠୀ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଦ୍ୱାରା ନେକ୍ସସ ଏସପ୍ଲାନେଡ଼୍‌କୁ ସ୍ୱୀକୃତି ପ୍ରଦାନ କରାଯାଇଛି।

ଦାୟିତ୍ୱବାନ ଭାବରେ ବହୁଳ ବର୍ଜ୍ୟବସ୍ତୁ ପରିଚାଳନା ପଦ୍ଧତି ଆପଣେଇବା ଏବଂ ଏକ ସ୍ୱଚ୍ଛ, ସବୁଜ ଓ ଅଧିକ ସ୍ଥାୟୀ ଭୁବନେଶ୍ୱର ଗଠନରେ ସହାୟକ ହେଉଥିବା ବିଭିନ୍ନ ପଦକ୍ଷେପକୁ ସମର୍ଥନ କରିବା ଦିଗରେ ନେକ୍ସସ ଏସପ୍ଲାନେଡ଼ର ନିରନ୍ତର ପ୍ରୟାସକୁ ଏହି ସମ୍ମାନ ସ୍ୱୀକୃତି କରିଛି। ଏହାର ଚାଲୁ ରହିଥିବା ସ୍ଥାୟୀତ୍ୱ ପଦକ୍ଷେପର ଏକ ଅଂଶ ସ୍ୱରୂପ, ମଲ ପକ୍ଷରୁ ପରିବେଶ ଅନୁକୂଳ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଇଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ପରିବେଶ ଉପରେ ପଡୁଥିବା ପ୍ରଭାବକୁ ହ୍ରାସ କରିବା ସହିତ ଉତ୍ତମ ସମ୍ବଳ ପରିଚାଳନା ଏବଂ ନାଗରିକ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା। ଓଡ଼ିଶାର ଏକମାତ୍ର ସପିଙ୍ଗ ମଲ ଭାବରେ ନେକ୍ସସ ଏସପ୍ଲାନେଡ଼ ଏହି ଗୌରବଜନକ ସ୍ୱୀକୃତି ଲାଭ କରିଛି, ଯାହା ସହର ଏବଂ ସେବା ଯୋଗାଉଥିବା ସମାଜ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବା ସହ ଦାୟିତ୍ୱବାନ ଭାବେ କାର୍ଯ୍ୟ କରିବା ପାଇଁ ଏହାର ସଂକଳ୍ପକୁ ପୁନଃପ୍ରତିପାଦିତ କରୁଛି। ଏହି ସମ୍ମାନ ମଲର ଦୈନନ୍ଦିନ କାର୍ଯ୍ୟକଳାପରେ ସ୍ଥାୟୀତ୍ୱକୁ ସାମିଲ କରିବା ଏବଂ ପରିବେଶ ସୁରକ୍ଷା ଓ ସମାଜର ମଙ୍ଗଳ ସାଧନ କରୁଥିବା ପଦକ୍ଷେପ ଗୁଡ଼ିକୁ ସମର୍ଥନ କରିବା ଉପରେ ନିରନ୍ତର ଧ୍ୟାନ କେନ୍ଦ୍ରିଭୂତକୁ ପ୍ରତିଫଳିତ କରୁଛି।



# ନିଟ ଦୁର୍ନୀତି ପ୍ରତିବାଦରେ ଯୁବ କଂଗ୍ରେସର ବିକ୍ଷୋଭ




**ଭୁବନେଶ୍ୱର,୩୦।୬ (ମହାଭାରତ):** ନିଟ ପରୀକ୍ଷାରେ ଦୁର୍ନୀତି ଅଭିଯୋଗକୁ ନେଇ ଆଜି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯୁବ କଂଗ୍ରେସ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ଭବନରୁ ଆରମ୍ଭ ହୋଇଥିବା ଏକ ରାଲି ମାଷ୍ଟର କ୍ୟାଣ୍ଟିନ୍ ଦେଇ ବିଜେପି କାର୍ଯ୍ୟାଳୟ ଦିଗକୁ ଅଗ୍ରସର ହେଉଥିଲା। ଏହି ସମୟରେ ପୋଲିସ ରାଲିକୁ ବାରିକେଡ୍ ଲଗାଇ ରୋକିଥିଲା। ଯୁବ କଂଗ୍ରେସ କର୍ମୀମାନେ ବାରିକେଡ୍ ଭାଙ୍ଗିବାକୁ ଚେଷ୍ଟା କରିବାରୁ ପୋଲିସ ସେମାନଙ୍କୁ ଅଟକାଇ ଭ୍ୟାନ୍‌ରେ ଉଠାଇ ନେଇଥିଲା। ଘଟଣାସ୍ଥଳରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଏହି ଅବସରରେ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ, ବିଜେପି ସରକାର ଅଧୀନରେ ଦେଶର ଶିକ୍ଷା ବ୍ୟବସ୍ଥା ଗଭୀର ସଙ୍କଟରେ ପଡ଼ିଛି। ନିଟ ପରୀକ୍ଷା ପରିଚାଳନାରେ ଅନିୟମିତତା ଓ ଦୁର୍ନୀତି ହୋଇଥିବାରୁ ଲକ୍ଷାଧିକ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଛନ୍ତି। ତେଣୁ ଶିକ୍ଷାମନ୍ତ୍ରୀଙ୍କ ଦାୟିତ୍ୱହୀନତାକୁ ନେଇ ସେ ଇସ୍ତଫା ଦାବି କରିଛନ୍ତି। ସେ ଆହୁରି କହିଛନ୍ତି ଯେ, କୋଟାରେ ରାହୁଲ ଗାନ୍ଧୀଙ୍କ ବକ୍ତବ୍ୟରେ ଛାତ୍ର ଓ ଅଭିଭାବକଙ୍କ ସମସ୍ୟା ସ୍ପଷ୍ଟ ଭାବେ ଉଲ୍ଲେଖି ହୋଇଛି। ନିଟ ଓ ସିବିଏସଇ ପରୀକ୍ଷା ପରିଚାଳନାରେ ଅନିୟମିତତା, ପ୍ରଶ୍ନପତ୍ର ପ୍ରଘାଟ ଏବଂ ମୂଲ୍ୟାୟନ ତ୍ରୁଟି ଭଳି ଅଭିଯୋଗ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ପ୍ରଭାବିତ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଓଡ଼ିଶାର ପାଠ୍ୟପୁସ୍ତକରେ ଥିବା ତ୍ରୁଟି ଏବଂ ଶିକ୍ଷା ବ୍ୟବସ୍ଥାର ଅବନତିକୁ ନେଇ ମଧ୍ୟ ଯୁବ କଂଗ୍ରେସ ଆପତ୍ତି ଜଣାଇଛି। ଶିକ୍ଷା ବ୍ୟବସ୍ଥାର ସୁଧାର ଏବଂ ଶିକ୍ଷାମନ୍ତ୍ରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଆନ୍ଦୋଳନ ଆହୁରି ତୀବ୍ର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଆଜିର ଆନ୍ଦୋଳନରେ ବହୁ ଯୁବ କଂଗ୍ରେସ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।

# ପ୍ରବାସୀ ଭାରତୀୟ କଂଗ୍ରେସ ଓଡ଼ିଆ ସେଲ କୋରଗ୍ରୁପ ବୈଠକ

**ଭୁବନେଶ୍ୱର,୩୦।୬ (ମହାଭାରତ):** ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ, ଓଡ଼ିଶା ପ୍ରଦେଶ କଂଗ୍ରେସର ଭାରତୀୟ ପ୍ରବାସୀ କଂଗ୍ରେସ/ଓସିଆଇ/ଏନଆରଆଇ/ଏନଆରଓ ସେଲ୍ ଭୁବନେଶ୍ୱରରେ ପ୍ରଥମ ବୈଠକ ଆୟୋଜନ କରିଥିଲା କ୍ଷ ଯାହା ପ୍ରବାସୀ ଭାରତୀୟ, ଏନଆରଓ ଏବଂ ଭାରତୀୟ ବଂଶୋଦ୍ଭବ ଲୋକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା।

ପିସିସି ସଭାପତି ଭକ୍ତ ଚରଣ ଦାସ ବୈଠକରେ ତାଙ୍କ ଅଭିଭାଷଣରେ ଭାରତ ସମ୍ମୁଖୀନ ହେଉଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେ ସୂଚିତ କରିଥିଲେ ଯେ, ବର୍ତ୍ତମାନର ବିଶ୍ୱ ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ପରିସ୍ଥିତି ପ୍ରାୟ ସମସ୍ତ କ୍ଷେତ୍ରରେ ଏକ ଅତ୍ୟନ୍ତ ଜଟିଳ ପରିସ୍ଥିତି ଦେଇ ଗତି କରୁଛି। ସେ କହିଛନ୍ତି ଯେ, ଭାରତ ଏହି ସମସ୍ତ ପ୍ରଭାବରୁ ପୃଥକ ନୁହେଁ ଏବଂ ଫଳସ୍ୱରୂପ, ଭାରତୀୟମାନେ ମୁଖ୍ୟତଃ ପ୍ରବାସୀ ଭାରତୀୟ ଏବଂ




ବିଦେଶରେ ରହି କାମ କରୁଥିବା ଏନଆରଓମାନେ ସେମାନଙ୍କ ନିଜ ନିଜ ଦେଶରେ ଏବଂ ଭାରତରେ ସେମାନଙ୍କ ପରିବାରରେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଛି । ଏହି ପରିପ୍ରେକ୍ଷୀରେ ଏହି ନୂତନ ସୃଷ୍ଟି ହୋଇଥିବା ଅସୁବିଧାର ସମାଧାନ ପାଇଁ ଆଲୋଚନା ଏବଂ ସମ୍ଭବ ସମାଧାନ ଖୋଜିବା ପାଇଁ ସେମାନଙ୍କ ନିଜ ନିଜ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହିତ ଏହି ବୈଠକ ଡକାଯାଇଥିଲା। ସେଲର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ତାଙ୍କ ସ୍ୱାଗତ ଭାଷଣରେ ସୂଚାଇ ଦେଇଥିଲେ ଯେ, ସେଲର କର୍ତ୍ତବ୍ୟ ହେଉଛି ସେମାନେ ଦେଶର ଏବଂ ବିଶେଷକରି ଓଡ଼ିଶାରେ ଅଣ-ଆବାସିକ ଓଡ଼ିଆଙ୍କ ସ୍ୱାର୍ଥର ଯତ୍ନ ନେବା। ସେମାନେ ସମ୍ମୁଖୀନ ହେଉଥିବା ବିଷୟଗୁଡ଼ିକ ସୁରକ୍ଷା, ଭିସା, ସ୍ୱଦେଶ ପ୍ରତ୍ୟାବର୍ତ୍ତନ, ଭାରତ/ଓଡିଶାରେ ସେମାନଙ୍କ ପିଲାମାନଙ୍କ ପାଇଁ ଶିକ୍ଷା, ଘରେ ରହୁଥିବା ସେମାନଙ୍କ ପିତାମାତାଙ୍କ ସ୍ୱାସ୍ଥ୍ୟସେବା, ସାଧାରଣତଃ ଭାରତରେ ଏବଂ ବିଶେଷକରି ଓଡ଼ିଶାରେ ସେମାନଙ୍କର ଆର୍ଥିକ ଏବଂ ନିବେଶ ସ୍ୱାର୍ଥ ଇତ୍ୟାଦି ବିଷୟଗୁଡ଼ିକୁ କଭର କରିବ।

ସଦସ୍ୟମାନେ ଓଡ଼ିଶା ପାଇଁ ଅନେକ ସମସ୍ୟା ଉପରେ ଆଲୋକପାତ କରିଥିଲେ, ଯେଉଁଥିରେ ବାଂଲାଦେଶୀ, ରୋହଙ୍ଗିଆ ଜନସଂଖ୍ୟାଙ୍କ ମାୟାନାମାରରୁ ଅବୈଧ ପ୍ରବେଶ ଏବଂ ବିଦେଶରେ ଓଡ଼ିଆ ସଂସ୍କୃତି ଏବଂ ଧାର୍ମିକ ବ୍ୟାପାର ଉପରେ ଆକ୍ରମଣ ଇତ୍ୟାଦି ଅନ୍ତର୍ଭୁକ୍ତ।

ଅନ୍ୟମାନଙ୍କ ମଧ୍ୟରେ, ଶ୍ରୀ ହରିବନ୍ଧୁ ପାଢ଼ୀ, ଉପାଧ୍ୟକ୍ଷ ଏବଂ ସେଲର ସଂଯୋଜକ ଶ୍ରୀ ଗୋପାଳ ଖଣ୍ଡେଲୱାଲ, ପୂର୍ବତନ ବିଧାୟକ ଶ୍ରୀ ଗ୍ରେଗୋରୀ ମିଞ୍ଜ, ପୂର୍ବତନ ବିଧାୟକ ଶ୍ରୀ ରଞ୍ଜିତ ଭିତିରିଆ ସବଡେଗା, ବିଶିଷ୍ଟ ଆଇନଜୀବୀ ମହମ୍ମଦ ଜିଆଉଲ ହେଗ, ଟ୍ରେଡ୍ ୟୁନିଅନ୍ ନେତା, ସମାଜସେବୀ ଶ୍ରୀ ଅନିଲ ଧୀର, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଚିନ୍ମୟ ସୁନ୍ଦର ଦାସ, ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ, ଆଶିଷ ପାଲ ଉପସ୍ଥିତ ଥିଲେ।

# କେବେ ସୁଧୁରିବ ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା

**ଭୁବନେଶ୍ୱର,୩୦।୬ (ମହାଭାରତ):** ଓଡିଶା ଏବେ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ବିଜେପି ରାଜ୍ୟର ଶାସନ ଭାର ନେବା ଦିନଠାରୁ ଦୀର୍ଘ ୨ ବର୍ଷ ହେଲାଣି ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି । କେବଳ ଆଇନଶୃଙ୍ଖଳା ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ଓଡିଶା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି । ନାରୀ ଅସୁରକ୍ଷିତ, ଚାଷୀ ଅବ୍ୟବସ୍ଥା, ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି, ସାରା ରାଜ୍ୟରେ ମାଫିଆରାଜ, ବିଜେପି ନେତାଙ୍କ ଗୁଣ୍ଡାଗର୍ଦ୍ଦି ଆଦି ଘଟଣାମାନ ଏବେ ରାଜ୍ୟବାସୀଙ୍କୁ ଅଣନିଶ୍ୱାସୀ କରିଦେଉଛି ବୋଲି ବିଜେଡି ଅଭିଯୋଗ କରିଛି ।

ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ତୁଷାରକାନ୍ତି ବେହେରା, ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର ଜୋନାଲ ସହସଂଯୋଜକ ଏସ୍କେ.ନିଜାମୁଦ୍ଦିନ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଛନ୍ତି, ବିଜେପି ସରକାରଙ୍କ ଶାସନରେ ରାଜ୍ୟରେ ହତ୍ୟା, ଗୁଳିକାଣ୍ଡ ଓ ସଂଗଠିତ ଅପରାଧ ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି । ବାରମ୍ବାର ଘଟୁଥିବା ଏଭଳି ହିଂସାତ୍ମକ ଅପରାଧ ଯୋଗୁଁ ରାଜ୍ୟବାସୀଙ୍କ ମନରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି ହୋଇଛି। ଶ୍ରୀ ବେହେରା କହିଥିଲେ, ସହଦେବଖୁଣ୍ଟା ଥାନାଠାରୁ ମାତ୍ର ୬୦୦ ମିଟର ଦୂରରେ ଦୁର୍ବୃତ୍ତମାନେ ୮ ରାଉଣ୍ଡ ଗୁଳି ଚଳାଇ ଦିନ ଦ୍ୱିପ୍ରହରରେ ବାଲେଶ୍ୱରର ବ୍ୟବସାୟୀ ଶେଖ ହମିଦ୍‌ଙ୍କୁ ନିର୍ମମ ହତ୍ୟା କରାଯାଇଛି । ସେହିପରି ପୁରୀରେ ଜଣେ ହୋଟେଲ



ମାଲିକଙ୍କୁ ତାଙ୍କ ମ୍ୟାନେଜର ଓ ସହଯୋଗୀମାନେ ହତ୍ୟା କରିଥିଲେ । ପୁରୀରେ ଏଭଳି ଘଟଣା କେବଳ ଜନସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁନାହିଁ, ବରଂ ପର୍ଯ୍ୟଟକ ଓ ସମ୍ଭାବ୍ୟ ନିବେଶକଙ୍କ ନିକଟରେ ଓଡ଼ିଶାର ଭାବମୂର୍ତ୍ତିକୁ ମଧ୍ୟ କ୍ଷୁର୍ଣ୍ଣ କରୁଛି । ଅନ୍ୟପଟେ କଟକ ଜିଲ୍ଲାରେ ସନ୍ତରାବାଲି ସରପଂଚ ମୀତା ଜେନାଙ୍କ ସ୍ୱାମୀ ଶ୍ରୀକାନ୍ତ ଜେନାଙ୍କ ଉପରେ ସର୍ବସମ୍ମୁଖରେ ହୋଇଥିଲା ଗୁଳିମାଡ଼ । କେବଳ ଏତିକି ନୁହେଁ ତାଙ୍କ ପୁଅଙ୍କ ସହ ଏକ ସେଲୁନରେ ଥିବା ବେଳେ ଅଜଣା ଦୁର୍ବୃତ୍ତମାନେ ଗୁଳି ଚଳାଇ ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ଏ ସମସ୍ତ ଘଟଣା ସ୍ପଷ୍ଟ ହେଉଛି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିଲା ବେଳେ ପୋଲିସ ବିଭାଗ କୋମାକୁ ଚାଲିଯାଇଛି । ମାଣିଆବନ୍ଧ ଏକ ଶାନ୍ତିପୂର୍ଣ୍ଣ ଅଂଚଳ ଭାବେ ପରିଚିତ ଥିଲା ଏବଂ ପୂର୍ବରୁ ଏପରି ଅପରାଧିକ ଘଟଣା କେବେ ଘଟିନଥିଲା । ଶାଢ଼ୀ ପାଇଁ ସାରା ଦେଶରେ ପ୍ରସିଦ୍ଧ ଏହି ଅଂଚଳ ଆଜି ଏହି ଘଟଣା ପରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ପହଂଚିଛି ଏବଂ ସ୍ଥାନୀୟ ଲୋକଙ୍କ ମନରେ ଭୟ ଓ ଅସୁରକ୍ଷାର ଭାବନା ସୃଷ୍ଟି ହୋଇଛି।

ସେହିପରି ଏସ୍କେ. ନିଜାମୁଦ୍ଦିନ କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ବଜାୟ ରଖିବା ଯେକୌଣସି ସରକାରଙ୍କର ସର୍ବପ୍ରଥମ ଦାୟିତ୍ୱ । ଓଡ଼ିଶାବାସୀ ସୁରକ୍ଷା, ନିରାପତ୍ତା ଓ ନ୍ୟାୟ ପାଇବାର ଅଧିକାରୀ । ସଂଖ୍ୟାଲଘୁ ବର୍ତ୍ତମାନ ରାଜ୍ୟରେ ସୁରକ୍ଷିତ ନାହାନ୍ତି । ବାଲେଶ୍ୱରରେ ବ୍ୟବସାୟୀ ଏସ୍କେ. ହମିଦ୍‌ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି । ରାଜ୍ୟରେ ଘଟୁଥିବା ସଂଗଠିତ ଅପରାଧକୁ ସରକାର ଯଦି ରୋକିନପାରିବେ ଆଗାମୀ ଦିନରେ ଭୟଙ୍କ ବିରୋଧର ସମ୍ମୁଖୀନ ହେବେ ସରକାର ।

# ୧୫ରେ ନିର୍ମାଣସରିବ ଭିଏସ୍‌ଏସ୍ ନଗର ଫ୍ଲାଇଓଭରବ୍ରିଜ୍

**ଭୁବନେଶ୍ୱର,୩୦।୬ (ମହାଭାରତ):** ବୀର ସୁରେନ୍ଦ୍ର ସାଏ ନଗରରେ ନିର୍ମାଣାଧୀନ ରେଳ ଫ୍ଲାଇଓଭର ବ୍ରିଜ୍ ୨୦୧୯ ମସିହାରେ ଶୁଭ ଦିଆଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଶେଷହୋଇ ନାହିଁ ଏହାସହିତ ଦୁଇ ପାଖ ସରଭିସ୍ ରୋଡ ଓ ଡ୍ରେନ୍ ନିର୍ମାଣରେ ମଧ୍ୟ ବହୁବିଳମ୍ବ ଘଟୁଛି। ଏଥି ପାଇଁ କଲୋନୀ ବାସୀନ୍ଦା ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହାର ସମାଧାନ ସହିତ ଭିଏସ୍‌ଏସ୍ ନଗର ରଥଯାତ୍ରା କିପରି ବିନା ପ୍ରତିବନ୍ଧକରେ ହୋଇ ପାରିବ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ ସହିତ ଆଲୋଚନା କରାଯାଇଥିଲା। ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ଅରୁଣ ଅମିତାଭ ପ୍ରଧାନ ଆଜି ପୂର୍ବାହ୍ନରେ ଭିଏସ୍‌ଏସ୍ ନଗର ଆସି ଉନ୍ନୟନ ପରିଷଦର ସଦସ୍ୟ ମାନଙ୍କ ସହିତ ବ୍ରିଜ୍ ଓ ରାସ୍ତା ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଇଂ ପ୍ରଧାନ କହିଥିଲେ ଯେ, ଆସନ୍ତା ଜୁଲାଇ ମାସ ୧୫ ତାରିଖ ଭିତରେ ଫ୍ଲାଇ ଓଭର ବ୍ରିଜ୍‌ର ନିର୍ମାଣ କାମ ଶେଷ



ହେବ। ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶ ଶର୍ମାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀଇଂ ପ୍ରଧାନଙ୍କୁ ସରଭିସ୍‌ରୋଡ ଓ ଡ୍ରେନର ଅବସ୍ଥା ବୁଲାଇ ଦେଖାଇଥିଲେ ଓ ରଥଯାତ୍ରା ପୂର୍ବରୁ ଏହାର ମରାମତି କାମଶେଷ କରିବା ପାଇଁ ଅନୁରୋଧ କରିଥିଲେ। ରଥଯାତ୍ରା ପୂର୍ବରୁ ରାସ୍ତା ମରାମତି ହେବ ଯେପରି ରଥ ଯାତ୍ରାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ଇଂ ଅରୁଣ ଅମିତାଭ ପ୍ରଧାନ ପ୍ରତିନିଧି ମଣ୍ଡଳୀଙ୍କୁ କହିଥିଲେ। ରଥଯାତ୍ରା ପରେ ବାକିଥିବା ଡ୍ରେନ କାମହେବ। ଏହି ପ୍ରତିନିଧି ମଣ୍ଡଳୀରେ ଶ୍ରୀ ଦାଶଶର୍ମାଙ୍କ ସହିତ ଯୁଗ୍ମ- ସମ୍ପାଦକ ଚିନ୍ତାମଣୀ ବାରିକ, ଧରଣୀଧର ରାଉତ, ଓ ରାମଚନ୍ଦ୍ର ସାମଲ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଶଶିଭୂଷଣ ଦାସ, ଖଗେଶ୍ୱର ପରିଡା ଓ ନିତ୍ୟ ରଞ୍ଜନ ନନ୍ଦ ଉପସ୍ଥିତ ଥିଲେ।

# ମନ୍ କୀ ବାତ୍ ସମାଜରେ ସକାରାତ୍ମକ ପରିବର୍ତ୍ତନର ଜନଆନ୍ଦୋଳନ

**ଭୁବନେଶ୍ୱର,୩୦।୬ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରାପଡ଼ାରେ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଗାଡ଼ିରେ ଯାଉଥିବା ସମୟରେ, ମୋବାଇଲ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗ, ପରିବେଶ ସୁରକ୍ଷା ପାଇଁ ଜନଭାଗିଦାରୀ, ନାଳନ୍ଦା ବିଶ୍ୱବିଦ୍ୟାଳୟର ପ୍ରାଚୀନ ଜ୍ଞାନ ପରମ୍ପରା, ମହିଳାମାନଙ୍କ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟରୁ 'ଇକୋ-ବ୍ରିକ୍ସ' ନିର୍ମାଣ ଏବଂ ଗଣେଶ ଉତ୍ସବ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ପ୍ରେରଣାଦାୟୀ ବିଚାର ଉପରେ ଆଲୋଚନା କରିଛନ୍ତି । 'ମନ୍ କି ବାତ୍' ଆଜି କେବଳ ଏକ ରେଡ଼ିଓ କାର୍ଯ୍ୟକ୍ରମ ହୋଇ ରହିନାହିଁ, ବରଂ ଏକ ସଶକ୍ତ ଜନଆନ୍ଦୋଳନର ରୂପ ନେଇଛି, ଯାହା ସମାଜରେ ସକାରାତ୍ମକ ପରିବର୍ତ୍ତନ ପାଇଁ ପ୍ରତ୍ୟେକ ନାଗରିକଙ୍କୁ ପ୍ରେରିତ କରୁଛି । ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଆମ ସମସ୍ତଙ୍କୁ ମିଳିମିଶି 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସଂକଳ୍ପ ସିଦ୍ଧି ପାଇଁ କାର୍ଯ୍ୟ କରିବାକୁ ଏକ ନୂଆ ଶକ୍ତି ପ୍ରଦାନ କରିଛି। ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ନାଳନ୍ଦା ବିଶ୍ୱବିଦ୍ୟାଳୟ ଭାରତର ପ୍ରାଚୀନ 'ଶାସ୍ତ୍ରାର୍ଥ' ପରମ୍ପରାକୁ ପୁନର୍ଜୀବିତ କରି ଜ୍ଞାନ, ସଂବାଦ ଏବଂ ଅନୁଶାସିତ ତର୍କର ସଂସ୍କୃତିକୁ ଆଗକୁ ବଢ଼ାଉଛି। ଏହି ପରମ୍ପରା ବିଭିନ୍ନ ଦୃଷ୍ଟିକୋଣକୁ ବୁଝିବା ଏବଂ ବିଚାରର ସୁସ୍ଥ ଆଦାନପ୍ରଦାନ କରିବାର ଏକ ମାଧ୍ୟମ । ନାଳନ୍ଦାର ଏହି ପ୍ରୟାସ ଆମର ଗୌରବମୟ ବୌଦ୍ଧିକ ଐତିହ୍ୟକୁ ନୂତନ ପିଢ଼ି ସହିତ ଯୋଡ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସେହିପରି ଦିଲ୍ଲୀ ସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଡାଟା ସାଇନ୍ସ (ଡାଟା ସାଇନ୍ସ) ଭଳି ଆଧୁନିକ କ୍ଷେତ୍ରରେ ବି.ଟେକ୍ ପାଠ୍ୟକ୍ରମର ଆରମ୍ଭ ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ । ଏହି ଅଭିନବ ପ୍ରୟାସ ଭାରତର ପ୍ରାଚୀନ ଜ୍ଞାନ ଓ ଆଧୁନିକ ପ୍ରଯୁକ୍ତିର ସମନ୍ୱୟକୁ ସୁଦୃଢ଼ କରିବ। ଏହାଦ୍ୱାରା ଭାରତୀୟ ଭାଷାଗୁଡ଼ିକ ପାଇଁ ନୂତନ ଏଆଇ ସମାଧାନ ପ୍ରସ୍ତୁତ କରାଯାଇପାରିବ ଏବଂ ଆମର ପ୍ରାଚୀନ ଗ୍ରନ୍ଥ ଓ ପାଣ୍ଡୁଲିପିଗୁଡ଼ିକର ସଂରକ୍ଷଣ ପାଇଁ ଏକ ନୂଆ ଦିଗ ମିଳିବ। ପରମ୍ପରା ଓ ଜ୍ଞାନକୌଶଳର ଏହି ମେଳ ଭବିଷ୍ୟତର ଜ୍ଞାନ ସମାଜକୁ ଅଧିକ ସମୃଦ୍ଧ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ମୋଦିଜୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ପୂରା ବିଶ୍ୱରେ ଅନନ୍ୟ

**ଭୁବନେଶ୍ୱର,୩୦।୬ (ମହାଭାରତ):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ୧୩୫ ତମ "ମନ୍ କି ବାତ୍" ରେଡିଓ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଉପଲବ୍ଧି ବିଷୟରେ କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଜୀ ଏକ ମାତ୍ର ରାଷ୍ଟ୍ରମୁଖ୍ୟ ଯିଏକି ବିଶ୍ୱରେ ଏଭଳି ଅନନ୍ୟ କାର୍ଯ୍ୟକ୍ରମ କରୁଛନ୍ତି । ପୂରା ଦେଶର ଚିତ୍ରକୁ ଜନସାଧାରଣଙ୍କ ଆଗରେ "ମନ୍ କି ବାତ୍" ମାଧ୍ୟମରେ ରଖୁଛନ୍ତି । ଖେଳଠାରୁ ଆରମ୍ଭ କରି, ଐତିହ୍ୟ, ପରମ୍ପରା ବିଷୟରେ ଦେଶବାସୀଙ୍କୁ ଅବଗତ କରାଇବା ସହ ସାଧାରଣ ଲୋକଙ୍କ ଦକ୍ଷତା ଓ ଯୋଗ୍ୟତାକୁ ପ୍ରଶଂସା କରୁଛନ୍ତି । ଯିଏ ନିଷ୍ଠା ଓ ଧୈର୍ଯ୍ୟର ସହ କାମ କରୁଛି, ତାର ତପସ୍ୟା, ସାଧନା, ଆତ୍ମବିଶ୍ୱାସକୁ ବଢ଼ାଇବା ସହ ସେମାନଙ୍କ ବିଷୟକୁ ଲୋକଲୋଚନକୁ ଆଣି ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ସେମାନଙ୍କୁ ଅସାଧାରଣ ବ୍ୟକ୍ତିତ୍ୱରେ ପରିଣତ କରୁଛନ୍ତି ବୋଲି ରବିବାର ଭୁବନେଶ୍ୱର ଉତର ବିଧାନସଭା ନିର୍ବାଚନ ମଣ୍ଡଳୀର ୧୯୬ ନମ୍ବର ବୁଥ୍ ରେ "ମନ୍ କି ବାତ୍" କାର୍ଯ୍ୟକ୍ରମ ଶୁଣିବା ପରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ



କହିଛନ୍ତି ଯେ, ଆଜିର ଅଧ୍ୟାୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ସୁରକ୍ଷା କ୍ଷେତ୍ରରେ ଦେଶର ଉପଲବ୍ଧି, ସ୍ୱଦେଶୀ ଜ୍ଞାନ କୌଶଳ, ଯୋଗରେ ଭାରତର ସଫଳତା, ବର୍ଷା ଜଳ ସଂରକ୍ଷଣ, ସ୍ୱଦେଶୀ ମାଟିରେ ପ୍ରଭୁ ଶ୍ରୀ ଗଣେଶଙ୍କ ମୂର୍ତି ନିର୍ମାଣ, ଆସାମର ହର୍ଗିଲା ପକ୍ଷୀ ସଂରକ୍ଷଣ, ମେଘାଳୟର ନୈସର୍ଗିକ ସୌନ୍ଦର୍ଯ୍ୟ, ରୁଟ୍ ବ୍ରିଜ, ନାଗାଲାଣ୍ଡର ବେବି ଲିଗ୍, ମଧ୍ୟପ୍ରଦେଶରେ ପ୍ଲାଷ୍ଟିକ୍ ବର୍ଜନ ସଚେତନତା ଆଦି ପ୍ରସଙ୍ଗ ଉଠାଇ ଭାରତର ବିବିଧ ସାଂସ୍କୃତିକ ଓ ପ୍ରାକୃତିକ ସମ୍ପଦ ବିଷୟରେ ଦେଶବାସୀଙ୍କୁ ଅନୁପ୍ରାଣିତ କରିଛନ୍ତି । ଏଥିସହ ଦିଲ୍ଲୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଏଆଇ, ଡାଟାସାଇନ୍ସ କୋର୍ସ ଆରମ୍ଭ, ନାଳନ୍ଦା ବିଶ୍ୱବିଦ୍ୟାଳୟ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଆଦି ବିଷୟରେ ଆଲୋଚନା କରି ଆତ୍ମନିର୍ଭରଶୀଳ ଭାରତ ଗଢ଼ିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ। ସ୍ୱର୍ଗତଃ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମବାର୍ଷିକ ପୂର୍ତି ୬ ଜୁଲାଇରେ ପଡୁଥିବାରୁ ତାଙ୍କ ସ୍ମୃତିରେ ୨୩ ଜୁନ୍ (ବଳିଦାନ ଦିବସ)ରୁ ୬ ଜୁଲାଇ (ଜନ୍ମଦିବସ) ପର୍ଯ୍ୟନ୍ତ ସ୍ମୃତିପକ୍ଷ ପାଳନ କରାଯାଉଛି । ଏନେଇ "ମନ କି ବାତ" କାର୍ଯ୍ୟକ୍ରମରେ ସ୍ୱର୍ଗତଃ ମୁଖାର୍ଜୀଙ୍କ ଫଟୋଚିତ୍ରରେ ଶ୍ରୀ ସାମଲଙ୍କ ସମେତ ଉପସ୍ଥିତ କାର୍ଯ୍ୟକର୍ତାମାନେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ବ୍ରହ୍ମାକୁମାରୀ ଆଶ୍ରମ ପରିସରରେ ବୃକ୍ଷରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ମୁଖପାତ୍ର ତପନ କୁମାର ଚାନ୍ଦ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ମଣ୍ଡଳ ସଭାପତି ଶ୍ରୀ ବିଭୁତି ଭୂଷଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଲୋକକଲ୍ୟାଣକୁ ଗୁରୁତ୍ୱ

ଭାରତ ଓ ଚୀନ ମଧ୍ୟରେ ଏକ ବଡ଼ ପାର୍ଥକ୍ୟ ହେଲା ଚୀନରେ କର୍ମ ସଂସ୍କୃତିର ପ୍ରଭାବ ଅଧିକ। ଭାରତରେ ଏହା ନାହିଁ। ସେଥିପାଇଁ ଭାରତ ତୁଳନାରେ ଚୀନ ଅଧିକ ଅଗ୍ରଣୀ। ଭାରତରେ ମାଗଣା ବାଣ୍ଟିବା, ସଂରକ୍ଷଣ ଏବଂ ଦୁର୍ନୀତି ଦେଶକୁ ପଙ୍ଗୁ କରିସାରିଲାଣି। ଯେ ପର୍ଯ୍ୟନ୍ତ ଭାରତରେ କର୍ମ ସଂସ୍କୃତି ବିକଶିତ ନହୋଇଛି, ଯୋଗ୍ୟତାକୁ ସ୍ୱୀକୃତି ନମିଳିଛି ସେ ପର୍ଯ୍ୟନ୍ତ ଏହା ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ ନାହିଁ। ଭାରତରେ ଗତ କିଛି ବର୍ଷ ହେବ ମାଗଣା ବଣ୍ଟନ ଯୋର ଧରିଛି। ଭାରତ ଏକ ଜନକଲ୍ୟାଣକାରୀ ଦେଶ। ଏଠାରେ ସରକାର ଲାଭ କ୍ଷତିର ହିସାବ ନରଖି କେବଳ ଲୋକକଲ୍ୟାଣକୁ ଗରିତ୍ୱ ଦିଅନ୍ତି। ସେଥିପାଇଁ ଲୋକେ ଟିକସ ଦିଅନ୍ତି। ଏହା ସ୍ୱାଗତ ଯୋଗ୍ୟ। କିନ୍ତୁ ଜନକଲ୍ୟାଣ ଅର୍ଥ ନୁହେଁ ଯେ, ଲୋକଙ୍କୁ ମାଗଣା ସେବା ଏବଂ ସାମଗ୍ରୀ ଯୋଗାଇ ଦିଆଯିବ। କିନ୍ତୁ ରାଜନୈତିକ ଦଳମାନେ ଭୋଟ ବ୍ୟାଙ୍କ ପାଇଁ ଏଭଳି କରୁଛନ୍ତି। ଆମ ଲୋକଙ୍କ ମାନସିକତା ବି ତଦ୍ରୂପ। ସେମାନେ ଚାହାଁନ୍ତି ତତ୍କାଳ ଲାଭ। ଯିଏ ସେମାନଙ୍କୁ ନିର୍ବାଚନ ବେଳେ ଟଙ୍କା, ଚାଉଳ, ଭୋଜିଭାତରେ ଆପ୍ୟାୟିତ କଲା, ତାଙ୍କୁ ଲୋକେ ଭୋଟ ଦେଲେ। ଲୋକଙ୍କ ଏଭଳି ମାନସିକତାକୁ ଦେଖି ରାଜନୈତିକ ଦଳମାନେ ବିଭିନ୍ନ ସମୟରେ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଇ ଭୋଟ କିଣିବାରେ ଅଭ୍ୟସ୍ତ ହୋଇଗଲେଣି। ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ଲୋକଙ୍କୁ ମାଗଣା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦେବାର ଦାୟିତ୍ୱ ସରକାରଙ୍କର। ଏହା ସେମାନଙ୍କର ମୌଳିକ ଅଧିକାର। କିନ୍ତୁ ମାଗଣା ଜୋତା, ମାଗଣା ସାଇକେଲ ଲାପଟପ, ସୁନା ଚେନ, ଲୋକଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଯିବ ଜନକଲ୍ୟାଣ ନୁହେଁ, ଏହା ଏକ ପ୍ରକାର ଲାଞ୍ଚ କାରବାର ବୋଲି କୁହାଯାଇପାରିବ। ଏଥିରେ ସବୁ ଦଳ ସମ୍ପୃକ୍ତ। ଯିଏ ଯେତେବେଳେ ଯେଉଁଠି ଶାସନ କ୍ଷମତା ଦଖଲ କଲା, ସେଠାରେ ସେ ଏଭଳି ମାଗଣା ଯୋଜନା କାର୍ଯ୍ୟକାରୀ କଲା। ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନେ ନିଜ ନିଜ ଭିତରେ ପ୍ରତିଯୋଗିତା କରି ଲୋଭନୀୟ ପ୍ରତିଶ୍ରୁତି ଦେଉଛନ୍ତି। ଭୋଟରମାନେ ନିର୍ବାଚନ ଇସ୍ତାହାରକୁ ଦେଖି ଖୋଜୁଛନ୍ତି କେଉଁ ଦଳ କ'ଣ ଦେବେ। ଏହାକୁ ଆଧାର କରି ସାଧାରଣ ଲୋକେ ଭୋଟ ଦେଉଛନ୍ତି। ଲୋକେ ଭୋଟ ଦେବା ବେଳେ ବ୍ୟକ୍ତିଗତ ଲାଭକୁ ଦେଖୁଛନ୍ତି। ଦେଶର ବିକାଶ ଏବଂ ସୁଶାସନକୁ ସେମାନେ ଗୁରୁତ୍ୱ ଦେଉ ନାହାଁନ୍ତି। ଏଥିପାଇଁ ଲୋକଙ୍କୁ ଦୋଷ ଦେଇ ଲାଭ ନାହିଁ। ଆମ ଦେଶର ନେତା, ରାଜନୈତିକ ଦଳମାନେ ଲୋକଙ୍କୁ ଏଭଳି ମାନସିକତା ଗ୍ରହଣ କରିବାକୁ ବାଧ୍ୟ କରିଛନ୍ତି। ସେମାନେ ନିଜ ଫାଇଦା ପାଇଁ ଲୋକଙ୍କୁ ଏପରି ନୀତି ଗ୍ରହଣ କରିବାକୁ ପରିସ୍ଥିତି ସୃଷ୍ଟି କରିଛନ୍ତି। ଦିଲ୍ଲୀରେ ୨୦୦ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଇ ଅରବିନ୍ଦ କେଜରିୱାଲ ନିର୍ବାଚନ ଜିତିଥିଲେ। ଏହାକୁ ଦେଖି ଅନ୍ୟ ଦଳମାନେ ମଧ୍ୟ ଭିନ୍ନ ମିନ୍ନ ରାଜ୍ୟରେ ଏଭଳି ପ୍ରତିଶ୍ରୁତି ଦେବାକୁ ଚାହିଁଲେ। ଲୋକେ ମଧ୍ୟ କହୁଛନ୍ତି, ଯଦି ଦିଲ୍ଲୀରେ ମାଗଣା ବିଜୁଳି ଦିଆଯାଉଛି, ଓଡ଼ିଶାରେ କାହିଁକି ଏହା ସମ୍ଭବ ନୁହେ? କିନ୍ତୁ ବିଜୁଳି ଉତ୍ପାଦନ ଲାଗି ବିପୁଳ ଅର୍ଥ ବ୍ୟୟ ହେଉଛି। ଏହାକୁ କିଏ ଭରଣା କରିବ? ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଭଳି ଏହା ଲୋକଙ୍କ ମୌଳିକ ଅଧିକାର ପରିସରଭୁକ୍ତ ନୁହେଁ। ଏହା ଏକ ସେବା ଯାହାର ଗୁଣାତ୍ମକ ମାନ ବଜାୟ ରହିବା ଉଚିତ। ଏଥିପାଇଁ ସର୍ବନିମ୍ନ ଅର୍ଥ ପ୍ରଦାନ ଜରୁରୀ। ସମ୍ପୂର୍ଣ୍ଣ ମାଗଣା ବିଜୁଳି ସବୁଦିନ ସମ୍ଭବ ନୁହେଁ। ସେହିପରି ମହିଳାଙ୍କ ଖାତାକୁ ସମର ବୋନାଞ୍ଜା ନାମରେ ୨ ହଜାର ଟଙ୍କା ଲେଖାଏଁ ପଠାଇବା ଜନକଲ୍ୟାଣ ନୁହେଁ। କୋଭିଡ ସମୟରୁ କେନ୍ଦ୍ର ସରକାର ଦେଶର ୮୦ କୋଟି ଗରିବଙ୍କୁ ପ୍ରତି ମାସରେ ମୁଣ୍ଡପିଛା ୫ କେଜି ରାସନ ଦେଉଛନ୍ତି। କୋଭିଡ ମହାମାରୀ ଚାଲିଯିବା ପରେ ମଧ୍ୟ ଏହା ଜାରି ରହିଛି। ଏହା ହେଉଛି ସମସ୍ୟା।

# ବିଛାମନ୍ତ୍ର ନଜାଣି ସର୍ପଗର୍ତ୍ତରେ ହାତ


॥ ଅଜୟ କୁମାର ବେହେରା ॥


ପ୍ରତି ଏ ସମୟରେ ମୋବାଇଲ ଫୋନରେ ହ୍ୱାଟସପ୍ ମଞ୍ଚରେ ବହୁ ଜ୍ୟୋତିଷୀ ତାଙ୍କର ବିଶେଷ ରୋଜଗାର ପାଇ ଟଟମଟ ଦେଖାଇ ଏକ ଏକ ରାଶିର ଭଲ ବା ମନ୍ଦ କହିବା ଦେଖାଯାଉଛି। ପ୍ରକୃତରେ ଏହାସବୁ ରାଶିର ଫଳ ମାତ୍ର। ସଂସାର ସୃଷ୍ଟି ଠାରୁ ଏ ପର୍ଯ୍ୟନ୍ତତ ବା ଫଳିତ ଜ୍ୟୋତିଷରେ ଗଣିତ ଜ୍ୟୋତିଷ ସିଦ୍ଧାନ୍ତ ରାଶି କ୍ଷେତ୍ରରେ ଗ୍ରହ ସଞ୍ଚାର ହେଉଛନ୍ତି ଏହା ଉପରେ ବିଭିନ୍ନ ପ୍ରକାରେ ଫଳାଫଳର ଅନୁମାନ କରାଯାଇ ଜ୍ୟୋତିଷୀ ବୟାନ ଦିଆଯାଇ ଆସୁଛି।

ଏ ସମୟରେ କୁମ୍ଭ ରାଶିରୁ ଶନି ମୀନ ରାଶିକୁ ସଞ୍ଚାର କଲେ ବହୁ ମାଳିକା ପ୍ରବଚକ କହି ଚାଲିଛନ୍ତି ମୀନ ଶନି ବହୁ ପ୍ରକାର ଧ୍ୱଂସ ସୃଷ୍ଟି କରିବ। ଏଣେ ଫଳିତ ଜ୍ୟୋତିଷରେ ରାଶିଫଳ ବୟାନ ବର୍ତ୍ତମାନେ ଶନିଙ୍କର ଏପରି ସ୍ଥିତି କିଛି ରାଶି ଅଭୂତପୂର୍ବ ହାନି କରାଇବ। ଶନିଙ୍କର ସପ୍ତା, ଢ଼ାୟା ଲୁହା ପାଦର ଶନି ଯୋଗୁ ରାଶି ଗୁଡ଼ିକର ଘୋର ସଂକଟ କରିବ। ଏମିତି ଏଇ ମନ୍ଥର ଗତିର ଗ୍ରହ ୩୦ ବର୍ଷର ରାଶି ଚକ୍ର ପରିକ୍ରମାରେ ପ୍ରାୟ ବ୨୭/୬ମାସ ପରେ ୧/୧ ରାଶିରେ ପ୍ରବେଶ କରି ପ୍ରାୟ ବ୨/୬ ମାସ ରହନ୍ତି। ଏକ ରାଶି ୩୦ ଅଂଶ ୩୬୦ ଅଂଶ ରାଶି ଚକ୍ରରେ ଭଗୀଦାର ବ୨/୬ ମାସ ଅର୍ଥ ୩୦ ମାସ, ଶନି ପଙ୍ଗୁଗ୍ରହ ଯୋଗୁ ୧ମାସକୁ ୧ଅଂଶ ପ୍ରାୟ ଆଗାନ୍ତି। ପୁଣି ଏ ମଧ୍ୟରେ ରବିଙ୍କ ଯୋଗୁଁ ଅସ୍ତ ବକ୍ରୀ ହୋଇଥାନ୍ତି। ଅଷ୍ଟବର୍ଗ ପଦ୍ଧତିରେ ପ୍ରତିଜାତକରେ ସର୍ବାଷ୍ଟକ ବର୍ଗରେ ଯଦି ଗ୍ରହର ଶୁଭବିନ୍ଦୁ ରାଶିଟିରେ ଥାଏ ବା ଶନି ଅଷ୍ଟକ ବର୍ଗରେ ଧାର୍ଯ୍ୟ ଶୁଭ ୮ ବିନ୍ଦୁରେ ୮ ବିନ୍ଦୁ ବା ସେହିପରି ୭/୬/୫/୪ ବିନ୍ଦୁ ପ୍ରାପ୍ତ ହୋଇଥାନ୍ତି। ୩ ଏକ ରାଶିରେ ୮ କକ୍ଷା ଅଛି। ଯାହା ୩ ଅଂଶ ୪୫ କଳ, ଏକକରେ ଏକ ଏକ କକ୍ଷା। ଯଦି ଏ ମଧ୍ୟରେ ଶୁଭ ଗ୍ରହର ଶୁଭ କକ୍ଷାରେ ଶନି ଗତି କରିବେ ତେବେ ଲୋକଟି ସମସ୍ତଙ୍କ ଠାରୁ ଅଲଗା ଶୁଭଫଳ ପାଇପାରିବେ। ଯଦି କିଛି ଶୁଭ କକ୍ଷା ଥାଏ ତେବେ ସେହି କକ୍ଷାରେ ଶନି ଭଲ ଫଳ ହିଁ ଦେଇପାରନ୍ତି। ୩ ଅଂଶ ୪୫ କକ୍ଷ ପାଇଁ ଶନି ପ୍ରାୟ ମା୩/ ୨୧ ଦିନ ଶୁଭ କକ୍ଷାରେ ଶୁଭ ଫଳ ଅଶୁଭ କକ୍ଷାରେ ଅଶୁଭ ଫଳ ଦେଇପାରନ୍ତି। ଏହା କେବେ ହେଲେ ସମସ୍ତଙ୍କ ପାଇଁ ଏକ ଫଳ ହୋଇନପାରେ। ୧୨ରାଶିରେ ବିଭିନ୍ନ ପ୍ରକାରେ ବିଭିନ୍ନ ଭାବ ରହିଛି। ଯାହା ଲଗ୍ନରୁ ୧୨ଶ ଭାବ ଲୋକଟିର ଜାତକରେ କେଉଁ ଭାବକୁ ଚଳନୀୟ ଶନି କେଉଁ କେଉଁ ଭାବରେ ଅଧିକାରୀ ହୋଇ ସ୍ଥିର ଭାବକୁ ଆକ୍ରାନ୍ତ କରୁଛନ୍ତି ଏହା ବ୍ୟକ୍ତିଗତ ବିଚାର।

୩୦ ବର୍ଷରେ ଶନି ୩୬୦ ଅଂଶର ଚକ୍ର ପୂର୍ଣ୍ଣ କରୁଥିବାରୁ ପ୍ରତି ବ୍ୟକ୍ତିଙ୍କର ୩୦/୬୦/୯୦/୧୨୦ ବର୍ଷରେ ଥରେ ଥରେ ଜନ୍ମ ରାଶି ଓ ଉଦ୍ଦିଷ୍ଟ ଭାବକୁ ଆସିଯାଆନ୍ତି। ପୁଣି ଶନିଙ୍କର କଣ ସବୁ ଗ୍ରହଙ୍କର ଦୃଷ୍ଟି ୭ମକୁ ଅଛି। ଶନି ଦୃଷ୍ଟିକୁ ଖରାପ କୁହାଯାଏ ଯଦି ପ୍ରତି ବ୧୫ ବର୍ଷରେ ଶନିଙ୍କ ଠାରୁ ଶନି ସ୍ୱସ୍ଥାନରୁ ୭ମରେ ରହିଥାନ୍ତି। ଏହି ସ୍ତଳରେ ୧୫/ ୪୫/୭୫/୧୦୫ ବର୍ଷରେ ଶନି ସ୍ଥିତ ସ୍ଥାନ ଯାହା ଜନ୍ମ ଜାତକରେ ଅଛି ସେ ସ୍ଥାନକୁ ଦୃଷ୍ଟିରେ ନିର୍ଦ୍ଦିଷ୍ଟ ବୟସ ଭୋଗ ହେଉଥିବ। ଚାଣକ୍ୟ ନୀତିରେ ଅଛି ଲାଳୟତ ପଞ୍ଚ ବର୍ଷାଣି। ଏହାର ଅର୍ଥ ଜନ୍ମ କାଳ ଶନି ଠାରୁ ୨ୟ ଘର ଗତି ଯାଏ ଜନ୍ମ ଜାତକକୁ ଲାଳନ କରିବ। ଏ ସମୟରେ ଶିଶୁର ଶରୀର ଏତେ ବିକଶିତ ହୋଇଥାଏ ମାନସ୍ତିକ ସ୍ତରରେ ତାର ବୋଧଶକ୍ତି ନଥାଏ। ଏ ସମୟରେ ତାକୁ ସ୍ନେହ ଶ୍ରଦ୍ଧା ଦେଇ ସେବା ଶୁଶ୍ରୁଷା କରି ରୋଗ ଚିକିତ୍ସା କରି ଆଗକୁ ବଢ଼ାଯାଏ। ଏହାପରେ ସେ ପାଠ ପଢ଼ିବା ପାଇଁ ବିଦ୍ୟାୟତନ ବା ଗୁରୁ ଗୃହ କୁହାଯାଏ ସାଙ୍ଗ ସାଥିଙ୍କ ସହିତ ମିଳିଥାଏ ମାନସିକ ବିକାଶ ପାଇଁ ପରିବେଶ ସୃଷ୍ଟି କରାଯାଏ। ଏହାର ଚାଣକ୍ୟ ବାଖ୍ୟା ତାୟେତ ଦଶ ବର୍ଷାଣି। ବ୫ର୍ଷରୁ ବ୧୫ର୍ଷ ୧୦ବର୍ଷ ପିଲାଟିକୁ ତାଡ଼ନା ବାରଣ ଆକଟ କରାଯାଏ। ଏ ସମୟରେ ଶନି ସ୍ୱଶନି ସ୍ଥିତିରୁ ୨ୟୁ ୩ୟା ୪ର୍ଥା ୫ମ ଘରେ ଗତି କରୁଥାନ୍ତି। ଏ ସମୟ ବର୍ତ୍ତମାନ ବିପ୍ରବାଳକଙ୍କର ଉପନୟନ ବ୍ରତ ରେ ଝିଅ ମାନଙ୍କର ପ୍ରଥମର ଜୋ ଦର୍ଶନରୁ ମାସିକ ସ୍ରାବ ଆରମ୍ଭ ପୁଅ ମାନଙ୍କ ଦେହରେ ଶୁକ୍ର ଧାତୁର ସ୍ରୋତ ଦେଖାଯିବ। ଏ ସବୁ ପାଇଁ ମୂରବୀ ଗୁରୁଜନ ମାଆ ତାଙ୍କୁ କଣ କରିବା ଦରକାର କଣ ଭାବିବା ଦରକାର କଣ ଆଚରଣ ଦରକାର ବାରମ୍ବାର ବିଦ୍ୟାର ପରୀକ୍ଷା ଆଦି ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହାପରେ ପ୍ରାପ୍ତେତୁ ଷୋଡ଼ଶ ବର୍ଷ ପୁତ୍ରଂ ମିତ୍ର ସଦାଚରେତ। ପୁଅ ହେଉ ବା ଝିଅ ହେଉ ତା ସହିତ ମିତ୍ରତା ଆଚରଣ ଆବଶ୍ୟକ ପଡ଼େ। ଏବେ ସାବାଳକ ସାବାଳିକା ଭୋଟ ଦେବା ଅଧିକାର ନିଜସ୍ୱ ମତ ସାବ୍ୟସ୍ତ କରିବା ଏଇ ବ ୧୫ ର୍ଷ ଠାରୁ ବ୧୮ର୍ଷ ମଧ୍ୟରେ ଆସୁଛି। ଯଦି ଶନି ସ୍ୱଜନ୍ମ ଜାତକରୁ ୮ମ ସ୍ଥାନରେ ହିଁ ଗତି କରୁଥାନ୍ତି। ପ୍ରତି ଗ୍ରହ ସ୍ୱଗୃହ ମିତ୍ରଗୃହ ଶତ୍ରୁଗୃହ ଉଚ୍ଚସ୍ଥାନ ମୂଳତ୍ରିକୋଣ ତତ୍କାଳ ମିତ୍ର ତତ୍କାଳ ଶତ୍ରୁ ସ୍ଥାନ ଅଛି। ଏହାରି ଉପରେ ଜନ୍ମ କାଳୀନ ଶନି ଠାରୁ ଶନି ଗୋଚର କରି ଯିବା ବେଳେ ସେହି ବ୍ୟକ୍ତିଙ୍କର କେବଳ ଶୁଭ ବା ଅଶୁଭ ଫଳ ଚିନ୍ତନ କରାଯାଏ।କୁହାଯାଏ ଶନି ହଠଯୋଗୀ ଗ୍ରହ, ଶ୍ରମର ଗୁରୁ, ମନୁଷ୍ୟ ଜୀବନ କେବେ ଆରାମ ପାଇଁ ସବୁବେଳେ ଉଦ୍ଦିଷ୍ଟ ନୁହଁ। ଉଦଯୌଗ ଦ୍ୱାରା ଲକ୍ଷ୍ମୀ ଲାଭ ହୁଏ। ଶନିଙ୍କ ଅନୁକୂଳ ଓ ପ୍ରତିକୂଳ ପ୍ରଭାବ ମନୁଷ୍ୟ ପାଇଁ ଯାହା ମିଳେ ଆଳସ୍ୟ ବିଳାସମୟ ପ୍ରଭାବ ଛାଡ଼ି କେବଳ ଉଦ୍ଦିଷ୍ଟ ପରିବେଶରେ ଲାଗି ରହିଥିଲେ ହିଁ ଶୁଭ ହୁଏ। ହେଳା କଲେ ଭେଳା ବୁଡ଼େ। ପ୍ରକୃତରେ ଏ ଉକ୍ତିଟି ଶନିଙ୍କର କାର୍ଯ୍ୟକାରିତା ଉପରେ ଧାର୍ଯ୍ୟ। ଅଳସୁଆମିରୁ ନିତ୍ୟ କର୍ମରେ ଅବହେଳା, ପାଠ ପଢ଼ାରେ ଅବହେଳା, ନିତ୍ୟ ରୁଟିନ ଧାର୍ଯ୍ୟ ନକରିବା ଠିକ ସମୟରେ ଋଣଶୋଧ ନକରିବା, ଖଜଣା ପଇଠ ନକରିବା, କ୍ଷେତରେ ଚାଷ ନକରିବା ବୃଥା ସମୟ ଅପଚୟ କରିବା ବର୍ଷା ଦିନ ପୂର୍ବରୁ ଘର ଛଆଣି ନକରିବା। ପିଲାଙ୍କୁ ଗେହ୍ଲା କରି ତାକୁ ସଂସ୍କାର ନଦେବା, ଏପରି ହେଳୁ କାମ ଶନିଙ୍କର କୋପ ଦୃଷ୍ଟିରେ ପକାଏ।

ଶନି କାଳକୋର୍ଟ ପରିଧାନକାରୀ, ଅପରାଧ କମ କରିଲେ କୋର୍ଟ ଦୌଡ଼ା ଓକିଲ ପରାମର୍ଶ ଭୋଗିବାକୁ ପଡ଼େ। ରେଲେରେ ସଠିକ ଟିକେଟ ନକରି ଯାତ୍ରା କରୁଥିଲେ କାଳିଆ କୋର୍ଟ ପିନ୍ଧିବାବୁଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ। ଚୋରମାନେ କଳାକନା ବୁଲାନ୍ତି। ନିଜର ଦ୍ରବ୍ୟ ପ୍ରତି ଉପଯୁକ୍ତ ରକ୍ଷଣା ବ୍ୟକ୍ଷଣା ବ୍ୟବସ୍ଥା ନକରିଥିଲେ ଗହଣା ପିନ୍ଧିଲେ ଦେଖେଇ ଚାଲରେ ଏଇ କଳାକନା ବୁଲାଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ।ଯେ ପାଞ୍ଚେ ପରମନ୍ଦ ତା ମନ୍ଦ ପାଞ୍ଚନ୍ତି ଠେଙ୍ଗାବାଡ଼ି। ଯଦି କେହି ଅଭିଯୁକ୍ତ ହେଲା ପୋଲିସ ବେତମାଡ଼ ଛାଡ଼ି ମାଡ଼ ପକାନ୍ତି। ଠେଙ୍ଗା ଠେଙ୍ଗୁଣୀ ବେତ ଛାଟ ଏସବୁର ମାଲିକ ଲାଠିଆଳ ଶନିଶ୍ଚର ଦଣ୍ଡଧାରୀ। ଧନୁରା କୃତି ମଣ୍ଡଳ ଶନିଙ୍କର। ଘରେ ଯେତେ ଲୋକଥାନ୍ତୁ ନିଶେ ଅବିଶ୍ୱାସ କରିଅଛି ବୋଲି ଆଲମାରି ବକ୍ସ କବାଟ ତାଲା ଲାଗୁଛି ତାଲାର ବାଙ୍କୁଡ଼ି ହିଁ ଧନୁରାତିବୃତି। ଅତଏବ ଶନି ହିଁ ବିଶ୍ୱାସୀ ସେ ଲୁହାର ବାଙ୍କୁଡ଼ି ଦ୍ୱାରା ଆମକୁ ସହାୟକ ହେଲେ ତାଲାକାଟି ଚୋରି ଲୁଟ କଲେ ଠେଙ୍ଗୁଣୀ ବାଲାଙ୍କର କଳା କୋର୍ଟ ବାଲାଙ୍କ ଦ୍ୱାରା ଦଣ୍ଡିତ ହୋଇପାରନ୍ତି।

ସଂକୁଚିତର ମାଲିକ ଶନି ଖର୍ଚ୍ଚକାଟ କରି ସଞ୍ଚୟ କରିଲେ ଲୋକର ଭବିଷ୍ୟତ ମଙ୍ଗଳ ହୁଏ। ଅଳ୍ପ କଥାରେ କାର୍ଯ୍ୟ ହାସଲ ପାଇଁ ଶନି ପ୍ରେରଣା ଦିଅନ୍ତି। ଅଳ୍ପକଥାରେ ବିଚାରପତିଙ୍କ ସମାନ ଅତି ଉର୍ଦ୍ଧ୍ୱରେ। ବହୁକଥକ ହରକରାର ମଜୁରୀ ଅତିକମ ଅଳ୍ପ ଗୃହର ମାଲିକ ସୁସ୍ଥ ରହନ୍ତି ମାତ୍ର ବଡ଼ ବଡ଼ ଇମାରତର ମାଲିକ ଅବଶ୍ୟ ଦୁଃଖି। ମାଣବସା ଗୁରୁବାର ଲକ୍ଷ୍ମୀ ଚରିତରେ ମହାଲକ୍ଷ୍ମୀ କାହିଁକି ଶ୍ରୀୟା ଚଣ୍ଡାଲୁଣୀଙ୍କ କୁଡ଼ିଆ ଘରକୁଗଲେ, ସାଧବ ଘର ଇମାରତକୁ ଗଲେ ନାହିଁ। ଏହାର ଅର୍ଥ ଶ୍ରୀୟା ସଂକୁଚିତରେ ଚଳିଲେ ବି କର୍ମଠ ଶୁଦ୍ଧ ପରିବେଶରେ ରହିଥିଲେ। ଯାହାର ବହୁ ଆସବାବପତ୍ର ଘରକରଣା ଘର କଠୋରୀ ସେ ସେତେ ହଇରାଣ ଶନିଙ୍କର କୋପରେ ପଡ଼ି ପାରନ୍ତି।ଶନିଙ୍କର କେବଳ ବିଚାର ରାଶିଚକ୍ରରେ ନାହିଁ ଅନ୍ୟ ଗ୍ରହଙ୍କର ବିଚାର ଅଛି। ୧ ମାସରେ ଚନ୍ଦ୍ର ୧୨ ରାଶି ଭ୍ରମଣ କରିବାବେଳେ ଏ ବର୍ଷରେ ରବି ୧୨ ରାଶି ଭ୍ରମଣ କରନ୍ତି। ୧୨ ବର୍ଷରେ ୧୨ ଘର ବୃହସ୍ପତି ଭ୍ରମଣ କରନ୍ତି। ୧୮ ବର୍ଷରେ ରାହୁ ୧୨ ଘର ଭ୍ରମଣ କରନ୍ତି ଏପରି ମଙ୍ଗଳଙ୍କ ବିହିତ ଧାରାରେ ୧୨ ରାଶି ଭ୍ରମଣକୁ ଏକ ବର୍ଷର ରବିଙ୍କ ସହିତ ଗୋଡ଼ାଣିଆ ଶୁକ୍ର ବୁଧ ବି ୧୨ ରାଶିରେ ଭ୍ରମଣଶୀଳ। ପୃଥିବୀର ଆହ୍ନିକ ଗତିପଥ ୧୨ ଭାଗକୁ ନେଇ ଲଗ୍ନ ସ୍ଥିତି ଏହାର ବିଚାର ସବୁକ୍ଷେତ୍ରରେ କରାଯାଏ। ଶନି ଚଳନ ବେଳେ ଲଗ୍ନ ଧାର୍ଯ୍ୟ ସର୍ବତ୍ର ଏକା ହୋଇନପାରେ ଅତଏବ ସମସ୍ତଙ୍କର ଏକ ଫଳ ମିଳିବ ଏପରି ଭାବିବା କେବେ ଠିକ ନୁହଁ।

ମେଦିନୀୟ ଜ୍ୟୋତିଷରେ ବିଭିନ୍ନ ରାଶି ନକ୍ଷତ୍ର ସ୍ଥିତି ପାଇଁ ଫଳ ଅଲଗା। ଦ୍ୱିସ୍ୱରାଶି ଧନୀ, ମୀନ, ମିଥୁନ, କନ୍ୟା ଏଥିରେ ଶନି ରହିଲେ ବ୍ରାହ୍ମଣୀ ହାତରେ ଅଢ଼ା ଧରାଯାଏ ଯେ ଦୁର୍ଭିକ୍ଷ ପ୍ରଦାନକାରୀ ଶନିଙ୍କର ୩ୟ ଦୃଷ୍ଟିରେ ୭ମ ଦୃଷ୍ଟିରେ ୨ ପୃଥ ରାଶି ରହେ। ବୃଷ ଓ କନ୍ୟା ଯଦିବା ଏ ଦୁଇରାଶିଙ୍କର ମିତ୍ର ରାଶି ତଥାପି ବୃଷରୁ କନ୍ୟା ଶେଷ ଯାଏ ଖାରିଫ ଫସଲ ସମୟ ଜଳ ଅଭାବ ବା ଜଳ ବହୁଳରୁ କ୍ଷତି ହୁଏ ଯାହା ସମ୍ପୂର୍ଣ୍ଣ ମୌସୁମୀ ପ୍ରଭାବିତ ସମୟ। କୁହାଯାଏ ଆକାଶରୁ ମହରଗ। ଏହି ଆକାଶଚାରୀ ଗ୍ରହ ଠିକ୍ ବର୍ଷଣ ନକଲେ ସବୁ ଅଭାବ ଅନାଟନ ସଂସାରରେ ପଡ଼ିଥାଏ ଯହିଁରେ ସମସ୍ତଙ୍କୁ ଭୋଗିବାକୁ ହିଁ ପଡ଼ିଥାଏ। ଏଥିରେ ରାଶି ଏକ ନୁହଁ ୧୨ ରାଶିର ବ୍ୟକ୍ତିମାନେ ଭୋଗିବାକୁ ବାଧ।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



ଶନି କାଳକୋର୍ଟ ପରିଧାନକାରୀ, ଅପରାଧ କମ କରିଲେ କୋର୍ଟ ଦୌଡ଼ା ଓକିଲ ପରାମର୍ଶ ଭୋଗିବାକୁ ପଡ଼େ। ରେଲେରେ ସଠିକ ଟିକେଟ ନକରି ଯାତ୍ରା କରୁଥିଲେ କାଳିଆ କୋର୍ଟ ପିନ୍ଧିବାବୁଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ। ଚୋରମାନେ କଳାକନା ବୁଲାନ୍ତି। ନିଜର ଦ୍ରବ୍ୟ ପ୍ରତି ଉପଯୁକ୍ତ ରକ୍ଷଣା ବ୍ୟକ୍ଷଣା ବ୍ୟବସ୍ଥା ନକରିଥିଲେ ଗହଣା ପିନ୍ଧିଲେ ଦେଖେଇ ଚାଲରେ ଏଇ କଳାକନା ବୁଲାଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ।ଯେ ପାଞ୍ଚେ ପରମନ୍ଦ ତା ମନ୍ଦ ପାଞ୍ଚନ୍ତି ଠେଙ୍ଗାବାଡ଼ି।


# ଆଧୁନିକ ଜୀବନ ଶୈଳୀ ଓ ସଙ୍କୁଚିତ ମାତୃତ୍ୱ


॥ ଡାକ୍ତର ଶୁଭଶ୍ରୀ ମିଶ୍ର ॥


ମାତୃତ୍ୱ ନାରୀକୁ ପୂର୍ଣ୍ଣତା ଦେଇଥାଏ। ଯାହାପାଇଁ ଅନେକ ମାଆ ମାନଙ୍କ ଜୀବନର ଏକ ଆବେଗ ଥାଏ ଏହି ଆନନ୍ଦ ପାଇବା ପାଇଁ। ତେଣୁ ଛୁଆର ପ୍ରଥମ କାନ୍ଦଣା ଶୁଣିବାକୁ ମାଆଙ୍କ ପ୍ରସନ୍ନବେଦନାକୁ ବି ଗୌଣ ଭାବିନିଏ। ତେବେ ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ଆସିବା ପରେ ମାତୃତ୍ୱ ଲାଭ ପାଇଁ ପ୍ରସବ ବେଦନା ଆଉ ଅବସମ୍ଭାବି ହୋଇରହିନାହିଁ। ବେଦନା ପୂର୍ବରୁ ହିଁ ନବଜାତ ମାନେ ସିଜରିଆନ ଡେଲିଭରି ବ୍ୟବସ୍ଥା ଦ୍ୱାରା ଭୂମିଷ୍ଠ ହେଉଛନ୍ତି। ଏବେ ନିରାପଦ ମାତୃତ୍ୱକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଆଗେ କେବଳ ଘଣ୍ଟା ଘଣ୍ଟା ନୁହେଁ ଦିନ ଦିନର ପ୍ରସବ ଯନ୍ତ୍ରଣା ପରେ ସ୍ୱାଭାବିକ ଭାବରେ ଶିଶୁଟିଏ ଜନ୍ମ ନେଉଥିଲା। କିନ୍ତୁ ଏବେ ସିଜରିଆନ ଡେଲିଭରିର ଅଧିକ ଗୁରୁତ୍ୱ ରହିଛି। ସୂଚନାଥାଉକି ଗର୍ଭାବସ୍ଥାର ୩୫ ସପ୍ତାହ ଭିତରେ ଜଣାପଡ଼ିଯାଏ ଯେ ପ୍ରସବ ସ୍ୱାଭାବିକ ହେବ ନା ସିଜରିଆନ। ଶିଶୁ ଓଲଟା ରହିଲେ, ନାଡ଼ ଗୁଡ଼ାଇ ହୋଇଗଲେ କିମ୍ବା ଓଜନ ଅଧିକ ଥିଲେ ସ୍ୱାଭାବିକ ପ୍ରସବ ପରାମର୍ଶ ଯୋଗ୍ୟ ନୁହେଁ। ସ୍ୱାଭାବିକ ପ୍ରସବରେ ବିଭିନ୍ନ ସମସ୍ୟା ଦେଖାଯାଇଥାଏ। ଗର୍ଭସ୍ଥ ଶିଶୁର ଗର୍ଭାଶୟ ସହିତ ସଂଯୋଗ କରୁଥିବା ନାଡଟି ଅଟକି ଯାଉଛି କିମ୍ବା ତାର ହୃତସ୍ପନ୍ଦନ ଅସ୍ୱାଭାବିକ ରହୁଛି କି ରକ୍ତ ଜମାଟ ବାନ୍ଧୁଛି। କେତେକ ସ୍ଥଳରେ ଶିଶୁ ଜନ୍ମ ହେଲାପରେ କାନ୍ଦୁନାହିଁ ଓ ମୂତ୍ରାଶୟ ଖସିଯିବାର ଆଶଙ୍କା ରହୁଛି। ଏଣୁ ଶିଶୁର ସ୍ୱାସ୍ଥ୍ୟକୁ ବିଚାରକରି ଅସ୍ତ୍ରୋପଚାର ପାଇଁ କୁହାଯାଏ। ଯଦି ଗର୍ଭବତୀ ଏକତ୍ର ଦୁଇ ବା ଅଧିକ ସନ୍ତାନ ଜନ୍ମ ଦେଉଛନ୍ତି ଏବଂ ଶିଶୁ ଗର୍ଭାଶୟରେ ଭୁଲ ସ୍ଥାନରେ ରହିଛି ତେବେ ସିଜରିଆନ କରାଯାଏ। ମାଆର ହରପିସ ସଂକ୍ରମଣ ଥିଲେ ଗର୍ଭସ୍ଥ ଶିଶୁ ସଂକ୍ରମିତ ହୋଇପାରେ। ସେ କ୍ଷେତ୍ରରେ ମଧ୍ୟ ସିଜରିଆନ ଡେଲିଭରି କରାଯାଏ। ସବୁବେଳେ ଲକ୍ଷ୍ୟ ରଖିବା ଉଚିତ କି ଶିଶୁଟି କିପରି ସୁସ୍ଥ ଭାବେ ଓ ଠିକ ସମୟରେ ଜନ୍ମ ନେବ।

ନିକଟରେ ପୃଥିବୀର ବିଭିନ୍ନ ଦେଶମାନଙ୍କରେ ମହିଳା ମାନଙ୍କର ସନ୍ତାନ ପ୍ରସବ ହାର ବା ଟୋଟଲ ଫଟଲିଟି ରେଟର ଭବିଷ୍ୟତର ସମ୍ଭାବ୍ୟ ଧାରା ସମ୍ବନ୍ଧରେ ମର୍ଯ୍ୟାଦାଜନକ ଚିକିତ୍ସା ବିଜ୍ଞାନ ପତ୍ରିକା ଲଣ୍ଡନରୁ ପ୍ରକାଶିତ 'ଦି ଲାନସେଟ' ବହନ କରିଥିବା ଏକ ଅନୁଶୀଳନ ଅନୁସାରେ ୨୦୫୦ ସୁଧା ଭାରତର ଟିଏଫଆର ୧.୨୯କୁ ଏବଂ ୨୧୦୦ ସୁଦ୍ଧା ତାହା ଆହୁରି ତଳକୁ ଖସି ୧.୦୪ ହେବାକୁ ଯାଉଛି ବୋଲି ଅନୁମାନ କରାଯାଉଛି। ଟିଏଫଆର ହେଉଛି ପ୍ରଜନନକ୍ଷମ ବୟସସୀମା ୧୫-୪୯ ବର୍ଷ ବୟସ ମଧ୍ୟରେ ଜଣେ ମହିଳା ଜନ୍ମଦାନ କରୁଥିବା ସନ୍ତାନ ସନ୍ତିତଙ୍କ ହାରାହାରି ସଂଖ୍ୟା। ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଆବଶ୍ୟକ ଟିଏଫଆର ହେଉଛି ୨.୧ ଯାହାକୁ ପ୍ରତିସ୍ଥାପନ ହାର ବା ରିପ୍ଲେସମେଣ୍ଟ ରେଟ ରୂପେ ଅଭିହିତ କରାଯାଇଥାଏ। ଦି ଲାନସେଟରେ ପ୍ରକାଶିତ ଅନୁଶୀଳନ ଅନୁସାରେ ଭାରତର ଟିଏଫଆର ୨୦୨୧ରେ ଏହି ପ୍ରତିସ୍ଥାପନ ହାର ଠାରୁ କମ ହୋଇସାରିଛି ୧.୯୧। ଭାରତ ସରକାରଙ୍କ ଦ୍ୱାରା ୨୦୧୯-୨୧ ମଧ୍ୟରେ କରାଯାଇଥିବା ନେସନାଲ ଫ୍ୟାମିଲି ହେଲଥ ସର୍ଭେରୁ ମଧ ଦେଶର ଟିଏଫଆର ମୂଲ୍ୟ ୨ ହୋଇଥିବା ଆବିଷ୍କୃତ ହୋଇଥିଲା, ଯାହା ଉପରୋକ୍ତ ପ୍ରତିସ୍ଥାପନ ହାର ଠାରୁ ସାମାନ୍ୟ ନୀଚା ହୋଇଥାଏ।

ଦି ଲାନସେଟରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ହେଉଛି ୟୁନିଭର୍ସିଟି ଅଫ ୱାସିଙ୍ଗଟନ ସ୍କୁଲ ଅଫ ମେଡ଼ିସିନର ଇନଷ୍ଟିଚ୍ୟୁଟ ଅଫ ହେଲଥ ମେଟ୍ରିକସ ଆଣ୍ଡ ଇଭାଲୁଏସନ ନାମକ ଜନସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ଦ୍ୱାରା କରାଯାଇଥିବା ଅନୁଶୀଳନ ଉପରେ ଆଧାରିତ। ଏହି ଅନୁଶୀଳନରେ କରାଯାଇଥିବା ଆକଳନ ଅନୁସାରେ ୨୦୨୧ରେ ଭାରତରେ ଜନ୍ମଲାଭ କରିଥିବା ମୋଟ ଜୀବନ୍ତ ଶିଶୁଙ୍କ ସଂଖ୍ୟା ୨୨.୩୯ ନିୟୁତ ଥିବାବେଳେ ୨୦୫୦ରେ ତାହା ହ୍ରାସ ପାଇ ୧୩.୦୩ ନିୟୁତ ହେବାକୁ ଯାଉଛି। ଏହି ଧାରା ଅବ୍ୟାହତ ରହି ୨୧୦୦ ବେଳକୁ ଏଥିରେ ତୀକ୍ଷଣ ହ୍ରାସ ଘଟି ଏହି ସଂଖ୍ୟା ହେବ ୩.୭୯ ନିୟୁତ ବୋଲି ଅନୁମାନ କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତରେ ଯେତେବେଳେ ୧୯୯୨-୯୩ରେ ସର୍ବପ୍ରଥମ ରାଉଣ୍ଡ ଏନଏଫଏଚଏସ ଅନୁଷ୍ଠିତ ହୋଇଥିଲା, ସେତେବେଳେ ଭାରତର ଟିଏଫଆର ଥିଲା ୩.୪। ବାଳିକାମାନଙ୍କର ଶିକ୍ଷାସ୍ତରରେ ବୃଦ୍ଧି ଓ ନାରୀମାନଙ୍କର ବିଧିବଦ୍ଧ ନିଯୁକ୍ତି କ୍ଷେତ୍ରରେ ପ୍ରବେଶ ହେଉଛି ଟିଏଫଆରରେ ସ୍ଖଳନ ଘଟିବାର ମୁଖ୍ୟ କାରଣ। ସ୍କୁଲରେ ଅଧିକ କାଳ ବିତାଇଲେ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କରେ ପ୍ରବେଶ କଲେ ବାଳିକାମାନଙ୍କର ବିବାହ ବିଳମ୍ବ ହୋଇଥାଏ। ବିବାହରେ ବିଳମ୍ବ ଘଟିଲେ ନାରୀମାନଙ୍କର ମାତୃତ୍ୱ ଲାଭରେ ସ୍ୱାଭାବିକ ଭାବରେ ବିଳମ୍ବ ଘଟିଥାଏ। ପ୍ରଥମ ସନ୍ତାନ ଭୂମିଷ୍ଠ ହେବାରେ ବିଳମ୍ବ ଘଟିଲେ, ଅଧିକ ପ୍ରଜନନ ପାଇଁ ଉପଲବ୍ଧ ସମୟ ସଙ୍କୁଚିତ ହୋଇଯାଏ ଓ ସଂପୃକ୍ତା ନାରୀ ଜନ୍ମଦାନ କରୁଥିବା ସନ୍ତାନ ସଂଖ୍ୟା ହ୍ରାସ ପାଇଥାଏ। ତା'ଛଡ଼ା ସନ୍ତାନର ଉପଯୁକ୍ତ ଲାଳନପାଳନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଣ ଆଦି ବ୍ୟୟସାପେକ୍ଷ ହୋଇଥିବାରୁ ଶିକ୍ଷିତା, ସଚେତନ ଜନନୀମାନେ ନିଜର ସନ୍ତାନ ପାଇଁ ତାହା ନିଶ୍ଚିତ କରିବା ପାଇଁ ଅଧିକ ସଂଖ୍ୟକ ସନ୍ତାନ ସୃଷ୍ଟି କରିବାରୁ ନିବୃତ୍ତ ରହନ୍ତି। ବୃତ୍ତିଧାରିଣୀ ମହିଳାମାନେ ମଧ ସନ୍ତାନ ସଂଖ୍ୟା ସୀମିତ କରିବାକୁ ବାଧ ହୋଇଥାନ୍ତି। ଶିଶୁ ମୃତ୍ୟୁହାରରେ ହ୍ରାସ ଓ ସହରୀକରଣ ମଧ ସନ୍ତାନ ସଂଖ୍ୟା ସୀମିତ କରିବାରେ ସହାୟକ ହୋଇଛି। ଉପରୋକ୍ତ ଗବେଷଣା ସଂସ୍ଥା ଯେଉଁ ଆବିଷ୍କାର କରିଛି ଯେ ୧୯୫୦ରୁ ୨୦୨୧ ମଧ୍ୟରେ ସାରା ପୃଥିବୀର ଟିଏଫଆର ୪.୮୪ରୁ ହ୍ରାସ ପାଇ ତାହାର ଅଧାରୁ ମଧ କମ ହୋଇଯାଇ ହୋଇଛି ୨.୨୩, ତା ପଛରେ ଏଇ ସମସ୍ତ କାରଣ ମାନ ନିହିତ ଅଛି। ଭାରତରେ ଏନଏଫଏଚଏସ-୫ରୁ ଦେଖାଯାଇଥିଲା ଯେ କେବଳ ବିହାର, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ଭଳି କତିପୟ ରାଜ୍ୟମାନଙ୍କ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ଟିଏଫଆରରେ ସ୍ଖଳନ ଘଟିଛି। ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଏନଏଫଏଚଏସ-୫ରେ ଦେଖାଯାଇଥିଲା ଯେ ଆଦୌ ସ୍କୁଲ ମାଡ଼ି ନଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ୨.୮ ହୋଇଥିବାବେଳେ ୧୨ ବା ତୋତାଧିକ ବର୍ଷର ଶିକ୍ଷା ଲାଭ କରିଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ଥିଲା ୧.୮। ଅପେକ୍ଷାକୃତ କ୍ଷୁଦ୍ର ଦେଶମାନଙ୍କ ପାଇଁ ଟିଏଫଆରରେ ହ୍ରାସ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ଏଥିଯୋଗୁଁ ସେ ଦେଶର ଶ୍ରମଶକ୍ତି ସଙ୍କୁଚିତ ହୋଇଥାଏ ଏହାକୁ ଭରଣା କରିବାକୁ ବହିରାଗତ ଶ୍ରମିକମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ, ଯାହା ବର୍ତ୍ତମାନ ଇଉରୋପର ଅନେକ ଦେଶରେ ଦେଖାଯାଉଥିବା ଭଳି ସାମାଜିକ ସଂଘାତ ଓ ଅସ୍ଥିରତା ସୃଷ୍ଟି କରିଥାଏ। ଜାପାନ ଓ ଦକ୍ଷିଣ କୋରିଆ ପରି ପୂର୍ବ ଏସିଆର ଉନ୍ନତ ଦେଶମାନ ବର୍ତ୍ତମାନ ଜନସଂଖ୍ୟା ସଙ୍କୋଚନ ଜନିତ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହେବା ଦେଖାଗଲାଣି। ଟିଏଫଆରରେ ସ୍ଖଳନ ଘଟି ଚାଲିଲେ ତାହା କ୍ରମେ ଜନସଂଖ୍ୟା ପରିମିଡକୁ ଓଲଟାଇଦେବ ଅର୍ଥାତ୍ ସେ ଦେଶର ଜନସଂଖ୍ୟାରେ ଯୁବପିଢ଼ି ତୁଳନାରେ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ଅଧିକ ହେବ। ଉତ୍ପାଦନଶୀଳ ଯୁବକ ଯୁବତୀମାନଙ୍କ ଉପରେ ଅନୁତ୍ପାଦନଶୀଳ ବୃଦ୍ଧବୃଦ୍ଧାମାନେ ନିର୍ଭର କରିଥାନ୍ତି। ସମୟ ଅତିକ୍ରାନ୍ତ ହେବା ସହିତ ଏହି ନିର୍ଭରଶୀଳ ଅନୁପାତରେ ବୃଦ୍ଧି ଘଟିଚାଲି ଏକ ସମୟରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେବ। କେବଳ ଏହି ବୟସ୍କମାନଙ୍କର ଜୀବନଧାରଣର ଆବଶ୍ୟକତା ପୂରଣ କରିବା ନୁହେଁ ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା ରାଷ୍ଟ୍ର ପାଇଁ ଏକ ବିଶାଳ ଓ ବର୍ଦ୍ଧିଷ୍ଣୁ ବୋଝ ସୃଷ୍ଟି କରିଥାଏ। ଶେଷରେ ଉତ୍ପାଦନଶୀଳ ଯୁବପିଢ଼ିକୁ ହିଁ ଏହି ବୋଝ ବହନ କରିବାକୁ ହୋଇଥାଏ।

# ବିକଶିତ ଭାରତ ସଂକଳ୍ପ ଯାତ୍ରା


॥ ଗୋପୀନାଥ ଦାଶ ॥


ଗରିବ, ନିଷ୍ପେସିତଙ୍କ ଠାରୁ ଆରମ୍ଭ କରି ସମାଜର ସବୁଠୁ ଶେଷ ଧାଡ଼ିରେ ଥିବା ଅବହେଳିତ ଲୋକଙ୍କୁ ବିକାଶର ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଭାରତ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଫ୍ଲାଗସିପ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏବଂ ଏସବୁ ଯୋଜନାର ସଫଳ ରୂପାୟନ ନିଶ୍ଚିତ କରାଇବା ସକାଶେ ଆରମ୍ଭ ହୋଇଛି ବିକଶିତ ଭାରତ ସଂକଳ୍ପ ଯାତ୍ରା।

ଭାରତ ସରକାର କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ରାଜ୍ୟ ଗୁଡ଼ିକର ସହଯୋଗରେ ବିଭିନ୍ନ ଫ୍ଲାଗସିପ ଯୋଜନାର ସଫଳ ରୂପାନ୍ତର ତଥା ଠିକଣା କାର୍ଯ୍ୟକାରିତା ପାଇଁ ଏବେ ମିଶନ ଧାରାରେ କାମ ଆରମ୍ଭ କରିଛନ୍ତି। ପରିମଳ ସୁବିଧା ଅତ୍ୟାବଶ୍ୟକ ଆର୍ଥିକ ସେବା, ଏଲପିଜି ସଂଯୋଗ ସୁବିଧା, ଗରିବଙ୍କ ପାଇଁ ଘର, ଖାଦ୍ୟ ନିରାପତ୍ତା, ଉପଯୁକ୍ତ ପୁଷ୍ଟି, ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା, ସ୍ୱଚ୍ଛ ପାନୀୟ ଜଳ, ଗୁଣାତ୍ମକ ଶିକ୍ଷା ଭଳି ଫ୍ଲାଗସିପ କାର୍ଯ୍ୟକ୍ରମ ଗରିବ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ। ସମସ୍ତ ଯୋଗ୍ୟ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀଙ୍କ ନିକଟରେ ଏସବୁ ସେବା ଯେପରି ନିଶ୍ଚିତ ପହଞ୍ଚିପାରିବ ସେଥିପାଇଁ ମିଶନ ମୋଡ଼ରେ ଏହାକୁ କାର୍ଯ୍ୟକାରୀ କରାଯାଉଛି। ସମାଜର ତୃଣମୂଳସ୍ତରରେ ସବା ଶେଷ ଲୋକ ପାଖରେ ଯେପରି ଏସବୁ ମୌଳିକ ସେବା ପହଞ୍ଚିପାରିବ ସେଥିପାଇଁ ବିଭିନ୍ନ ଯୋଜନାର ଉପକାରିତା ଏବଂ ଏଥିରେ ଉପଲବ୍ଧ ସୁବିଧା ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଉଛି।

ବିକଶିତ ଭାରତ ସଂକଳ୍ପ ଯାତ୍ରାର ମୂଳ ଆଭିମୁଖ୍ୟ ହେଲା ଅପହଞ୍ଚଙ୍କ ନିକଟରେ ପହଞ୍ଚିବା। ଯେଉଁମାନେ ସରକାରଙ୍କ ବିଭିନ୍ନ ସ୍କିମରେ ଯୋଜନାର ସୁଫଳ ପାଇବାକୁ ହକଦାର ଏବଂ ଯୋଗ୍ୟ କିନ୍ତୁ ଏପର୍ଯ୍ୟନ୍ତ ପାଇପାରିନାହାନ୍ତି ସେମାନଙ୍କ ନିକଟରେ ପହଞ୍ଚିବା, ବିଭିନ୍ନ ଯୋଜନା ବାବଦରେ ସଚେତନତା ସୃଷ୍ଟି କରିବା ଏବଂ ସୂଚନା ପ୍ରଦାନ କରିବା ଏ କାର୍ଯ୍ୟକ୍ରମର ଲକ୍ଷ୍ୟ। ନାଗରିକ ବା ହିତାଧିକାରୀଙ୍କ ଠାରୁ ସେମାନଙ୍କ ବ୍ୟକ୍ତିଗତ ଅନୁଭୂତି ବା ପ୍ରତିକ୍ରିୟା ଜାଣିବା ଏବଂ ଆବଶ୍ୟକ ସ୍ଥଳେ ଯୋଗ୍ୟ ହିତାଧିକାରୀଙ୍କ ପଞ୍ଜୀକରଣ କରିବା ମଧ ଏହି ଯାତ୍ରାର ଉଦ୍ଦେଶ୍ୟ। ଜନଜାତୀୟ ଗୌରବ ଦିବସ ଅବସରରେ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଅଧିକ ଆଦିବାସୀ ଜନସଂଖ୍ୟା ଥିବା ଜିଲ୍ଲା ଗୁଡ଼ିକରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଭ୍ରାମ୍ୟମାଣ ଯାନ ଜରିଆରେ ଏ ବିଷୟରେ ଲୋକଙ୍କୁ ସଚେତନ କରାଯିବା ପ୍ରକ୍ରିୟା ଜାରି ରହିଛି। ଦେଶର ସବୁ ଜିଲ୍ଲାକୁ ଏହି ଯାତ୍ରା ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯିବାର ଲକ୍ଷ୍ୟ ରହିଛି।

ଓଡ଼ିଶାରେ ନଭେମ୍ବର ୧୫ ବିର୍ସାମୁଣ୍ଡା ଜୟନ୍ତୀରୁ ଆରମ୍ଭ ହୋଇଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରା ଆଦିବାସୀ ଅଧ୍ୟୁଷିତ କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ବେଶ ସଫଳ ହୋଇଛି। ବର୍ତ୍ତମାନ ଏଲଇଡ଼ି ୱାଇ, ପ୍ରଚାର ପତ୍ର, ସେଲଫି ପଏଣ୍ଟ, ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ସଚିତ୍ର ସୂଚନା ଥିବା ୭୫ ଭ୍ରାମ୍ୟମାଣ ଯାନ ଓଡ଼ିଶାର ୩୦ ଜିଲ୍ଲାରେ ବୁଲି କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଛି। ଏହି ଅଭିଯାନରେ ଅତିରିକ୍ତ ୩୦ଯାନ ସାମିଲ କରାଯାଇ ମୋଟ ୧୦୫ଟି ଯାନରେ ରାଜ୍ୟର ୩୦ ଜିଲ୍ଲାର ୬୭୯୪ ଗ୍ରାମ ପଞ୍ଚାୟତକୁ ସଚେତନତା ଯାତ୍ରା କାର୍ଯ୍ୟକ୍ରମ ପହଞ୍ଚାଇବାର ଲକ୍ଷ୍ୟ ରହିଛି। ବିକଶିତ ଭାରତ ସଂକଳ୍ପ ଯାତ୍ରା ଅଭିଯାନରେ ପିଏମ ଉଜ୍ଜ୍ୱଳା, କୃଷି ବିଭାଗ, ପିଏମ ଜନଔଷଧି କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ବିଭାଗ, ଡାକ ଏବଂ ବ୍ୟାଙ୍କ ଆଦି ବିଭିନ୍ନ ସ୍କିମର ପ୍ରଚାର ଷ୍ଟଲକୁ ସାମିଲ କରାଯାଇଛି। ପିଏମ ଜନଔଷଧି କାର୍ଯ୍ୟକ୍ରମ ଅଧିନରେ ସାଧାରଣ ଲୋକମାନଙ୍କୁ ସ୍ୱଚ୍ଛ ମୂଲ୍ୟରେ ସିଲିଣ୍ଡର ସହ ଗ୍ୟାସ ସଂଯୋଗ ଏବଂ ଷ୍ଟୋଭ ଗୁଣାତ୍ମକ ଔଷଧ ଯୋଗାଇବାର ବ୍ୟବସ୍ଥା ହୋଇଛି। ହିତାଧିକାରୀ ଏହାର ସୁଯୋଗ ନେଇପାରୁଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସୁକନ୍ୟା ସମୃଦ୍ଧି ସ୍କିମ, ପିଏମ କିଷାନ ସମ୍ମାନ ନିଧି ଯୋଜନା, ପିଏମ ଉଜ୍ଜ୍ୱଳା, ହର ଘର ଜଳ, ପିଏମ ଆବାସ ଯୋଜନା, ଆତ୍ମନିର୍ଭର ଭାରତ ଆଦି ଯୋଜନାର ହିତାଧିକାରୀ ଏହି ଯାତ୍ରାକାଳରେ ସେମାନଙ୍କ ଅନୁଭୂତି ମଧ ବର୍ଣ୍ଣନା କରୁଛନ୍ତି। କୃଷି କ୍ଷେତ୍ରରେ ଅଧିକ ଉତ୍ପାଦନ ପାଇଁ କୃଷକଙ୍କୁ ତାଲିମ ପ୍ରଦାନ ଲାଗି ଗ୍ରାମ ପଞ୍ଚାୟତ ସ୍ତରରେ ଅଭିଯାନ କାଳରେ ଡ୍ରୋନ ଜ୍ଞାନକୌଶଳର ମଧ ପ୍ରଦର୍ଶନ କରାଯାଉଛି। ଏହା ବ୍ୟତୀତ କାର୍ଯ୍ୟକ୍ରମ ସ୍ଥଳରେ ଜାତୀୟ ଏକତା ଏବଂ ସଂହତି ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସ୍ଥାନୀୟ କଳାକାର ଏବଂ ଅନ୍ୟାନ୍ୟ ସାଂସ୍କୃତିକ ଦଳ ପକ୍ଷରୁ ସୂଚନାଧର୍ମୀ ତଥ୍ୟ ସମ୍ବଳିତ କାର୍ଯ୍ୟକ୍ରମ ପରିବେଷଣ ସହିତ ଜନସାଧାରଣଙ୍କୁ ସଚେତନ କରାଯାଉଛି। ହମାରା ସଂକଳ୍ପ ବିକଶିତ ଭାରତ ହେଉଛି ଏକ ଦେଶବ୍ୟାପୀ ଜନସଚେତନତା ଅଭିଯାନ ଯାହା ମାଧ୍ୟମରେ ସରକାରଙ୍କ ବିଭିନ୍ନ ସ୍କିମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ସହିତ ଯୋଜନାକୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଜୀକୃତ କରିବ। ଦେଶ ଏବଂ ବିଭିନ୍ନ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ନଗର ପଞ୍ଚାୟତ ଏବଂ ଅର୍ବାନ ଲୋକାଲ ବଡ଼ିରେ ଏହି ସଚେତନତାର ବାର୍ତ୍ତା ପ୍ରଚାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ପାରାଦୀପରେ ଦେବସ୍ନାନ ପୂର୍ଣ୍ଣିମା - ୧୦୮ ଗରା ଜଳରେ ସ୍ନାନ କଲେ ଶ୍ରୀ ଜୀୟୁ

ପାରାଦୀପ, (ମହାଭାରତ) : ପାରାଦୀପ ମଧୁବନସ୍ଥିତ ଜଗନ୍ନାଥ ମନ୍ଦିରରେ ସୋମବାର ଦିନ ଯଥା ରିତୀନିତି ଅନୁଯାୟୀ ଶ୍ରୀଜୀୟୁମାନଙ୍କର ସ୍ନାନ କାର୍ଯ୍ୟ ସମ୍ପାଦିତ ହୋଇଯାଇଛି । ସକାଳେ ଶ୍ରୀ ଜୀୟୁମାନଙ୍କର ମଙ୍ଗଳ ଆଳତୀ, ମଇଲମ, ସେନାପଟା ଆଦି ନିତି ସମ୍ପନ୍ନ ହୋଇଥିଲା । ଏହା ପରେ ଶ୍ରୀଜୀୟୁମାନଙ୍କର ଧାଡି ପହୁଣ୍ଡି ଆରମ୍ଭ ହୋଇଥିଲା । ପହୁଣ୍ଡି ହୋଇ ଶ୍ରୀଜୀୟୁମାନେ ସ୍ନାନବେଦୀକୁ ଆସିଥିଲେ । ଏହା ପରେ ଜଗନ୍ନାଥ ସମାଜର ଅଧ୍ୟକ୍ଷ ତଥା ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ପହଂଚିବା ପରେ ପାରମ୍ପରିକ ନିତି ଅନୁଯାୟୀ ପ୍ରଥମେ ଶ୍ରୀଜୀୟୁମାନଙ୍କ ଉପରେ ସୁବାଶିତ ଜଳ ଅର୍ପଣ କରିଥିଲେ । ପରେ ପରେ ମନ୍ଦିର ସେବାୟତମାନେ ଶ୍ରୀଜୀୟୁମାନଙ୍କ ଉପରେ ଜଳ ଅର୍ପଣ କରି ଶ୍ରୀଜୀୟୁମାନଙ୍କର ସ୍ନାନ କାର୍ଯ୍ୟ କରିଥିଲେ । ସ୍ନାନ କାର୍ଯ୍ୟ ସରିବା ପରେ ସ୍ନାନବେଦୀରେ ପୂଜା ହୋମ ସରିବା ପରେ ଶ୍ରୀଜୀୟୁମାନଙ୍କର ଗଜାନନ ବେଶ ହୋଇଥିଲା । ସ୍ନାନବେଦୀରେ ଶ୍ରୀଜୀୟୁମାନେ ଭକ୍ତମାନଙ୍କୁ ଗଜାନନ ବେଶରେ ଦର୍ଶନ ଦେଇଥିଲେ । ସଂଧ୍ୟାରେ ଭକ୍ତି ସଙ୍ଗୀତ ପରିବେଶିତ ହେବା ପରେ ଶ୍ରୀ ଜୀୟୁମାନଙ୍କୁ ଅଣସର ଗୃହ ପ୍ରବେଶ କରାଯାଇଥିଲା । ପାରାଦୀପ ଅଂଚଳର ବହୁ ଜଗନ୍ନାଥ ପ୍ରେମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଟି.ଭେନୁ ଗୋପାଳଙ୍କ ସମେତ ବନ୍ଦରର ବହୁ ଅଧିକାରୀ, ଜଗନ୍ନାଥ ସମାଜର ସଦସ୍ୟମାନେ ଏହି ସ୍ନାନ କାର୍ଯ୍ୟରେ ଯୋଗ ଦେଇଥିଲେ ।

## ଅଧୁରା ରହିଗଲା ସ୍ନେହମୟୀ ସ୍ନେହଲତାଙ୍କ ସ୍ନେହ

ପାରାଦୀପ / ଭୁତମୁଣ୍ଡାଇ, (ମହାଭାରତ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗର ବାସିନ୍ଦା, ସ୍ୱର୍ଗତ ଜଗବନ୍ଧୁ ମହାନ୍ତିଙ୍କ ଧର୍ମପତ୍ନୀ ସ୍ୱର୍ଗତା ସ୍ନେହଲତା ମହାନ୍ତି ୯୨ବର୍ଷ ରେ ବାର୍ଦ୍ଧକ୍ୟ ଜନିତ କାରଣରୁ ପରଲୋକ ଗମନ କରିଛନ୍ତି । ସେ ଜଣେ ଧର୍ମପରାୟଣା, ସ୍ନେହି , ମିଳାପୀ ଓ ପରୋପକାରୀ ମହିଳା ଭାବେ ଯେତିକି ପରିଚିତ ଥିଲେ , ସେବାଭାବ ପାଇଁ ସେ ପଞ୍ଚାୟତ ତଥା ଆଖପାଖ ଗ୍ରାମର ସମସ୍ତଙ୍କର ପ୍ରିୟ ଥିଲେ । ପ୍ରତିଦିନ ପ୍ରଭାତ ପ୍ରାୟ ୪ଟାରେ ଉଠି ସ୍ନାନ ସାରି ଭଗବାନଙ୍କ ଆରାଧନା କରିବା ତାଙ୍କର ନିତ୍ୟ ଜୀବନଚର୍ଯ୍ୟା ଥିଲା । ଶ୍ରୀଜଗନ୍ନାଥ ସଂସ୍କୃତି, ଭଜନ-କୀର୍ତ୍ତନ ଓ ଆଧ୍ୟାତ୍ମିକ ଚେତନା ପ୍ରତି ତାଙ୍କର ଅଗାଢ଼ ଭକ୍ତି ରହିଥିଲା । ସମସ୍ତେ ଥିଲେ ତାଙ୍କର ନିଜର । ସେ ପରିବାର ତଥା ଅଞ୍ଚଳବାସୀଙ୍କ ପାଇଁ ଥିଲେ ସେବା ଓ ଦୟାର ଅବତାର । ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଜୀବନ ଯୁଦ୍ଧ ରେ ହାରିନଯାଇ ସମସ୍ତଙ୍କୁ ସ୍ନେହ ପ୍ରେମରେ ବାନ୍ଧି ରଖିଥିଲେ । ତାଙ୍କ ଦେହାନ୍ତ ଖବର ବିଜୁଳି ବେଗରେ ଚତୁର୍ଦ୍ଦିଗ ବ୍ୟାପି ଯାଇଥିଲା । ଭୁତମୁଣ୍ଡାଇ ନିକଟସ୍ଥ ବିଶ୍ୱାଳୀ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହେବାସହ ତାଙ୍କର ପାର୍ଥିବ ଶରୀରର ଶେଷ ଦର୍ଶନ ପାଇଁ ଆଖପାଖ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ କଟକ, ଭୁବନେଶ୍ୱର ଏପରିକି ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଆତ୍ମୀୟ-ସ୍ୱଜନ ଓ ଶୁଭେଚ୍ଛୁମାନେ ଶେଷ ଦର୍ଶନ କରିବାସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଭଜନ ଓ ନାମ ସଂକୀର୍ତ୍ତନ ମଧ୍ୟରେ ଗ୍ରାମ ଶ୍ମଶାନରେ ବିଧିବିଧାନ ଅନୁଯାୟୀ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ଏବଂ ଜ୍ୟେଷ୍ଠ ପୁତ୍ର ଜିତେନ୍ଦ୍ରିୟ ମହାନ୍ତି (ମିଲୁ) ମୁଖାଗ୍ନି ପ୍ରଦାନ କରିଥିଲେ । ସ୍ୱର୍ଗତା ମହାନ୍ତି ତାଙ୍କ ପଛରେ ଦୁଇ ପୁତ୍ର, ଚାରି କନ୍ୟା, ଜାମାତା, ବୋହୂ, ନାତି-ନାତୁଣୀ, ନାତିବୋହୂ, ନାତିଜ୍ୱାଇଁ ସମେତ ଏକ ସୁବୃହତ ପରିବାର ଓ ଅସଂଖ୍ୟ ଗୁଣଗ୍ରାହୀଙ୍କୁ ଛାଡ଼ି ଯାଇଛନ୍ତି । ତାଙ୍କର ବିୟୋଗରେ ସମଗ୍ର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି ।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟର ଶତାୟୁ ଛାତ୍ରାବାସର ସ୍ଥିତି ଅନୁଧ୍ୟାନ କଲେ ବିଧାୟକ ଇଂ ରୂପେଶ ପାଣିଗ୍ରାହୀ



ଗଜପତି, (ମହାଭାରତ) : ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟର ଶତାୟୁ ଛାତ୍ରାବାସର ସ୍ଥିତି ଅନୁଧ୍ୟାନ କଲେ ବିଧାୟକ ଇଂ ରୂପେଶ ପାଣିଗ୍ରାହୀ । ଦେଶ ସ୍ୱାଧୀନ ହେବାର ୩୫ ବର୍ଷ ପୂର୍ବେ ୧୯୧୨ରେ ପାରଳା ମହାରାଜା ନିର୍ମାଣ କରିଥିଲେ ଛାତ୍ରାବାସ, କଲେଜ ସ୍ଥାପନ କରିବା ସହିତ ଦୂର ଦୂରାନ୍ତରୁ କଲେଜ ପାଠ ପଢିବା ପାଇଁ ଆସୁଥିବା ୧୨୦ରୁ ଉର୍ଦ୍ଧ୍ୱ ଛାତ୍ରଙ୍କ ରହିବା ଖାଇବା ବ୍ୟବସ୍ଥା ପାଇଁ ୪୨ କୋଠରୀ ବିଶିଷ୍ଟ ଛାତ୍ରାବାସ ନିର୍ମାଣ କରିଥିଲେ ଗଜପତି ମହାରାଜ । ହେଲେ ଏବେ ଏହାର ରକ୍ଷଣାବେକ୍ଷଣର ଅଭାବ ଦେଖା ଦେଇଛି । ଅନେକ ବର୍ଷ ହେଲା କୋଠରୀ ଗୁଡିକରେ ରଙ୍ଗ ଦିଆଯାଇ ନଥିବା ବେଳେ ହୋଷ୍ଟେଲ ପରିସର ଘାସ ବୁଦାରେ ପରିପୂର୍ଣ୍ଣ ହୋଇ ଅତ୍ୟନ୍ତ ବିପଦ ସଂକୁଳ ହୋଇ ରହିଥିବା ବେଳେ ପରିସରରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନାହିଁ, ଶୈଚାଳୟ ଓ ଗାଧୁଆଘର ଦୟନୀୟ ହୋଇ ପଡ଼ିଛି । ଖେଳକୁଦ ପାଇଁ ଅନ୍ତେବାସୀଙ୍କ ପାଇଁ ପ୍ରୋତ୍ସାହନ ନାହିଁ । ଏଭଳି ବିଭିନ୍ନ ସମସ୍ୟା ମଧ୍ୟରେ ପିଲାମାନେ ଏହି ଛାତ୍ରାବାସରେ ରହି ପାଠପଢୁଛନ୍ତି । ଆଜି ଯାଏଁ କୈଣସି ପ୍ରଶାସନୀକ ଅଧିକାରୀ କିମ୍ବା ରାଜନେତା ଏଠାକାର ସମସ୍ୟା ଉପରେ ଦୃଷ୍ଟି ଦେଇ ନଥିବା ସ୍ଥଳେ ବିଧାୟକ ହଠାତ୍ ଛାତ୍ରାବାସ ଭିତରେ ପ୍ରବେଶ କରି କୋଠରୀ ଗୁଡିକ, ରୋଷେଇ ଘର, ଶୈଚାଳୟ, ଗାଧୁଆଘର ବୁଲି ଦେଖିଥିଲେ ଓ ଅନ୍ତେବାସୀ ଓ ହୋଷ୍ଟେଲ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଛାତ୍ରାବାସର ସମସ୍ୟାର ସମାଧାନ ଓ ଏହାର ପୁନରୁଦ୍ଧାର ସମ୍ପର୍କରେ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି ବିଧାୟକ ।

## ବନ୍ଦର ସହର ପାରାଦୀପରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା : ସ୍ଥିତି ଯଥା ପୂର୍ବ ତଥା ପର





ପାରାଦୀପ, (ମହାଭାରତ) : ଆନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ପାରାଦୀପ ବନ୍ଦର ସହର ର ସୌନ୍ଦର୍ଯ୍ୟକରଣ ରେ ଦୈତ୍ୟ ପାରାଦୀପ ବନ୍ଦର ଓ ପୌର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ବେଳେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥାରେ ସ୍ଥିତି ଯଥା ପୂର୍ବ ତଥା ପର ପରିସ୍ଥିତି ଦେଖିବାକୁ ମିଳିଛି । ବର୍ଷା ଋତୁ ପୂର୍ବରୁ ରାସ୍ତାରୁ ବର୍ଷା ଜଳ ନିଷ୍କାସନ ଓ ମୁଖ୍ୟ ଡ୍ରେନ ଗୁଡିକୁ ସଫେଇ କରାଯାଇଥିବା ବେଳେ ଏବେ ସାମାନ୍ୟ ବର୍ଷାରେ ଅନେକ ସ୍ଥାନରେ ରାସ୍ତା ଉପରେ ଜଳ ନିଷ୍କାସନ ନହୋଇ ପାରି ରାସ୍ତା ଉପରେ ବର୍ଷା ପାଣି ଜମା ହୋଇ ସାଧାରଣରେ ଯାତାୟତ ରେ ବାଧା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି । ସେହିପରି ସହରର ବିଭିନ୍ନ ଡ୍ରେନ ର ପାଣି ବଡ଼ପଡ଼ିଆ ଥାନା ପଛପଟ ମୁଖ୍ୟ ଡ୍ରେନ ଯୋଗେଁ କପିଳ ଜୋରକୁ ଯାଇଥାଏ କ୍ଷ ତବେ ଏହି ଡ୍ରେନ ର ପୋଲ ତଳେ ବିଭିନ୍ନ ପ୍ଲାଷ୍ଟିକ ବୋତଲ, ଜରି, ଅଳିଆ ଆବର୍ଜନା ଜାମ ହୋଇ ଜଳ ନିଷ୍କାସନ ରେ ବ୍ୟାଘାତ ସୃଷ୍ଟି ହୋଇଥିବା ଦେଖାଯାଇଛି । ତେବେ ବର୍ଷା ସମୟରେ ରାସ୍ତା ଓ ବିଭିନ୍ନ ଡ୍ରେନରେ ଆବର୍ଜନା ଯୋଗୁଁ ବର୍ଷା ଜଳ ନିଷ୍କାସନରେ ବ୍ୟାଘାତ ସୃଷ୍ଟି ହେଉଥିବା ସ୍ଥାନ ଗୁଡିକୁ ପୌର ପ୍ରଶାସନ ତୁରନ୍ତ ସଫା କରିବାକୁ ସାଧାରଣରେ ଦାବୀ କରାଯାଉଛି ।

## ହିଞ୍ଜିଳିକାଟୁ ବ୍ଲକ୍ ପରିଷରରେ ଯୁଗ୍ମ ଅଭିଯୋଗ ଶୁଣାଣି




ହିଞ୍ଜିଳି କାଟ, (ମହାଭାରତ): ହିଞ୍ଜିଳିକାଟୁ ବ୍ଲକ୍ ପରିଷରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହିଞ୍ଜିଳିକାଟୁ ବ୍ଲକ୍ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡଙ୍ଗୀ ଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୋଟୋ ୧୮୭ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଏଥିମଧ୍ୟରୁ ୧୪୬ଗୋଟି ବ୍ୟକ୍ତିଗତ ଓ ୪୧ଗୋଟି ଗୋଷ୍ଠିଗତ ଭାବେ ପଞ୍ଜୀକୃତ ହୋଇଥଲା । ଏହି କାର୍ଯ୍ୟକ୍ରମ ରେ ୦୭ଜଣ ହିତାଧିକାରୀଙ୍କୁ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ହିଞ୍ଜିଳିକାଟୁ ତ୍ରିରଙ୍ଗା ସେବା ସଂଘ ପକ୍ଷରୁ ହିଞ୍ଜିଳିକାଟୁ ପୌର ପରିଷଦ ରେ ଏକ ଟାଉନ୍ ହଲ୍ ଏବଂ ସବୁଦିନ ପାଇଁ ଏକ ତ୍ରିରଙ୍ଗା ପତାକା ପ୍ରଦର୍ଶନ କରିବା ପାଇଁ ଲିଖିତ ଅଭିଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବ୍ଲକ୍ ଅଧ୍ୟକ୍ଷା ସରସ୍ୱତୀ ସେଠୀ, ପୌର ପରିଷଦର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପଲେଇ, ଜିଲ୍ଲାପାଳ ଭି. କିର୍ତ୍ତିଭାସନ୍, ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବିସି, ଜିଲ୍ଲା ଉନ୍ନୟନ ଅଧିକାରୀ ସମିର କୁମାର ଜେନା, ଉପଜିଲ୍ଲାପାଳ ଶିବାଶିଷ ବରାଳ, ତହସିଲଦାର ତପନ କୁମାର ମହାପାତ୍ର, ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ବେଉରା ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ରେ ହିଞ୍ଜିଳିକାଟୁ ଚିକିତ୍ସାଳୟର ଅଧକ୍ଷ ଡ଼. ଶ୍ରୀକାନ୍ତ କୁମାର ସାହୁ, ଜିଲ୍ଲା ଶ୍ରମଅଧିକାରୀ ବର୍ଷାରାଣୀ ଜେନା, ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀ, ବେଲଗୁଣ୍ଠା ଥାନା ଅଧିକାରୀ ସ୍ମିତାଞ୍ଜଳି ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରୁଣ କୁମାର ପ୍ରଧାନ, ଜଳସମ୍ପଦ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହି, ଯନ୍ତ୍ରୀ ଅରୁଣ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଭାଜରାମ ସାହୁ, ଯନ୍ତ୍ରୀ ପ୍ରଶ୍ନ କୁମାର ଦଳେଇ ଙ୍କ ସମେତ ବିଭିନ୍ନ ବିଭାଗର ଯନ୍ତ୍ରୀ ମାନେ ଉପସ୍ଥିତ ଥିଲେ । ହିଞ୍ଜିଳିକାଟୁ ବ୍ଲକ୍ ର ସମସ୍ତ କର୍ମଚାରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଦୁର୍ଗମ ଅଞ୍ଚଳ ପରିଦର୍ଶନ କଲେ ଲାଞ୍ଜିଗଡ ବିଧାୟକ

ଲାଞ୍ଜିଗଡ, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ପ୍ରଦୀପ ଦିଶାରୀ ଆଜି ଦୁର୍ଗମ ପାହାଡ଼ପଦର ଓ ଲାଖବାହାଲୀ ଗ୍ରାମ ପଞ୍ଚାୟତ ଗସ୍ତକରି ସ୍ଥାନୀୟ ଜନସାଧାରଣ ସହ ଆଲୋଚନା କରିଛନ୍ତି କ୍ଷ ଏହି ପରିଦର୍ଶନ ସମୟରେ ବିଧାୟକ ସମେତ ଦଳୀୟ କର୍ମକର୍ତ୍ତା ଲାଞ୍ଜିଗଡ ଜୋନ -୨ ଜିଲ୍ଲା ପରିଷଦ ସଭ୍ୟ ପରକ୍ଷିତ ନାଏକ, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ପାହାଡ ପଦର ସରପଞ୍ଚ ଲକ୍ଷ୍ମଣ ମାଝୀ, ସମିତି ସଭ୍ୟ ଜଗଦୀଶ ବେନିଆ, ମୋନହର ହରପାଲ, ସମାଜ ସେବୀ କିଶୋର ହରପାଲ, ହରିହର କୁମାର, ବିରଞ୍ଚି, ରାମତୁ ମାଝୀ, ବୈଦ୍ୟନାଥ ନାଏକ, ବନ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଗସ୍ତ ସମୟରେ ବିଧାୟକ ଦୁର୍ଗମ ଅଞ୍ଚଳର ସନସାଧାରଣଙ୍କୁ ମୌଳିକ ସମସ୍ୟା ବାବଦରେ ପଚାରି ବୁଝିଥିଲେ । ବିଶେଷ କରି ପାନୀୟ ଜଳ ଗମନା ଗମନ ବିଜୁଳି, ସ୍ୱାସ୍ଥ୍ୟ ଓ ଶିକ୍ଷାର ସ୍ଥିତି ସମ୍ପର୍କରେ ସ୍ଥାନୀୟ ଲୋକେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ କ୍ଷ ଏହା ସହିତ ଅଞ୍ଚଳରେ ଚାଲୁ ରହିଥିବା ବିଭିନ୍ନ ସରକାରୀ ଓ ଉର୍ନୟନ ମୂଳକ କାର୍ଯ୍ୟ ଅଗ୍ରଗତି ନେଇ ମଧସେ ସମୀକ୍ଷା କରିଛନ୍ତି । ଅଞ୍ଚଳ ବିକାଶ ପାଇଁ ସଦା ସର୍ବଦା ପ୍ରତିଶୃତି ବଧ ବୋଲି ପ୍ରକାଶ କରିବା ସହ ଲୋକଙ୍କ ସମସ୍ୟାର ସମାଧାନ ଅତି ଶୀଘ୍ର କରାଯିବ ବୋଲି ବିଧାୟକ ଗ୍ରାମବାସି ଙ୍କୁ ଆଶ୍ୱାସନା ଦେଇଛନ୍ତି । ବିଧାୟକଙ୍କ ଗସ୍ତକୁ ନେଇ ଦୁର୍ଗମ ଅଞ୍ଚଳରେ ଏକ ପ୍ରକାର ଖୁସି ବ୍ୟକ୍ତ କରିଛନ୍ତି ଦୁର୍ଗମ ଅଞ୍ଚଳ ବାସି ।

## ଦୁର୍ଗମ ଅଞ୍ଚଳରେ ବିନା ପେନସନରେ ଅବସର ଗ୍ରହଣ କଲେ ଅଙ୍ଗନୱାଡି କର୍ମୀ




ରା -ଉଦୟଗିରି, (ମହାଭାରତ) : ଦୀର୍ଘ ପ୍ରାୟ ୩୫ ବର୍ଷ ଧରି ଦୁର୍ଗମ ଆଦିବାସୀ ଅଞ୍ଚଳରେ ନିଷ୍ପାର ସହ ସେବା ପ୍ରଦାନ କରିବା ପରେ ଅଙ୍ଗନୱାଡି କର୍ମୀ ଶ୍ରୀମତୀ ରମା ନାୟକ ଅବସର ଗ୍ରହଣ କରିଛନ୍ତି । ତେବେ ଜୀବନର ସମସ୍ତ ସମୟ ଶିଶୁ ଓ ମହିଳାଙ୍କ ସେବାରେ ଉତ୍ସର୍ଗ କରିଥିଲେ ମଧ ଅବସର ପରେ ପେନସନ ସୁବିଧା ନ ପାଇବା ଘଟଣା ସମସ୍ତଙ୍କୁ ବେଶ୍ ମର୍ମାହତ କରିଛି । ରା - ଉଦୟଗିରି ବ୍ଲକ ଶିଆଳିଲଟି ସେକ୍ଟର କୁଆଁପଡ଼ା ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ ଥିବା ଶ୍ରୀମତୀ ରମା ନାୟକ ୩୦ ଜୁନ ୨୦୨୬ ତାରିଖରେ ସରକାରୀ ନିୟମ ଅନୁଯାୟୀ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ କେନ୍ଦ୍ର ପରିସରରେ ଏକ ବିଦାୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ସଭାରେ ସହକର୍ମୀ, ସ୍ଥାନୀୟ ଜନପ୍ରତିନିଧି, ଗ୍ରାମବାସୀ ଏବଂ ବହୁ ସଂଖ୍ୟକ ମହିଳା ଉପସ୍ଥିତ ରହି ତାଙ୍କ ଦୀର୍ଘଦିନର ସେବାକୁ ଭୂୟସୀ ପ୍ରଶଂସା କରିଥିଲେ । ବକ୍ତାମାନେ କହିଥିଲେ ଯେ, ଦୁର୍ଗମ ଅଞ୍ଚଳରେ ଅତ୍ୟନ୍ତ ସ୍ୱଳ୍ପ ସମ୍ମାନୀରେ କାମ କରି ଅଙ୍ଗନୱାଡି କର୍ମୀମାନେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ବଣ୍ଟନ, ଟିକାକରଣ, ପ୍ରାକ୍-ପ୍ରାଥମିକ ଶିକ୍ଷା ସହ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସୁଛନ୍ତି । ତଥାପି ଅବସର ପରେ ସେମାନଙ୍କ ପାଇଁ ନିୟମିତ ପେନଶନ ବ୍ୟବସ୍ଥା ନ ଥିବା ଦୁଃଖଦ ବିଷୟ ବୋଲି ମତ ପ୍ରକାଶ ପାଇଥିଲା । ଉପସ୍ଥିତ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ସରକାରଙ୍କ ନିକଟରେ ଦାବି କରିଥିଲେ ଯେ, ଦୀର୍ଘ ବର୍ଷ ଧରି ସେବା ପ୍ରଦାନ କରୁଥିବା ଅଙ୍ଗନୱାଡି କର୍ମୀମାନଙ୍କ ପାଇଁ ସମ୍ମାନଜନକ ପେନଶନ ବ୍ୟବସ୍ଥା କରାଯାଉ, ଯାହାଦ୍ୱାରା ଅବସର ପରେ ସେମାନେ ଆର୍ଥିକ ଅନିଶ୍ଚିତତାର ସମ୍ମୁଖୀନ ନ ହେବେ । ଶେଷରେ ଶ୍ରୀମତୀ ରମା ନାୟକ ତାଙ୍କ କାର୍ଯ୍ୟକାଳରେ ସହଯୋଗ କରିଥିବା ସମସ୍ତ ଅଧିକାରୀ, ସହକର୍ମୀ ଓ ଗ୍ରାମବାସୀଙ୍କୁ କୃତଜ୍ଞତା ଜଣାଇ ଭାବବିହ୍ୱଳ ହୋଇଥିଲେ । ତାଙ୍କ ସୁସ୍ଥ ଓ ଦୀର୍ଘାୟୁ ଜୀବନ କାମନା କରି ସଭାର ସମାପ୍ତି ଘୋଷଣା କରାଯାଇଥିଲା ।

## କୁନ୍ଦେଇ ଥାନା ଅଞ୍ଚଳରେ ରାତିରେ ରାତିରେ ଜମୁଛି ଲକ୍ଷାଧିକ ଟଙ୍କାର ତାସ ଜୁଆ, କିନ୍ତୁ ପୋଲିସ ପାଖରେ ଖବର ନାହିଁ

ରାଇଘର ବ୍ଲକ(ମହାଭାରତ)କୁନ୍ଦେଇ ଥାନା ଅନ୍ତର୍ଗତ ହାଟଭରଣ୍ଡି ପଞ୍ଚାୟତରେ ପ୍ରତିଦିନ ରାତିରେ ଭିନ୍ନ ଭିନ୍ନ ସ୍ଥାନରେ ବେଆଇନ ଭାବେ ତାସ ଜୁଆ ଚାଲୁଥିବା ଅଭିଯୋଗ ଆସୁଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଜୁଆ ଖେଳରେ ଓଡ଼ିଶା ସହ ଛତିଶଗଡ଼ରୁ ମଧ୍ୟ ଅନେକ ଜୁଆଡ଼ି ଯୋଗ ଦେଉଛନ୍ତି ଏବଂ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର କାରବାର ହେଉଛି । ଅଭିଯୋଗ ହେଉଛି ଯେ, ଜୁଆ ଆଡ୍ଡାଗୁଡ଼ିକ ଗୋଟିଏ ସ୍ଥାନରେ ସୀମିତ ନ ରହି ପ୍ରତିଦିନ ନୂତନ ନୂତନ ସ୍ଥାନକୁ ସ୍ଥାନାନ୍ତରିତ ହେଉଛି । ଫଳରେ ସାଧାରଣ ଲୋକଙ୍କ ପାଇଁ ଏହାର ସଠିକ୍ ସୂଚନା ଦେବା କଷ୍ଟକର ହେଉଛି । ତେବେ ସ୍ଥାନୀୟ ଲୋକଙ୍କ ପ୍ରଶ୍ନ, ଯଦି ପ୍ରତିଦିନ ଏତେ ବଡ଼ ଧରଣର ଜୁଆ ଚାଲୁଛି, ତେବେ ପୋଲିସ ପ୍ରଶାସନର ନଜରକୁ ଏହା କାହିଁକି ଆସୁନାହିଁ ? ଗ୍ରାମବାସୀଙ୍କ ମତରେ, ଏହି ଜୁଆ କାରବାର ଯୁବପିଢ଼ୀଙ୍କୁ ଭୁଲ ପଥରେ ନେଉଛି । ଅନେକ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି ଏବଂ ଆର୍ଥିକ କ୍ଷତି ମଧ୍ୟ ବଢୁଛି । ଜୁଆ ଭଳି ବେଆଇନ କାର୍ଯ୍ୟକଳାପ ବଢ଼ିଲେ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି । ସାଧାରଣ ଲୋକଙ୍କ ଅଭିଯୋଗ ଯେ, ଏଭଳି କାର୍ଯ୍ୟକଳାପ ଦୀର୍ଘଦିନ ଧରି ଚାଲିଥିଲେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନାହିଁ । ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି ଯେ, ଜୁଆ କାରବାର ପଛରେ କୌଣସି ପ୍ରଭାବଶାଳୀ ଗୋଷ୍ଠୀ କାମ କରୁଛନ୍ତି କି ? ନା କି ପ୍ରଶାସନିକ ତଦାରଖର ଅଭାବ ଯୋଗୁଁ ଏଭଳି ବେଆଇନ କାରବାର ଚାଲିଛି ? ତେବେ ଏହି ସମସ୍ତ ଅଭିଯୋଗର ସତ୍ୟତା ସମ୍ପର୍କରେ ସ୍ୱାଧୀନ ଭାବେ ପୁଷ୍ଟି କରାଯାଇନାହିଁ । କିନ୍ତୁ ଅଞ୍ଚଳବାସୀ ଏହାର ନିରପେକ୍ଷ ତଦନ୍ତ ଏବଂ ପଦକ୍ଷେପ ଦାବି କରିଛନ୍ତି । ଏବେ ଦେଖିବାକୁ ବାକି ରହିଲା, କୁନ୍ଦେଇ ଥାନା ପୋଲିସ ଏହି ଅଭିଯୋଗକୁ କେତେ ଗୁରୁତ୍ୱର ସହ ନେଉଛି ଏବଂ ବେଆଇନ ଜୁଆ କାରବାର ଉପରେ ରୋକ ଲଗାଇବା ପାଇଁ କେଉଁଭଳି ପଦକ୍ଷେପ ଗ୍ରହଣ କରୁଛି । ତାହା ଦେଖିବାକୁ ବାକି ରହିଲା ।

## ବ୍ଲକ ସମ୍ମୁଖରେ ବିଜେଡ଼ିର ଗଣଧାରଣା ଦ୍ୱିତୀୟ ଦିନରେ

ଦଶପଲ୍ଲା,୩୦/୦୬(ମହାଭାରତ): ଦଶପଲ୍ଲା ବ୍ଲକ ପ୍ରଶାସନ ଓ ଜନପ୍ରତିନିଧିଙ୍କ ମଧ୍ୟରେ ଦୀର୍ଘଦିନ ଧରି ଚାଲିଆସୁଥିବା ବିବାଦ ମୁଣ୍ଡ ଟେକିଥିବା ବେଳେ ବ୍ଲକ ଅଧ୍ୟକ୍ଷା



ସୁନନ୍ଦା ସାହୁଙ୍କ ନେତୃତ୍ୱରେ ବିଧାୟକ, ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ ଓ ସମିତି ସଭ୍ୟମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଦ୍ୱିତୀୟ ଦିନ ଗଣଧାରଣାରେ ବସି ପ୍ରଶାସନର କାର୍ଯ୍ୟଶୈଳୀ ବିରୋଧ କରିଛନ୍ତି । ଜନପ୍ରତିନିଧିମାନଙ୍କ ଅଭିଯୋଗ ଅନୁଯାୟୀ, ବ୍ଲକରେ ନିୟମିତ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେଉନାହିଁ । ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଅନାବଶ୍ୟକ ବିଳମ୍ବ ହେଉଥିବା ସହ ନିର୍ବାଚିତ ଜନପ୍ରତିନିଧିଙ୍କ ମତାମତକୁ ଅଣଦେଖା କରାଯାଉଛି । ଏପରିକି ବ୍ଲକ ପ୍ରଶାସନ ପକ୍ଷରୁ ଜନପ୍ରତିନିଧିଙ୍କୁ ଅସମ୍ମାନ କରାଯାଉଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି । ଏହି ଗଣଧାରଣାରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁଙ୍କ ସମେତ ବହୁ ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇ ପ୍ରଶାସନିକ ଏକଛତ୍ରବାଦ ବିରୋଧରେ ସ୍ୱର ଉଠାଇଥିଲେ । ତେବେ ଦ୍ୱିତୀୟ ଦିନରେ ପଂଚାୟତ ରାଜ ବିଭାଗ ଅଧିକାରୀ ଲଗ୍ନଜିତ ରାଉତ ଆସି ଆଲୋଚନା କରିବା ପରେ କିଛି ଦିନ ପାଇଁ ଆନ୍ଦୋଳନ ସ୍ଥଗିତ କରାଯାଇଛି । ତେବେ ସୂଚନା ଅନୁସାରେ ଜୁଲାଇ ୮ ତାରିଖ ରେ ସମିତି ମିଟିଙ୍ଗ କରାଯିବାକୁ ନିଷ୍ପତ୍ତି, ତତ ସହିତ ଯାହା ପୁରାତନ ବକେୟା ବିଲ ଗୁଡିକ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା । ନୂତନ ଉନ୍ନୟନ କାର୍ଯ୍ୟ କୁ ଉଭୟ ଦଳ ର ସହମତି ରେ କରିବାକୁ ନିଷ୍ପତ୍ତି ହୋଇଥିଲା । ତେବେ ୮ ତାରିଖ ମଧ୍ୟରେ ସବୁ ସମସ୍ୟା ର ସମାଧାନ ନ ହେଲେ ପୁଣି ଜନପ୍ରତିନିଧି ଙ୍କ ତରଫରୁ ଧାରଣା ଦିଆଯିବ ବୋଲି ସୂଚନା ମିଳିଛି ।

## ଥଣ୍ଡାପାନୀୟରେ ନିଶା ମିଶାଇ ଦୁଷ୍କର୍ମ କରିବା ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତ



ଗଜପତି, (ମହାଭାରତ) : ସମାଜରେ ଦିନକୁ ଦିନ କୋମଳମତି ଶିଶୁଙ୍କ ଉପରେ ନାନା ପ୍ରକାର ପାଶବିକ ଅତ୍ୟାଚାର ଦେଖିବାକୁ ମିଳୁଛି କିନ୍ତୁ ସେ ମଧ୍ୟରେ ଏକ ସମ୍ବେଦନଶୀଳ ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ମାନ୍ୟବର ଅତିରିକ୍ତ ଜିଲ୍ଲା ସେସନ ଜଜ ହର ପ୍ରସାଦ ପଟ୍ଟନାୟକ ପୋକ୍ସୋ ଆକ୍ଟର ଧାରା ୬ରେ ମୋହନା ଥାନା ଅନ୍ତର୍ଗତ ସିଙ୍କୁଲିପଦର ଗ୍ରାମର ଅଭିଯୁକ୍ତ ରାଜେନ୍ଦ୍ର ଜାନୀ( ୨୬ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷର ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜୋରିମାନାର ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦେୟ ଆହୁରି ତିନି ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ମାନ୍ୟବର ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ଅପହରଣ ପାଇଁ ରହିଥିବା ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୬୩ରେ ଉକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷର ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦେୟ ଆହୁରି ତିନି ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ମାନ୍ୟବର ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି । ଏତଦବ୍ୟତୀତ ଜୀବନରେ ମାରିବାକୁ ଧମକ ଦେବା ନିମନ୍ତେ ରହିଥିବା ଧାରା ୫୦୬ ଅନୁଯାୟୀ ୨ବର୍ଷର ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି ମାନ୍ୟବର ନ୍ୟାୟାଧୀଶ । ସେହିପରି ଏହି ସମ୍ବେଦନଶୀଳ ମାମଲାରେ ବିଚାରପତି ନିଜ ରାୟରେ ରାଜ୍ୟ ସରକାରଙ୍କ ତରଫରୁ ପିଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ସାତ ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଜାରି କରିବା ସହ ପୋକ୍ସୋ ଧାରାରେ ଯେଉଁ ଜୋରିମାନା ରାଶି ଧାର୍ଯ୍ୟ କରାଯାଇଛି ସେହି ଜୋରିମାନାର ସମ୍ପୂର୍ଣ୍ଣ ରାଶି ପିଡିତାଙ୍କୁ ଦେବା ନିମନ୍ତେ ଉଲ୍ଲେଖ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଏମ୍ ପୃଥ୍ୱୀରାଜ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ତା ୧୦-୦୨-୨୦୨୪ରିଖ ଦିନ ସନ୍ଧ୍ୟା ସମୟରେ ଯେତେବେଳେ ଏତଲାକାରି ବାପା ନିଜ ନାବାଳିକା ଝିଅ ସହ ଚାନ୍ଦିପୁଟ ହାଟକୁ ପରିବା କିଣିବାକୁ ଯାଇଥିଲେ, ସେତେବେଳେ ଏତଲାକାରିଙ୍କ ଅଜାଣତରେ ତାଙ୍କ ଝିଅ କୁଆଡେ ଚାଲିଯାଇଥିଲେ । ପରେ ସେ ଜାଣିବାକୁ ପାଇଥିଲେ ଯେ, ହାଟରୁ ଅଭିଯୁକ୍ତଜଣଙ୍କ ତାଙ୍କୁ ଘରେ ଛାଡ଼ି ଦେବା କଥା କହି ତାଙ୍କୁ ଗାଡ଼ିରେ ପିଣ୍ଡିକି ନିକଟସ୍ଥ ଜଙ୍ଗଲ ମଧ୍ୟକୁ ନେଇ ଥଣ୍ଡାପାନୀୟରେ ନିଶା ଦେଇ ତାଙ୍କ ସହ ଅସଦାଚରଣ ଓ ଦୁଷ୍କର୍ମ କରିବା ପରେ ପିଡ଼ିତାଙ୍କୁ ଆଣି ତାଙ୍କ ଘରେ ଛାଡ଼ିଦେଇଥିଲେ ଓ କାହା ଆଗରେ କହିଲେ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ । ସୂଚନାଯୋଗ୍ୟ, ସେହି ସମୟରେ ଏତଲାକାରୀଙ୍କ ସ୍ତ୍ରୀଙ୍କ ଦେହାନ୍ତ ହୋଇଥିବାରୁ ଦଶାହ କାର୍ଯ୍ୟ ସରିବା ପରେ ତା ୧୯-୦୨-୨୦୨୪ରେ ମୋହନା ଥାନାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏତଲାକାରି ଏକ ସଙ୍ଗିନ ମାମଲା ଦାୟର କରିଥିଲେ, ଯାହାକି ମାମଲା ନମ୍ବର ୪୦ ରେ ପଞ୍ଜିକୃତ ହୋଇଥିଲା । ମାମଲାର ଗମ୍ଭୀରତାକୁ ନଜରରେ ରଖି ସବ-ଇନ୍ସପେକ୍ଟର ସୌମ୍ୟ ରଞ୍ଜନ ବରାଳ ଉକ୍ତ ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ । ଆଜି ୧୯ଜଣ ବଳିଷ୍ଠ ସାକ୍ଷୀ ପ୍ରମାଣ ତଥା ୨୮ଟି ଦସ୍ତାବିଜକୁ ଆଧାର କରି ସର୍ବଶେଷରେ ଏହି ଦୃଷ୍ଟାନ୍ତମୂଳକ ରାୟ ମାନ୍ୟବର ନ୍ୟାୟାଧୀଶ ଦେଇଛନ୍ତି ।

## ରହସ୍ୟ ଘେରରେ ମା, ଝିଅଙ୍କ ମୃତ୍ୟୁ : ସନ୍ଦେହ ଘେରରେ ସ୍ୱାମୀ ଓ ଦିଅର

ଠାକୁରମୁଣ୍ଡା,: ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଡକେଇପାଳ ଗ୍ରାମର ମୁକ୍ତାଝରି ସାହିରେ ଡବଲ ମର୍ଡର ଏବେବି ରହସ୍ୟ ଘେରରେ । ସନ୍ଦେହରେ ପୋଲିସ ସ୍ୱାମୀ ଓ ଦିଅର କୁ ପଚରା ଉଚୁରା ଜାରି ରଖିଛି । ଏଯାବତ କୌଣସି ସୁରାକ ପୋଲିସକୁ ମିଳିନି। ଘଟଣାରୁ ପ୍ରକାଶଯେ, ୨୭ ତାରିଖ ଦିନ ୨ ଟା ବେଳକୁ ଚୈତନ୍ୟ ଟୁଡୁ (୩୫) ଘରକୁ ଫେରି ଦେଖନ୍ତିତ ଘର ଭିତରପଟୁ ଝିଡ଼କି ବନ୍ଦ ଅଛି । ଡ଼ାକ ନଶୁଣିବାରୁ ନିଶୁଣି ଲଗାଇ ସ୍କାଇ ଲାଇଟ ପଟେ ଘର ଭିତରକୁ ପଶିଥିଲେ। ଘର କବାଟ ଖୋଲି ଦେଖନ୍ତି ଝିଅ ଏବଂ ସ୍ତ୍ରୀ ମରି ପଡ଼ିଥିବା ପାଇଥିଲେ ।ପରେ ପରିବାର ଓ ଗ୍ରାମବାସୀଙ୍କୁ



ଜଣାଇଥିଲେ । ଝିଅ ଜବାମଣୀ ଟୁଡୁ (୮ )ର ବେକ ଧାରୁଆ ଅସ୍ତ୍ରରେ କଟା ଯାଇଥିବା ବେଳେ ସ୍ତ୍ରୀ ସୀତାମଣୀ ଟୁଡୁ (୩୦)ଅକ୍ଷତ ଥିବା ବେଳେ ବେକରେ ଫାସର ଚିହ୍ନ ଥିଲା । ମହୁଲଡିହା ଥାନା ଅଧିକାରୀ ତୁଷାର ନାୟକ ଖବର ପାଇ ପୋଲିସ ବାହିନୀ ସହିତ ଘଟଣାସ୍ଥଳରେ ପହଞ୍ଚି ଉଚ୍ଚ ଅଧିକାରୀଙ୍କୁ ଅବଗତ କରିଥିଲେ। ରାତିରେ ଏସପି ସୁରେଶ ପାତ୍ର, ଅତିରିକ୍ତ ଏସପି ଯଦୁମଣି ଜେନା , ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ ପରିଦର୍ଶନ କରିବା ସହ ଆଡିଶନାଲ ଏସପି ୨୭ ତାରିଖରୁ ଘଟଣା ସ୍ଥଳରେ ରହିଛନ୍ତି । ରବିବାର ଦିନ ୧୦,୩୦ ମିନିଟ୍ ସମୟରେ ବାରିପଦାରୁ ସାଇଣ୍ଟିଫିକ ଟିମ ଆସିବା ପରେ ଘରୁ ଏକ ରକ୍ତ ଲଗା କୁରାଢ଼ୀ ମିଳିଛି । ମହୁଲଡିହା ଥାନା କେଶ ନମ୍ବର ୧୦୨/୨୦୨୬ ଏକ ମକଦ୍ଦମା ରଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ କୁ ପଠାଯାଇଥିଲା । ସ୍ୱାମୀ ଚୈତନ୍ୟ ଟୁଡୁ ଏଂ ଦିଅର ଗୋବିନ୍ଦ ଟୁଡୁ କୁ ପୋଲିସ ସନ୍ଦେହ କରି ପଚରାଉଚରା କରୁଛି ।ଘଟଣା ଅନୁଧ୍ୟାନ ପାଇଁ ୮ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ ଗଠନ କରାଯାଇଛି ।

## ସାପ କାମୁଡ଼ା ରୋଗୀଙ୍କୁ ଝଡ଼ାଫୁଙ୍କା ଭରସା : ବର୍ଷକରେ ଗଲାଣି ୮୧ ଜୀବନ

ନୟାଗଡ଼, ( ମହାଭାରତ ) : ସାପ କାମୁଡ଼ା ରୋଗୀଙ୍କୁ ଗୁଣିଆ କିମ୍ବା ଠାକୁରାଣୀଙ୍କ ପାଖକୁ ନ ନେଇ ତୁରନ୍ତ ହସ୍ପିଟାଲ୍ରେ ଭର୍ତ୍ତି କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହା ଦ୍ୱାରା ସାପ କାମୁଡ଼ି ଥିବା ରୋଗୀ ଟି ବଞ୍ଚିପାରିବ ବୋଲି ବିଶେଷଜ୍ଞ ମାନେ ବାରମ୍ବାର ପରାମର୍ଶ ଦେଉଛନ୍ତି। ମାତ୍ର ଏହି ସଚେତନତା କାର୍ଯ୍ୟକ୍ରମ ଲୋକଙ୍କ ଉପରେ କୌଣସି ପ୍ରଭାବ ପକାଉ ନାହିଁ। ଫଳରେ ପ୍ରତିବର୍ଷ ପ୍ରାୟ ୨୦ ଜଣଙ୍କର ସାପ କାମୁଡ଼ାରେ ମୃତ୍ୟୁ ହେଉଥିବା ଜଣାପଡ଼ିଛି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଅଶୋକ କୁମାର ରଥଙ୍କ ସୂଚନା ମୁତାବକ, ସାପ କାମୁଡ଼ାରେ ଗତ ଚରିବର୍ଷରେ ଜିଲ୍ଲାରେ ୮୧ଜଣଙ୍କ ଜୀବନ ଯାଇଛି।୨୦୨୨ ରେ ୨୬ ଜଣଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ବେଳେ ୨୦୨୩ରେ ୧୭ ଓ ୨୦୨୪ ରେ ୧୭ ଜଣ ଓ ୨୦୨୫ ରେ ୨୧ ଜଣଙ୍କର ମୃତ୍ୟୁ ହୋଇଛି। ରଣପୁର ବ୍ଲକ୍ ରେ ସର୍ବାଧିକ ଲୋକଙ୍କର ମୃତ୍ୟୁ ହେଉଥିବା ଦେଖିବାକୁ ମିଳୁଛି। ୨୦୨୩ ରେ ୬ ଜଣ ଓ ୨୦୨୫ ରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି। ନୟାଗଡ଼ ଜିଲ୍ଲାଟି ବଣ ପାହାଡ଼ ଘେରା ଅଞ୍ଚଳ ଭାବେ ଜଣାଶୁଣା। ସେଥିପାଇଁ ସ୍ୱାଭାବିକ ଭାବେ ସର୍ବଦା ସାପ କାମୁଡ଼ାର ଭୟ ରହିଥାଏ। ଏହା ସହ ଆଦିବାସୀଙ୍କ ପରିବାରରୁ କାହାକୁ ସାପ କାମୁଡ଼ିଲେ ସେମାନେ ରୋଗୀକୁ ହସ୍ପିଟାଲ୍ ଆଣିବା ପରିବର୍ତ୍ତେ ଗୁଣି ଗାରେଡ଼ିର ସହାୟତା ନେଉଛନ୍ତି। ଆଉ କେହି ଠାକୁରାଣୀଙ୍କ ପାଖକୁ ନେଇ ପୂଜା ପାଠ ସହ ଗାଧୋଇ ଦିଅନ୍ତି। ସେତେବେଳକୁ ସାପ ବିଷ ରୋଗୀର ସମ୍ପୂର୍ଣ୍ଣ ଶରୀରକୁ କବଳିତ କରିସାରିଥାଏ। ଡାକ୍ତରଖାନାରେ ପହଞ୍ଚିବା ମଧ୍ୟ ବହୁ ରୋଗୀଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ। ଏମିତି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ସେମାନେ ଏହାକୁ ସେତେଟା ଗୁରୁ ପ୍ରଦାନ କରୁ ନାହାନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗୁଡ଼ିକରେ ଏମିତି ମାମଲା ଦେଖିବାକୁ ମିଳୁଛି। ଏବେ ବି କିଛି ମୃତକଙ୍କ ନାଁ ସରକାରୀ ତାଲିକାଭୁକ୍ତ ହୋଇପାରୁ ନାହିଁ। ବିଶେଷଜ୍ଞଙ୍କ କହିବା ମୁତାବକ, ବର୍ଷା ଦିନେ ସାପ କାମୁଡ଼ା ମାମଲା ଅଧିକ ଦେଖିବାକୁ ମିଳେ। ପ୍ରବଳ ବର୍ଷା ହେଲେ ବିଷଧର ସାପ ଗୁଡ଼ିକ ଗାତରୁ ବାହାରି ବାହାରେ ବୁଲାବୁଲି କରୁଥିବା ଦେଖିବାକୁ ମିଳେ। ସାପ କାମୁଡ଼ାରେ ମୃତକଙ୍କ ପରିବାରକୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ଅର୍ଥ ରାଶି ପ୍ରଦାନ କରାଯାଉଛି। ଫଳରେ ଏବେ ସାପ କାମୁଡ଼ାରେ କେତେ ଲୋକଙ୍କ ମୃତ୍ୟୁ ହେଉଛି, ଏହାର ଏକ ତଥ୍ୟ ଜିଲ୍ଲା ପ୍ରଶାସନ ନିକଟରେ ରହୁଛି। ପୂର୍ବରୁ କେଉଁଠି କେତେ ଲୋକଙ୍କ ମୃତ୍ୟୁ ହୋଇଥିଲେ, ଏହାର ଖବର କେହି ରଖୁ ନଥିଲେ।ଏ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ସାପ କାମୁଡ଼ା ରୋଗୀଙ୍କୁ ତୁରନ୍ତ ହସ୍ପିଟାଲ୍ରେ ଆଣି ଭର୍ତ୍ତି କରାଯିବା ଆବଶ୍ୟକ ଏଠାରେ ପର୍ଯ୍ୟାପ୍ତ ପରିମାଣରେ ଇଞ୍ଜେକ୍ସନ ରହିଛି। ଏଣୁ ରୋଗୀ ମାନଙ୍କର ଠିକ୍ ଭାବେ ଚିକିତ୍ସା କରିହେବ ଓ ସେମାନଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇ ହେବ। ବିଳମ୍ବ ହେଲେ ରୋଗୀଙ୍କୁ ବଞ୍ଚାଇବା ଅସମ୍ଭବ ହୋଇପଡୁଛି।

## ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଜୀବିକା ଓ ଉଦ୍ୟୋଗ ବିକାଶ ପ୍ରଶିକ୍ଷଣ



କଟକ: 'ବିକଶିତ ଭାରତ-୨୦୪୭' ଏବଂ 'ବିକଶିତ ଓଡ଼ିଶା-୨୦୩୪'ର ପରିକଳ୍ପନାକୁ ସାକାର କରିବା ଲକ୍ଷ୍ୟରେ ବିକାଶଧାରା ପକ୍ଷରୁ କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ ବିଲାସୁଣୀ ଗ୍ରାମ ପଞ୍ଚାୟତର ବିଲାସୁଣୀ ଗ୍ରାମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟମାନଙ୍କ ପାଇଁ ଏକ ବୈଠକ ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରାମୀଣ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଏବଂ ଜୀବିକାର ଉନ୍ନତି ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଉପଯୁକ୍ତ ବ୍ୟବସାୟ ଓ ଆୟବର୍ଦ୍ଧକ କାର୍ଯ୍ୟକଳାପ ଚିହ୍ନଟ କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ଏହି କାର୍ଯ୍ୟକ୍ରମରେ ୬ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୩୫ ଜଣ ସଦସ୍ୟା ଅଂଶଗ୍ରହଣ କରିଥିଲେ।

## ବିଭିନ୍ନ ଚୋରି ମାମଲା ରେ ସମ୍ପୃକ୍ତ ୩ ଅଭିଯୁକ୍ତ ଗିରଫ

ପୋଲସରା: ବିଭିନ୍ନ ଚୋରି ମାମଲାରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ପୋଲସରା ପୋଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ସେମାନଙ୍କ ନିକଟରୁ ପୋଲିସ ଚୋରି ସ୍ୱର୍ଣ୍ଣ ଅଳଙ୍କାର ମଧ୍ୟ ଜବତ କରିଥିବା ପୁରୁଷୋତ୍ତମ ପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଜିତ କୁମାର ନାୟକ ସୂଚନା ଦେଇଛନ୍ତି। ଆଜି ପୋଲସରା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନାୟକ ସୂଚନା ଦେଇ କହିଛନ୍ତି ଯେ ଗତ ଫେବୃଆରୀ ମାସ ୨୨ ତାରିଖ ଦିନ ପୋଲସରା ବ୍ଲକ ଅନ୍ତର୍ଗତ ଲଛିପୁର ଗ୍ରାମ ର ରୁଦ୍ର ପ୍ରଧାନ ଙ୍କ ଘରୁ କାନ ଅଳଙ୍କାର ୪ ଟି , ସୁନା ମୁଦି ୪ ଟି , ଗୋଟିଏ ଚେନ୍ , ନାକର ଅଳଙ୍କାର ୨ ଟି , ମଙ୍ଗଳସୂତ୍ର ଗୋଟିଏ ଏବଂ ୨ ଟି ସୁନା ଚୁଡ଼ି ସହିତ ନଗଦ ୪୦ ହଜାର ଟଙ୍କା ଚୋରି ହୋଇଥିଲା ।

## ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି

ରାଉରକେଲା:ଜ୍ୟେଷ୍ଠ ଶୁକ୍ଳପକ୍ଷ ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ରଧାମ ପୁରୀ ସମେତ ସମଗ୍ର ଓଡିଶା ତଥା ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳନ କରାଯାଉଛି । ଏହି ପବିତ୍ର ଦିବସକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆର୍ବିଭାବ ଦିବସ ଭାବରେ ଗ୍ରହଣ କରାଯାଇ ଦେବସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସ୍ନାନ ବେଦୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଏବଂ ସୁଦର୍ଶନଙ୍କୁ ସ୍ନାନ କରାଯାଇଛି। ଦେବସ୍ନାନ ପୂର୍ଣ୍ଣିମା ପାଳନ ଅବସରରେ ଆଜି ରାଉରକେଲା ସେକ୍ଟର-୩ ଅହିରାବନ୍ଧ ଶ୍ରୀଜଗନ୍ନାଥ ମନ୍ଦିର, ଉଦିତନଗର ଶ୍ରୀଜଗନ୍ନାଥ ମନ୍ଦିର, ପାନପୋଷ ଶ୍ରୀଜଗନ୍ନାଥ ମନ୍ଦିର ସମେତ ସହରର ଅନ୍ୟାନ୍ୟ ଶ୍ରୀଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଓ ସ୍ନାନ ନୀତି ସହିତ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି।

## ସାମ୍ବାଦିକଙ୍କ ପିଲାଙ୍କ ଉଚ୍ଚ ଶିକ୍ଷା ଓ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟସେବା ଦାୟିତ୍ୱ ନେଲେ ପାରଳା ବିଧାୟକ

ପାରଳାଖେମୁଣ୍ଡି: ପାରଳାଖେମୁଣ୍ଡିର ବିଧାୟକ ରୂପେଶ ପାଣିଗ୍ରାହୀ ସାମ୍ବାଦିକମାନଙ୍କ ପାଇଁ ବଡ ସୁଖବର ଆଣିଛନ୍ତି ।ସାମ୍ବାଦିକଙ୍କ ଚିକିତ୍ସା ଓ ସେମାନଙ୍କ ପୁଅ -ଝିଅଙ୍କ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସମସ୍ତ ପ୍ରକାର ସହାୟତା ମାଗଣାରେ ଯୋଗାଇବେ ବୋଲି ପାରଳା ବିଧାୟକ ଘୋଷଣା କରିଛନ୍ତି। ପାରଳାଖେମୁଣ୍ଡି ଠାରେ ଆୟୋଜିତ ଉତ୍କଳ ସାମ୍ବାଦିକ ସଂଘ ଗଜପତି ଜିଲ୍ଲା ଶାଖାର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ କହିଛନ୍ତି ଯେ, ଗଜପତି ଜିଲ୍ଲାର ସାମ୍ବାଦିକମାନେ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ସମସ୍ତ ଉଚ୍ଚ ଧରଣର ଓ ଜରୁରୀ ଚିକିତ୍ସା ପାଇଁ ଆସିଲେ ସେମାନଙ୍କର ସମସ୍ତ ଖର୍ଚ୍ଚ ସେ ନିଜେ ବହନ କରିବେ । ସାମ୍ବାଦିକମାନଙ୍କର ସମସ୍ତ ସ୍ୱାସ୍ଥ୍ୟଜନିତ ଚିକିତ୍ସା ଏବଂ ବିଭିନ୍ନ ଅପରେସନ ସଂପୂର୍ଣ୍ଣ ମାଗଣାରେ ଯୋଗାଯିବ ।ସେହିପରି ସାମ୍ବାଦିକଙ୍କ ପୁଅ - ଝିଅମାନେ ହାଇଟେକ ମେଡିକାଲ କଲେଜରେ ପାଠ ପଢ଼ିବେ ତେବେ ସେମାନଙ୍କୁ ସମସ୍ତ ସୁବିଧା ମାଗଣାରେ ଯୋଗାଯିବ।

## ଇଣ୍ଡିଆ ବୁକ ରେକର୍ଡରେ ଅଢେଇ ବର୍ଷର ଶିଶୁ

କପ୍ତିପଦା -(ମହାଭାରତ) : ଯେଉଁ ବୟସରେ ବାପାମାଆ ଙ୍କ କୋଳ ଏବଂ ଘର ବାରଣ୍ଡାରେ ଦିନ ବିତିବା କଥା ସେହି ବୟସରେ ସୃଷ୍ଟି କରିଛନ୍ତି ରେକର୍ଡ। କେବଳ ଯେ ଗୋଟିଏ କ୍ଷେତ୍ରରେ ତାହା ନୁହେଁ ବିଭିନ୍ନ କ୍ଷେତ୍ରରେ ଦେଖାଇଛନ୍ତି ନିଜର ଦକ୍ଷତା। ମା ବାପାଙ୍କ ବ୍ୟତୀତ ଦୁନିଆ କଣ ଜାଣି ନ ଥିବା କୁନି ଶିଶୁଟି ଏବେ ରେକର୍ଡର ଅଧିକାରୀ। ଶବ୍ଦ ଭଲ ଭାବେ ଉଚ୍ଚାରଣ କରିବା ଶିଖି ନାହାନ୍ତି, ଦୁନିଆ କଣ ଜାଣି ନାହାନ୍ତି। ହେଲେ ସେହି ଅସ୍ପଷ୍ଟ ଉଚ୍ଚାରଣ ଏବଂ କଥାରେ ସେ ରଚିଛନ୍ତି ରେକର୍ଡ଼ ଯେଉଁଥିପାଇଁ ଆଜି ଇଣ୍ଡିଆ ବୁକ ଅଫ ରେକର୍ଡରେ ସେ ସ୍ଥାନ ପାଇଛନ୍ତି। ସେ କୁନି ଶିଶୁ ଜଣକ ହେଲେ ଉଦଳା ଏନଏସି ୨ ନମ୍ବର ୱାର୍ଡର ବାସିନ୍ଦା ରତ୍ନାକର ଖିଲାର ଏବଂ ହରପ୍ରିୟା ଡାଙ୍ଗୁଆଙ୍କ ଅଢେଇ ବର୍ଷ ର ଝିଅ ଭାବ୍ୟାଶ୍ରୀ ଖିଲାର। ଭାବ୍ୟାଶ୍ରୀ ଇଣ୍ଡିଆ ବୁକ ଅଫ ରେକର୍ଡର ଅଧିକାରୀ। ଶରୀରର ୨୩ ଗୋଟି ଅଙ୍ଗ ଚିହ୍ନଟ, ୨୦ ପ୍ରକାର ଗାଡି,୪୩ ଗୋଟି ଜୀବଜନ୍ତୁ,୧୩



ପନିପରିବା,୧୨ ଗୋଟି ପେଶା ଚିହ୍ନଟ,୧୨ ପ୍ରକାର ରଙ୍ଗ, ୧୧ ପ୍ରକାର କୀଟପତଙ୍ଗ,୯ ପ୍ରକାର ଆକାର,୧୫ ପ୍ରକାର ଚଢେଇ,୬ ପ୍ରକାର ଫୁଲ ସହିତ ୫ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ଚିହ୍ନଟ କରିବା ସହିତ ନାମ ମଧ୍ୟ କହିପାରନ୍ତି। କେବଳ ସେତିକି ନୁହେଁ ୪ ଗୋଟି ଆଧାତ୍ମିକ ମନ୍ତ୍ର,୮ ଗ୍ରହ ର ନାମ, ଇଂରାଜୀ ଅକ୍ଷର ୨୬ ଗୋଟି ଆଦିକୁ ସେ କହି ପାରିଛନ୍ତି। ଯାହା କହି ସେ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ଏତେ ଗୁଡିଏ ବିଭାଗରେ ସେ ନିଜର ଦକ୍ଷତା ପ୍ରତିପାଦିତ କରିଥିବାରୁ ସେ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ବାପା ରତ୍ନାକର ଜଣେ ବ୍ୟବସାୟୀ ହୋଇଥିବା ବେଳେ ମା ଏବଂ ତାଙ୍କ ବଡ଼ ଭାଇ ତାଙ୍କୁ ଏ ସବୁ ଶିଖାଇଛନ୍ତି। ଝିଅର ଏହି ସଫଳତା ପାଇଁ ସମସ୍ତେ ଗର୍ବିତ ।ଘରେ କଥା ହେବା ସମୟରେ ଝିଅ ଅନେକ ଗୁଡିଏ ଶବ୍ଦ କୁ ସହଜରେ ମନେ ରଖିବା ଏବଂ ପରବର୍ତ୍ତୀ ସମୟରେ ତାହାକୁ କହି ପାରୁଥିବା ଦେଖିବା ପରେ ତାଙ୍କୁ ଏ ସବୁ ବାବଦରେ ଶିଖାଇବା ଆରମ୍ଭ କରିଥିଲେ ବୋଲି କହିଛନ୍ତି ଭାବ୍ୟାଶ୍ରୀ ଙ୍କ ମାଆ। ୪ ରୁ ୫ ମାସ ଧରି ନିଜେ ଏବଂ ତାଙ୍କ ପୁଅ ମିଶି ଝିଅ ଭାବ୍ୟାଶ୍ରୀ କୁ ଶିଖାଇ ଥିବା ବେଳେ ସେ ଏ ସବୁକୁ ଅତି ସହଜରେ ଗ୍ରହଣ କରି ଆଜି ରେକର୍ଡ କରିପାରିଛି ଏବଂ ଆଗାମୀ ଦିନରେ ସେ ୱାର୍ଲଡ ରେକର୍ଡ କରିବାକୁ ଆଶା ରଖିଛନ୍ତି ମାଆ।ଏତେ ଅଳ୍ପ ବୟସରେ ରେକର୍ଡ ର ଅଧିକାରୀ ହୋଇଥିବା ଭାବ୍ୟାଶ୍ରୀ ଙ୍କ ଭବିଷ୍ୟତ ଉଜ୍ଜଳ ହେଉ ଏବଂ ସେ ଆହୁରି ଅନେକ ରେକର୍ଡ ନିଜ ନାମରେ କରନ୍ତୁ ଏହା ହିଁ ଆଶା।

## ଦୁଇବର୍ଷ ବିତିଗଲା ହେଲେ ୨୨ଟି ପଞ୍ଚାୟତରେ ଏପର୍ଯ୍ୟନ୍ତ ମାଟି ଗଣ୍ଡୁଏ ବି ପଡିଲା ନାହିଁ





ନୂଆଗାଁ,(ମହାଭାରତ ) : ରାଜ୍ୟରେ ଡବଲ ଇଞ୍ଜିନ ସରକାର ବିକାଶ ଉପରେ ଡ଼ିଣ୍ଡିମ ପିଟୁଥିବା ବେଳେ ଆଦିବାସୀ ଉପାନ୍ତ ଅଞ୍ଚଳରେ ବିକାଶର ଚିତ୍ର ସମ୍ପୂର୍ଣ୍ଣ ଓଲଟା ।ଯାହାକି ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ୨୨ଟି ଗ୍ରାମପଞ୍ଚାୟତ ବିଭନ୍ନ ଗାଁ ଗୁଡ଼ିକରେ କୌଣସି ଆଖି ଦୃଷ୍ଟିଆ କାମ ହୋଇନଥିବା ଦେଖିବାକୁ ମିଳିଛି ।କେନ୍ଦ୍ର ଏବଂ ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ଓ ରାସ୍ତା ଘାଟର ଉନ୍ନତି କରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ଗ୍ରାଉଣ୍ଡ ଜିରୋ ଯାଇ ଦେଖିଲେ ଏକ ପ୍ରକାର କାମ ଠପ ହୋଇଥିବା ଦେଖାଦେଇଛି ।ପୂର୍ବ ସରକାର ଅପେକ୍ଷା ବର୍ତ୍ତମାନ ସରକାର ସମୟରେ ମନରେଗା କାମ ଠପ ହୋଇଛି ।ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତ ଗାଁ ଗୁଡ଼ିକରେ ରାସ୍ତାରେ ମାଟି ଗାଣ୍ଡୁଏ ବି ପଡ଼ି ନଥିବା ଦେଖିବାକୁ ମିଳିଛି ।ଯାହାଫଳରେ ଲୋକେ ଯାତାୟତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।ଗୋଟିଏ ପଟେ ରାଜ୍ୟ ସରକାର କହୁଛନ୍ତି ବଜେଟର ଅଭାବ ନାହିଁ ଅନ୍ୟପଟେ କାମ କରିବା ପାଇଁ ସରକାରଙ୍କ ପାଖରେ ଟଙ୍କା ନାହିଁ ।ରାଜ୍ୟ ସରକାର ଏମଜିଏନଆରଜିଏସ କୁ ପରିବର୍ତ୍ତନ କରି ରାମ-ଜି-ଭିଜି-ଜି ନୂଆ ନିୟମ ଲାଗୁ କରିଥିବା ନେଇ ଗାଁ ଗଣ୍ଡାରେ ମାଟି ଗାଣ୍ଡୁଏ ବି ପଡ଼ିଲା ନାହ ।ବିଜେପି ସରକାର ଶାସନ କ୍ଷେତ୍ରକୁ ଦୁଇବର୍ଷ ଆସିଥିଲେ ବି ଆଦିବାସୀ ଉପାନ୍ତ ଅଞ୍ଚଳ କାପ୍ତାପଲ୍ଲୀ ପଞ୍ଚାୟତ ସୀମା, ବାମୁରୀ,ଲୁହାରଖଣି, ଡେଙ୍ଗାବାରୀ, ଭଣ୍ଡାରିବାରୀ,ତାମଲଡା ସେହିପରି ଗୁମି ପଞ୍ଚାୟତ,ମୁରିଆମ୍ବା,ନୂଆସାହି,ବରକୁଳା ଠାରୁ ଡିହସାହି ସେହିପରି ଜାକେଡ଼ା ପଞ୍ଚାୟତ ଗୁଣ୍ଡୁରାସାହି ଠାରୁ କଣ୍ଟିଆମ୍ବା,ବଡ଼ଜିରୀ,ତୁକୁଡା,ଦୁରୁଙ୍ଗି, କାଳିଆମ୍ବା ,ଛଣବଣିଆ,ସାନଜିରୀ,କନ୍ଧଖାଲମଡ଼ା ଆଦି ଗାଁ ଗୁଡ଼ିକରେ ରାସ୍ତା ଘାଟର ସମସ୍ୟା ଦେଖାଯିବା ସହ ବିଭିନ୍ନ ପଞ୍ଚାୟତରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି ।ଏନେଇ ଅଞ୍ଚଳବାସୀ ବ୍ଲକ ପ୍ରଶାସନ ଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଜଣାପଡ଼ିଛି ।ସରକାର ଯାହା କୁହନ୍ତି ତାହା କରନ୍ତି ବୋଲି ଲୋକେ କହିବା ଆରମ୍ଭ କରିଦେଲେଣି।

## ଜାକେଡ଼ା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ପଚାରି ବୁଝିଲେ ଜାତୀୟ ମାନବ ଅଧିକାରୀ କମିଶନର

ନୂଆଗାଁ(ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଜାକେଡ଼ା ଆଶ୍ରମ ବିଦ୍ୟାଳୟକୁ ପରିଦର୍ଶନ କଲେ ଜାତୀୟ ମାନବ ଅଧିକାର କମିଶନର ଓଡ଼ିଶା, ଭୁବନେଶ୍ୱର ଏସ.କେ ଶତପଥୀ ଏବଂ ପ୍ରଧାନ ଶିକ୍ଷକ ପରମାନନ୍ଦ ସାହୁଙ୍କୁ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ପଚାରି ବୁଝିଥିଲେ। ଏଥି ସହିତ ବିଦ୍ୟାଳୟରେ ପ୍ରଥମରୁ ୮ଟି ଶ୍ରେଣୀ ପର୍ଯ୍ୟନ୍ତ ହୋଇଥିବାରୁ କେବଳ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀ ପଢୁଥିବା କହିଥିଲେ ।ଏବଂ ମାତ୍ର ୬ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କହିଥିଲେ ।ଏପରିକି ବିଦ୍ୟାଳୟରେ ଶିକ୍ଷା,ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଚାରି ବୁଝିଥିଲେ ଏବଂ ପିଲାଙ୍କ ମଧ୍ୟାହ୍ନ ଭୋଜନର ମାନ ପରଖିଥିଲେ ।ତତପରେ ବିଭିନ୍ନ ଶ୍ରେଣୀ ଗୃହକୁ ଯାଇ ଶିକ୍ଷକ ଶିକ୍ଷୟତ୍ରୀ କିପରି ପାଠ ପଢ଼ାଉଛନ୍ତି କି ନାହିଁ ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପଚାରି ଥିଲେ। ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଆମକୁ ଭଲ ପାଠ ପାଉଥିବା ଛାତ୍ରଛାତ୍ରୀ ମାନେ ଶ୍ରୀ ଏସକେ ଶତପଥୀ ଙ୍କୁ କହିଥିଲେ ।ପରେ ଜାକେଡ଼ା ଗାଁ କୁ ଯାଇ ବିଭିନ୍ନ ସମସ୍ୟା ଉପରେ ଲୋକଙ୍କୁ ପଚାରି ବୁଝିଥିଲେ ।ଜାତୀୟ ମାନବ ଅଧିକାର କମିଶନର ଙ୍କ ପରିଦର୍ଶନ ବେଳେ ଡ଼ି.ଡବ୍ଲ୍ୟୁ.ଇ.ଓ ଦୟାନିଧି ନାୟକ, ନୂଆଗାଁ ବିଡ଼ିଓ ଅମୃତ କୁମାର ରାଉଳ, ଡ଼.ବ୍ଲ୍ୟୁ.ଇ.ଓ ଯଂଜ୍ଞେଶ୍ୱର ନାୟକ, ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର



ପ୍ରସାଦ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ କୁମାର ବେହେରା, ଜାକେଡ଼ା ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ମଲିକ, ସରପଞ୍ଚଙ୍କ ପ୍ରତିନିଧି ବୁଲୁ ମଲିକ, ନାଏବ ସରପଞ୍ଚ ପ୍ରହଲ୍ଲାଦ ମଲିକ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ମାନେ ଉପସ୍ଥିତ ରହିଥିଲେ।

## ଦୁଇ ବାଇକ ମଧ୍ୟରେ ଦୁର୍ଘଟଣା: ୩ ଗୁରୁତର

ଆଳି,(ମହାଭାରତ): ମଙ୍ଗଳବାର ଅପରାହ୍ନରେ ଆଳି-ମହୁ ରାସ୍ତାରେ ଦୁଇ ବାଇକ ମଧ୍ୟରେ ଦୁର୍ଘଟଣା ଘଟି ୩ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ଆଳି ଥାନା ଅନ୍ତର୍ଗତ ମହୁ ଗ୍ରାମର ବିଶ୍ୱଜିତ ଦାସ (୨୫)ଓ ପ୍ରଶାନ୍ତ ପାତ୍ର (୧୫) ମହୁ ଗ୍ରାମରୁ ଏକ ବାଇକ ଯୋଗେ ଗ୍ୟାସ ସିଲିଣ୍ଡର ନେଇ ଆଳି କୁ ଆସୁଥିବା ବେଳେ ଆଳକଣା ଗ୍ରାମର ଦୀପକ ରାଉତ (୨୬) ମହୁ ଆଡ଼କୁ ଯିବା ସମୟରେ କୋଚିଲା ଛକ ନିକଟରେ ଉଭୟ ବାଇକ ମଧ୍ୟରେ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ତିନି ଜଣକୁ ଆହତ ଅବସ୍ଥାରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇଥିଲା। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମାନେ ପ୍ରାଥମିକ ଚିକିତ୍ସା କରି ତିନିଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି ।

## ବରିଷ୍ଠ କିରାଣୀ ନିରଞ୍ଜନ ବାରିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଗଣିଆ,(ମହାଭାରତ): ଗଣିଆ ବ୍ଲକ ଅନ୍ତର୍ଗତ କିଶୋର ପ୍ରସାଦ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବରିଷ୍ଠ କିରାଣୀ ନିରଞ୍ଜନ ବାରିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଅତ୍ୟନ୍ତ ଭାବପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗଦୀଶ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କିଶୋରପ୍ରସାଦ ଗ୍ରାମ କମିଟିର ସଭାପତି ସନାତନ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ନିଳମଣି ସାମଲ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଶ କୁମାର ମିଶ୍ର, ଚୈତନ୍ୟ ପୃଷ୍ଟି, ମାର୍କଣ୍ଡ ପ୍ରଧାନ, ପଞ୍ଚାନନ ବେହେରା ଏବଂ ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଷ ବର୍ଷ ଧରି ଅବ୍ୟବହୃତ ବାଳିକା ହଷ୍ଟେଲ

# ଝିତ ଖାଉଛି ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି

ଠାକୁରମୁଣ୍ଡା: ଜନସାଧାରଣଙ୍କ ଉଦ୍ୟମରେ ଠାକୁରମୁଣ୍ଡାରେ ଗଢି ଉଠିଛି ମା ବାସୁଳୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ । ଥରକୁ ଥର ଭଙ୍ଗା ଗଢ଼ା ପରେ ୧୯୮୮ ରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାର୍ଯ୍ୟ କରି ଆସୁଛି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ସେଠାରେ ଡିଗ୍ରୀ ପୁଣି ସେଥିରେ ସମାନ ଶ୍ରେଣୀ ଆଦି ଖୋଲି ସାରିଲାଣି । ମ୍ୟାଟ୍ରିକ ପରେ ଉଚ୍ଚ ଶିକ୍ଷା ପାଇଁ ମା ବାସୁଳୀ ମହାବିଦ୍ୟାଳୟ ଏବେ ନିର୍ଭରଯୋଗ୍ୟ । ଦୂର ଦୁରାନ୍ତରୁ ପିଲା ଆସି ପଢୁଛନ୍ତି । ପୁଅ ପିଲାଙ୍କ ଅପେକ୍ଷା ଝିଅଙ୍କ ସଂଖ୍ୟା ଅଧିକ । ସେମାନେ ବିଭିନ୍ନ ମେସରେ ରହି ପାଠ ପଢ଼ନ୍ତି । ମେସ ଗୁଡିକ ପ୍ରାୟତଃ କର୍ମଚାରୀ ଚଳାନ୍ତି । ସେମାନେ ନିଜସ୍ୱ ଘରେ ସେଗୁଡିକ ଖୋଲିଛନ୍ତି । ତେବେ ଦୂର ଦୁରାନ୍ତ ବାଳିକାଙ୍କ ପାଇଁ କଲେଜ



ପରିସରରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ୨୦୧୨/୧୩ ରେ ନିର୍ମାଣ ହୋଇ ୨୦୧୬ ରେ ସରିଥିବା ହଷ୍ଟେଲ କିଛି ବର୍ଷ ଚାଲିଥିଲା । ଗୋଟିଏ ପଟ ବାଉଣ୍ଡାରୀ ନଥିବାରୁ ହଷ୍ଟେଲ ବନ୍ଦ କରି ଦିଆଗଲା । ବର୍ଷ ବର୍ଷ ଧରି ଅବ୍ୟବହୃତ ହୋଇ ପଡି ରହିବା ଫଳରେ ହଷ୍ଟେଲ ବିଲଡିଂ କ୍ରମଶଃ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଲାଣି । ଏବେ ହଷ୍ଟେଲ ଏକପ୍ରକାର ଭୁତ କୋଠି । ସେଠାରେ ନାନାଦି ଅନୈତିକ କାର୍ଯ୍ୟ ଚାଲିଛି । ବିଶେଷକରି ହଷ୍ଟେଲ ଏବେ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ସେଠାରେ ମାଳ ମାଳ ମଦ ବୋତଲ, ସିଗାରେଟ ଖୋଳ ଆଦି ଦେଖିବାକୁ ମିଳିଛି । ହଷ୍ଟେଲ ବିଲଡିଂ ସମ୍ପୂର୍ଣ୍ଣ ଭାବେ ବଣ ବୁଦାରେ ଆଚ୍ଛାଦିତ । ଘର ଅଛି ବୋଲି ଜାଣିବା କଷ୍ଟକର । ହଷ୍ଟେଲ ପାଇଁ ହୋଇଥିବା ବୋରୱେଲ ମଧ୍ୟ ଜଙ୍ଗଲ ଘେର ଭିତରେ ରହିଲାଣି । ସେଥିରେ ଲାଗିଥିବା ମେସିନ ଏବଂ ବିଦ୍ୟୁତ ସଂଯୋଗ, ପାଇପ ସଂଯୋଗର ସ୍ଥିତି ଅନୁଧ୍ୟାନ ସାପେକ୍ଷ । ତେବେ ହଷ୍ଟେଲ ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶ୍ରେଣୀ ଗୃହରୁ ମାତ୍ର ୫୦ ହାତ ଦୂରରେ ଅଛି । ବିଲଡିଂ ଯେ ଆଦୌ ବ୍ୟବହୃତ ହୋଇନି ସେକଥା ନୁହେଁ । ଅନ୍ତତଃ ୫ ବର୍ଷ ଚାଲିବା ପରେ ତାକୁ ବନ୍ଦ କରିଦିଆଯାଇଛି । ତେବେ ବନ୍ଦ କରିବା ପଛରେ କଣ ରହସ୍ୟ ରହିଛି ତାହା ମଧ୍ୟ ଅନୁସନ୍ଧାନର ଅପେକ୍ଷା ରଖେ । ଏ ସମ୍ପର୍କରେ ଅଧକ୍ଷଙ୍କ ମତାମତ ନେବାରୁ ବାଉଣ୍ଡାରେ ସମ୍ପୂର୍ଣ୍ଣ ହୋଇନଥିବାରୁ ବାଧ ହୋଇ ବନ୍ଦ କରାଯାଇଛି ବୋଲି ମତ ଦେଇଛନ୍ତି। ତେବେ ପ୍ରସଙ୍ଗ ହେଉଛି ସରକାରଙ୍କୁ ପ୍ରସ୍ତାବ ଦେଇ ତାହା ହୋଇ ପାରିଥାନ୍ତା । ନଚେତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିଜସ୍ୱ ପାଣ୍ଠି ଉପଯୋଗ କରି ତାହା କରି ପାରିଥାନ୍ତା । ଯଦି ପାଚେରୀ ଏକ ସମସ୍ୟା ତେବେ ୫ ବର୍ଷ ଧରି ହଷ୍ଟେଲ ଚାଲିଲା କିପରି ?ଠାକୁରମୁଣ୍ଡା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ଗରିବ ଲୋକଙ୍କ ପିଲା ପାଠ ପଢିବା ପାଇଁ କଲେଜର ନିଜସ୍ୱ ହଷ୍ଟେଲ ଅତ୍ୟନ୍ତ ଜରୁରୀ । ଅତି ସ୍ୱଳ୍ପ ଖର୍ଚ୍ଚରେ ପିଲା ରହିବା ସହ ଠିକ ଭାବେ ପଢିବା ପାଇଁ ସମୟର ଉପଯୋଗ କରିପାରନ୍ତେ । ତେବେ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ କିଛି ନିର୍ଦ୍ଦିଷ୍ଟ ପଦକ୍ଷେପ ନେବେ ବୋଲି ଅଭିଭାବକ ଆଶା କରିଛନ୍ତି ।

## ପୁଣେ ହତ୍ୟାକାଣ୍ଡ : ସିୟାଙ୍କ ଭାଇଙ୍କୁ ୧୦ କୋଟି ଟଙ୍କାର ମାନହାନି ନୋଟିସ୍ ପଠାଇଲେ ଆଡଭୋକେଟ୍ ଆଶୁତୋଷ ଶ୍ରୀବାସ୍ତବ



ପୁଣେ : ପୁଣେର ୨୬ ବର୍ଷୀୟ ବ୍ୟବସାୟୀ କେତନ ଅଗ୍ରୱାଲ ହତ୍ୟା ମାମଲା ଏବେ ଏକ ନୂଆ ମୋଡ଼ ଆସିଛି । ସିୟା ଏବଂ ଚେତନଙ୍କୁ କୋର୍ଟ ଜୁଲାଇ ୩ ତାରିଖ ଯାଏଁ ପୋଲିସ ହେପାଜତକୁ ପଠାଇଛନ୍ତି । କୋର୍ଟରେ ଓକିଲାତିନାମା ଦାଖଲକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ବିବାଦ ପରେ ଆଡଭୋକେଟ୍ ଆଶୁତୋଷ ଶ୍ରୀବାସ୍ତବ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲଙ୍କ ଭାଇ ସାହିଲ ଗୋୟଲଙ୍କୁ ୧୦ କୋଟି ଟଙ୍କାର ମାନହାନି ନୋଟିସ୍ ପଠାଇଛନ୍ତି । ସାହିଲଙ୍କ ମିଥ୍ୟା ଅଭିଯୋଗ ଯୋଗୁଁ ତାଙ୍କର ବ୍ୟାବସାୟିକ ସୁନାମ ହାନି ହୋଇଥିବା ଦର୍ଶାଇ ଏଭଳି ପଦକ୍ଷେପ ନେଇଛନ୍ତି । ସୋମବାର ଦିନ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ ଓ ତାଙ୍କ ପ୍ରେମିକ ଚେତନ ଚୌଧୁରୀଙ୍କ ପୋଲିସ ହେପାଜତ ଅବଧି ଶେଷ ହେବା ପରେ ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା । ଅଧିକ ତଦନ୍ତ ପାଇଁ କୋର୍ଟ ସେମାନଙ୍କ ରିମାଣ୍ଡ ଅବଧିକୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ତେବେ ଶୁଣାଣି ସମୟରେ କୋର୍ଟରୁମରେ ଆଡଭୋକେଟ୍ ଆଶୁତୋଷ ଶ୍ରୀବାସ୍ତବ ସିୟାଙ୍କ ପକ୍ଷ ରଖୁଥିବା ଦାବି କରିଥିଲେ ଏବଂ ସିୟାଙ୍କ ସ୍ୱାକ୍ଷର ଥିବା ଏକ ଓକିଲାତିନାମା ଦାଖଲ କରିଥିଲେ । ସିୟା କୋର୍ଟଙ୍କୁ ସ୍ପଷ୍ଟ ଭାବେ ଜଣାଇଥିଲେ ଯେ, ଆଶୁତୋଷ ନୁହଁନ୍ତି, ବରଂ ଆଡଭୋକେଟ୍ ବିପୁଲ ଦୁଶିଙ୍ଗ ତାଙ୍କର ଅସଲ ଓକିଲ । ପରିବାର ପକ୍ଷରୁ ମଧ୍ୟ ବିପୁଲଙ୍କୁ ହିଁ ନିଯୁକ୍ତ କରାଯାଇଥିବା କୁହାଯାଇଥିଲା । ଏହି ଶୁଣାଣି ପୂର୍ବରୁ ସିୟାଙ୍କ ଭାଇ ସାହିଲ ଗୋୟଲ ସର୍ବସାଧାରଣରେ ଅଭିଯୋଗ କରିଥିଲେ ଯେ, ଆଶୁତୋଷ ଶ୍ରୀବାସ୍ତବଙ୍କୁ ପରିବାର ପକ୍ଷରୁ କୌଣସି ଅନୁମତି ଦିଆଯାଇ ନାହିଁ । ସେ ସିୟାଙ୍କ ଠାରୁ ଛଳନା କରି ସ୍ୱାକ୍ଷର ହାସଲ କରିଥାଇପାରନ୍ତି ଏବଂ ପରିବାରକୁ ଧମକ ଦେଉଛନ୍ତି ବୋଲି ସାହିଲ କହିଥିଲେ । ଏହି ଅଭିଯୋଗକୁ ଭିତ୍ତିହୀନ ଦର୍ଶାଇ ଓକିଲ ଆଶୁତୋଷ, ସାହିଲଙ୍କୁ ଆଇନଗତ ନୋଟିସ୍ ପଠାଇ ତୁରନ୍ତ ଅଭିଯୋଗ ପ୍ରତ୍ୟାହାର କରିବା ସହ ସାର୍ବଜନୀନ କ୍ଷମା ପ୍ରାର୍ଥନା କରିବାକୁ ଦାବି କରିଛନ୍ତି । ସେ କହିଛନ୍ତି, ସିୟା ଜଣେ ସାବାଳିକା ଏବଂ ସେ ନିଜ ଇଚ୍ଛାରେ ବମ୍ବେ ହାଇକୋର୍ଟ ପର୍ଯ୍ୟନ୍ତ ମାମଲା ଲଢ଼ିବା ପାଇଁ ଓକିଲାତିନାମାରେ ସ୍ୱାକ୍ଷର କରିଛନ୍ତି । ତେବେ ଏହାକୁ ନେଇ ସିୟାଙ୍କ ପକ୍ଷରୁ କୌଣସି ଜବାବ ସାମ୍ନାକୁ ଆସିନାହିଁ ।

## ଘରକୁ ଫେରୁଥିବା ସ୍କୁଲ ଭ୍ୟାନ୍ ଉପରେ ପଡ଼ିଲା ଗଛ, ଅନେକ ପିଲା ଆହତ

ମୁମ୍ବାଇ : ମୁମ୍ବାଇର ଚେମ୍ବୁରରେ ସ୍କୁଲ ବସ୍ ଉପରେ ହଠାତ୍ ପଡ଼ିଲା ଗଛ । ଦୁର୍ଘଟଣାରେ ୧୦ ଜଣ ପିଲା ଆହତ ହୋଇଥିବା ସୂଚନା ମିଳିଛି । ବସ୍ ଭିତରେ ଜଣେ ପିଲା ଫସିଥିଲା, ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇଛି । ଖବର ମୁତାବକ, ମୁମ୍ବାଇ ଚେମ୍ବୁରରେ ରୋଡ ନମ୍ବର ୧୧ରେ ଟ୍ରାଫିକ ଭିଡ଼ ହୋଇଥିଲା । ଏକ ଘରୋଇ ସ୍କୁଲ ବସ୍ ପିଲାଙ୍କୁ ନେଇ ଫେରୁଥିବା ବେଳେ ଜୋରରେ ପବନ ହୋଇଥିଲା । ପବନ ଯୋଗୁଁ ଏକ ଗଛ ବସ୍ ଉପରେ ପଡ଼ିଯାଇଥିଲା । ବସ୍ ଉପରେ ଗଛ ପଡ଼ିବା ଯୋଗୁଁ ବସର ଉପର ଭାଗ କ୍ଷତିଗ୍ରସ୍ତ ହୋଇଥିଲା । ବସରେ ପିଲା ଥିବାରୁ ସବୁ ପିଲା ଆହତ ହୋଇଥିଲେ । ସେମାନଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଘରକୁ ପଠାଯାଇଛି । ପିଲାମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚିଥିଲା । ସେମାନଙ୍କୁ ନିକଟସ୍ଥ ହସପିଟାଲରେ ଭର୍ତ୍ତି କରାଯାଇଛି । ସେଠାରେ ପିଲାଙ୍କ ଚିକିତ୍ସା ଚାଲିଛି । ଅଧିକାଂଶ ପିଲା ୮ରୁ ୧୪ ବର୍ଷର ବୋଲି ଜଣାପଡିଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ସ୍ଥାନୀୟ ଅଞ୍ଚଳରେ ଅନେକ ପୁରୁଣା ଗଛ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ଘଟଣା ପରେ ଲୋକମାନେ ଭୟଭୀତ ରହିଛନ୍ତି । ମୁମ୍ବାଇ ପୋଲିସ ଏବଂ ବିଏମସି ଟିମ ପହଞ୍ଚି ଯାଞ୍ଚ କରୁଛି ।

## ଭେନେଜୁଏଲା ଭୂକମ୍ପରେ ହୋଟେଲ ଧ୍ୱଂସ

ଭେନେଜୁଏଲା : ଭେନେଜୁଏଲାରେ ଆସଇଥିବା ଦୁଇଟି ବଡ଼ ଭୂକମ୍ପରେ ସଂପୂର୍ଣ୍ଣ ଦେଶ ଛାରଖାର ହୋଇଯାଇଛି । ୭.୨ ଏବଂ ୭.୫ ତୀବ୍ରତାର ଭୂକମ୍ପ ଝଟକାରେ ହଜାର ହଜାର ବିଲିଡିଂ ଧ୍ୱଂସ ହୋଇଛି । ଏହାରି ଭିତରେ ଆଉ ଏକ ଆଶ୍ଚର୍ଯ୍ୟକର ଘଟଣା ସାମ୍ନାକୁ ଆସିଛି । ଆମେରିକାରୁ ନିର୍ବାସିତ ହୋଇ ଆଥିବା ୧୦୦ରୁ ଅଧିକ ଭେନେଜୁଏଲା ନାଗରିକ ଭୂକମ୍ପ ଆସିବାର କିଛି ଘଣ୍ଟା ପୂର୍ବରୁ ଏକ ହୋଟେଲରେ ପହଞ୍ଚିଥିଲେ । ହେଲେ ଭୂକମ୍ପ ଯୋଗୁଁ ବିଲିଡିଂ ସଂପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯାଇଛି । ଆମେରିକାରୁ ନିର୍ବାସିତ ହୋଇ ଆସିଥିବା ୧୦୦ରୁ ଅଧିକ ଭେନେଜୁଏଲା ନାଗରିକ ଭୂକମ୍ପ ଆସିବାର କିଛି ଘଣ୍ଟା ପୂର୍ବରୁ ଏକ ହୋଟେଲରେ ପହଞ୍ଚିଥିଲେ । ବିଲିଡିଂ ଧ୍ୱଂସ ହେବା ଯୋଗୁଁ ଏସବୁ ଲୋକ ନିଖୋଜ ଥିବା କୁହାଯାଇଛି । ଉଦ୍ଧାରକାରୀ ଦଳ ଧ୍ୱଂସାବଶେଷ ତଳୁ ଜୀବନ ଖୋଜିବାକୁ ଚେଷ୍ଟା କରୁଛନ୍ତି । ଆମେରିକାରେ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ନିର୍ବାସ ଅଭିଯାନରେ ଶତାଧିକ ଭେନେଜୁଏଲା ନାଗରିକଙ୍କୁ ପ୍ରତ୍ୟାବର୍ତ୍ତନ ହେଉଛନ୍ତି । ଯେଉଁମାନେ ବର୍ଷବର୍ଷ ଧରି ଆମେରିକାରେ ରହୁଥିଲେ । ଏକ ଆଇସିଇ ଫ୍ଲାଇଟରେ ୧୪୬ ଲୋକ ମିଆମିରୁ ଭେନେଜୁଏଲାକୁ ପହଞ୍ଚିଥିଲେ । ବିମାନ ବନ୍ଦରରୁ ଏମାନେ ଆସି ଏକ ହୋଟେଲରେ ଥିଲ । ଏଠାରେ ସେମାନଙ୍କର ମେଡିକାଲ ଚେକଅପ୍ ଏବଂ ଦସ୍ତାବିଜ ପ୍ରକ୍ରିୟା ଯାଞ୍ଚ ଚାଲୁଥିଲା । ଆଉ ସେହି ରାତିରେ ଭୂକମ୍ପ ହୋଇଥିବାରୁ ଏମାନେ ନିଖୋଜ ରହିଛନ୍ତି । ସୂଚନାଯୋଗ୍ୟ, ଭେନେଜୁଏଲାରେ ଗତ ୨୪ ଜୁନରେ ୧୨୫ ବର୍ଷର ସବୁଠାରୁ ଶକ୍ତିଶାଳୀ ଭୂକମ୍ପ ଆସିଛି । ୩୯ ସେକେଣ୍ଡ ବ୍ୟବଧାନରେ ଦୁଇଥର ଶକ୍ତିଶାଳୀ ଭୂକମ୍ପ ଝଟକାରେ ପୁରା ଦେଶ ଧ୍ୱଂସ ହୋଇଛି । ପାଖାପାଖି ୧୫୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି । ସେହିପରି ନିଖୋଜଙ୍କ ସଂଖ୍ୟା ୪୬ ହଜାରରୁ ଅଧିକ ରହିଛି । ସରକାର ଏବଂ ଅର୍ନ୍ତରାଷ୍ଟ୍ରୀୟ ଉଦ୍ଧାରକାରୀ ଦଳ ଦିନ ରାତି ମିଶି କାମ କରୁଛନ୍ତି । ମେକ୍ସିକୋ, ଭାରତ, ସ୍ପେନ, କତର, ଆମେରିକା ଏବଂ ବ୍ରିଟେନରୁ ଟିମ ଯାଇଛି । ଭେନେଜୁଏଲାରେ ଆର୍ଥିକ ସ୍ଥିତି ଖରାପ ଯୋଗୁଁ ଉଦ୍ଧାରକାରୀ ଦଳ ସମସ୍ୟା ସମ୍ମୁଖୀନ କରୁଛନ୍ତି । ମେଡିକାଲରେ ଜାଗା ନାହିଁ, ଔଷଧର ଅଭାବ ରହିଛି ।

# ଧୀରଜ ସେଠ୍ ସ୍ଥଳସେନା ମୁଖ୍ୟ, ଅବସର ନେଲେ ସ୍ଥଳସେନା ଅଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ



ନୂଆଦିଲ୍ଲୀ : ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସ୍ଥାନ ନେଲେ ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ୍ । ଧୀରଜ ସେଠ୍ ସ୍ଥଳସେନା ମୁଖ୍ୟ । ରାଷ୍ଟ୍ରୀୟ ପ୍ରତିରକ୍ଷା ଏକାଡେମୀ ବା ଘଡଇର ପୂର୍ବତନ ସ୍ନାତକ ଜେନେରାଲ୍ ଧୀରଜ ସେଠ୍ ନୂଆ ସ୍ଥଳସେନା ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେନା ମୁଖ୍ୟ ଦାୟିତ୍ୱ ଗ୍ରହଣ ପୂର୍ବରୁ ଜେନେରାଲ୍ ସେଠ୍ ସେନାର ଉପ-ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ। ଜେନେରାଲ ଧୀରଜ ସେଠ୍ ଦାୟିତ୍ୱ ଗ୍ରହଣ କରିବା ପରେ ଅବସର ନେଲେ ସ୍ଥଳସେନା ଅଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦିୱେଦୀ । ଭାରତୀୟ ସେନାର ପ୍ରସ୍ତୁତି ଓ ଆଧୁନିକ ସାମର୍ଥ୍ୟ ଉପରେ ଆସ୍ଥା ପ୍ରକଟ କରି ଜେନେରାଲ୍ ଦିୱେଦୀ ଆନୁଷ୍ଠାନିକ ଭାବେ ସେନା ମୁଖ୍ୟ ପଦବୀରୁ ଅବସର ଗ୍ରହଣ କରିଛନ୍ତି । ନୂଆଦିଲ୍ଲୀର ସାଉଥ୍ ବ୍ଲକରେ ଆୟୋଜିତ ଏକ ବିଦାୟକାଳୀନ ସମାରୋହରେ ତାଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଛି । ଏ ଅବସରରେ ଦୀର୍ଘ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ତାଙ୍କ ଗୌରବମୟ ସାମରିକ କ୍ୟାରିୟର ଉପରେ ବକ୍ତବ୍ୟ ରଖିଥିଲେ । ସେ କହିଥିଲେ, ଭାରତୀୟ ସେନାର ଭବିଷ୍ୟତକୁ ନେଇ ମୁଁ ସମ୍ପୂର୍ଣ୍ଣ ଆଶାବାଦୀ । ଏହାସହ ଭାରତୀୟ ସେନା ଦୁଃସାହସିକ ପଦକ୍ଷେପ ଓ ବିଭିନ୍ନ ଅପରେସନକୁ ସେ ପ୍ରଶଂସା କରିଥିଲେ । ଜେନେରାଲ୍ ଦ୍ୱିବେଦୀ ନୂତନ ସେନା ମୁଖ୍ୟ ଜେନେରାଲ୍ ଧୀରଜ ସେଠଙ୍କୁ ଜଣେ 'ଅଭିଜ୍ଞ ସୈନିକ ଏବଂ ଦକ୍ଷ ନେତା ଭାବେ ପ୍ରଶଂସା କରିଥିଲେ । ସେ ସମସ୍ତ ସୀମାରେ ସେନାର ସତର୍କତାକୁ ପ୍ରଶଂସା କରିଛନ୍ତି । ବିଶେଷ କରି ଉତ୍ତର ସୀମାରେ 'ଅପରେସନ୍ ସ୍ନୋ ଲିଓପାର୍ଡ' ଓ ପଶ୍ଚିମ ସୀମାରେ 'ଅପରେସନ୍ ସିନ୍ଦୂର'ରେ ଭାରତର ଜବାବକୁ ପ୍ରଶଂସା କରିଥିଲେ । ସେନାର ଆଧୁନିକୀକରଣ ଉପରେ ଆଲୋକପାତ କରି କହିଛନ୍ତି, ଭବିଷ୍ୟତର ଯୁଦ୍ଧଗୁଡ଼ିକ ଅଧିକ ସମନ୍ୱିତ ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ । ଏଥିପାଇଁ ସ୍ଥଳସେନା, ନୌସେନା ଏବଂ ବାୟୁସେନାକୁ ଏକାଠି ମିଶି କାର୍ଯ୍ୟ କରିବାକୁ ପଡ଼ିବ । ସୈନିକ ସ୍କୁଲରୁ ଆରମ୍ଭ କରି ସେନା ମୁଖ୍ୟ ପଦବୀ ପର୍ଯ୍ୟନ୍ତ ନିଜର ୪୦ ବର୍ଷର ଯାତ୍ରାକୁ ସେ ଜୀବନର 'ସବୁଠାରୁ ବଡ଼ ସୌଭାଗ୍ୟ' ବୋଲି କହିଛନ୍ତି । ବିଦାୟକାଳୀନ ଅବସରରେ ସେ ସହିଦ ସୈନିକଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ ଗତ ଏପ୍ରିଲରୁ ଭାରତୀୟ ସେନାର ଉପ-ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ । ନ୍ୟାସନାଲ ଡିଫେନ୍ସ ଏକାଡେମୀର ପ୍ରାକ୍ତନ ଛାତ୍ର ଧୀରଜ ସେଠଙ୍କର ଭାରତୀୟ ସେନାରେ ପ୍ରାୟ ଚାରି ଦଶନ୍ଧି ଅଭିଜ୍ଞତା ରହିଛି । ସେ ବେଶ୍ ଜଣାଶୁଣା ଏବଂ ପ୍ରତିଷ୍ଠିତ ଆର୍ମୋର୍ଡ କର୍ପସର ଜଣେ ଅତି ଦକ୍ଷ ଅଫିସର । ସେ ନିଜ କାର୍ଯ୍ୟକାଳ ମଧ୍ୟରେ ଭାରତୀୟ ସେନାର ସଦର୍ଣ୍ଣ କମାଣ୍ଡ, ସାଉଥ୍ ୱେଷ୍ଟର୍ଣ୍ଣ କମାଣ୍ଡ, ଢଢଓ ଷ୍ଟ୍ରାଇକ୍ କୋର ଏବଂ ଦିଲ୍ଲୀ ଏରିଆ ଭଳି ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟିର ନେତୃତ୍ୱ ନେଇଛନ୍ତି । ସେ ଦକ୍ଷତାର ସହ ଅପରେସନ ସିନ୍ଦୂରରେ ମଧ୍ୟ ସଫଳ ପରିଚାଳନା କରିଥିଲେ ।

## ଆଶାରାମଙ୍କୁ ସୁପ୍ରିମକୋର୍ଟରେ ବଡ଼ ଝଟକା

ନୂଆଦିଲ୍ଲୀ : ନାବାଳିକା ଦୁଷ୍କର୍ମ ମାମଲାରେ ସୁପ୍ରିମକୋର୍ଟ ଆଶାରାମଙ୍କୁ ଏକ ବଡ଼ ଝଟକା ଦେଇଛି । କୋର୍ଟ ରାୟ ଦେଇଛନ୍ତି ଯେ, ଆଶାରାମଙ୍କୁ ତୁରନ୍ତ ଜାମିନ ଦିଆଯାଇପାରିବ ନାହିଁ । ଆଶାରାମ ଜଣେ ପ୍ରଭାବଶାଳୀ ବ୍ୟକ୍ତି । ଆମେ ପ୍ରଥମେ ରାଜସ୍ଥାନ ସରକାରଙ୍କ ପକ୍ଷ ଶୁଣିବୁ । ତାଙ୍କ ଜାମିନ ଆବେଦନର ଶୁଣାଣି କରିବା ସମୟରେ ଆମକୁ ଏହାକୁ ବିଚାରକୁ ନେବାକୁ ପଡିବ । ଏନେଇ ସୁପ୍ରିମକୋର୍ଟ ରାଜସ୍ଥାନ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ଆଶାରାମଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟର ବିଚାରପତି ଏମ୍ଏମ୍ ସୁନ୍ଦରେଶ ଏବଂ ଶୀଳ ନାଗୁଙ୍କ ଖଣ୍ଡପୀଠ ତାଙ୍କ ଦଣ୍ଡାଦେଶକୁ ସ୍ଥଗିତ ରଖିବାକୁ ମନା କରିଦେଇଛନ୍ତି । ଆବେଦନକାରୀଙ୍କୁ ଜେଲରେ ଚିକିତ୍ସା ସେବା ଜାରି ରଖିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ, ଯଦି ତାଙ୍କର ସ୍ୱାସ୍ଥ୍ୟଗତ ସ୍ଥିତି ଗମ୍ଭୀର ହେବ ତେବେ ହିଁ ଜାମିନ ଉପରେ ବିଚାର କରାଯିବ । ଜଷ୍ଟିସ୍ ସୁନ୍ଦରେଶ କହିଛନ୍ତି, ଆମେ ଦଣ୍ଡାଦେଶକୁ ସ୍ଥଗିତ ରଖିବା ବିଷୟରେ ବିଚାର କରୁନାହୁଁ । ନିଆଯାଇଥିଲା ଏବଂ ତାଙ୍କର ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭଲ ଅଛି ।

## ପିଓକେରେ ତେଜିଲା ପାକିସ୍ତାନ ବିରୋଧୀ ସ୍ୱର, ଭାରତ ସହ ସମ୍ପର୍କ ବଢ଼ାଇବାକୁ ଚେତବାନୀ



ନୂଆଦିଲ୍ଲୀ : ପିଓକେରେ ତେଜିଲା ପାକିସ୍ତାନ ବିରୋଧୀ ସ୍ୱର । ପିଓକେ ପାକିସ୍ତାନର ଅଂଶ ନୁହେଁ ବୋଲି କହିବା ସହ ଆମେ ଭାରତ ସହ ସଂପର୍କ ବଢ଼ାଇବୁ ବୋଲି ଚେତାବନୀ ଦେଲେ ପିଓକେ ବାସୀ । ପାକିସ୍ତାନ ଅଧିକୃତ କାଶ୍ମୀର ବା ପିଓକେରେ ଏକ ପ୍ରତିବାଦ ପ୍ରଦର୍ଶନ ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି । ରାୱଲକୋଟ୍‌ର ଇଦଗା ପଡ଼ିଆରେ ହଜାର ହଜାର ପିଓକେ ବାସିନ୍ଦା ଏକାଠି ହୋଇ ପାକିସ୍ତାନ ସରକାର ବିରୋଧରେ ପ୍ରତିବାଦ ପ୍ରଦର୍ଶନ ଓ ନାରାବାଜି କରିଥିଲେ । ୨୨ ଦିନ ଧରି ଏହି ଆନ୍ଦୋଳନ ଚାଲିଥିବା କୁହାଯାଉଛି । ଭିଡିଓରେ ଜଣେ ବକ୍ତା କହୁଛନ୍ତି ଯେ, ଏହି ଅଞ୍ଚଳ ପାକିସ୍ତାନ ଅଧୀନରେ ରହିବା ଉଚିତ ନୁହେଁ । ପାକିସ୍ତାନ ସରକାରର ଶାସନ ଅବ୍ୟବସ୍ଥା, ଆର୍ଥିକ ସଂକଟ, ଦରବୃଦ୍ଧି, ପ୍ରାଶାସନିକ ଉଦାସୀନତା ଏବଂ ଅତ୍ୟାଚାର ବିରୋଧରେ ପିଓକେରେ ଏହି ପ୍ରତିବାଦ ପ୍ରଦର୍ଶନ ହୋଇଛି । ଏହି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଜୁନ୍ ୫ରୁ ସେଠାରେ ଇଣ୍ଟରନେଟ୍ ସେବା ଅଚଳ କରିଦେଇଛନ୍ତି ପାକିସ୍ତାନ ସରକାର । ଏପରିକି ୨ ସପ୍ତାହ ଯାଏଁ ଖାଦ୍ୟ ଓ ଜରୁରୀ ସାମଗ୍ରୀ ଯୋଗାଣ ବନ୍ଦ ନିର୍ଦ୍ଦେଶ ପରେ ଆନ୍ଦୋଳନ ଆହୁରି ତେଜିଛି ।

## ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସର ବଡ଼ ରଣନୀତି, ଦଳର ମୁଖିଆ ହୋଇପାରନ୍ତି ଜଣେ ହିନ୍ଦୁ ନେତା



ପଞ୍ଜାବ : ଆଗାମୀ ପଞ୍ଜାବ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ କଂଗ୍ରେସ ନେତୃତ୍ୱ ପରିବର୍ତ୍ତନ ନେଇ ହାଇକମାଣ୍ଡଙ୍କ ବିଚାରବିମର୍ଶ ଏବେ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ୫ବର୍ଷର ବ୍ୟବଧାନ ପରେ ପ୍ରଦେଶ କଂଗ୍ରେସ ସଭାପତି ପଦରେ ଜଣେ ହିନ୍ଦୁ ଚେହେରାଙ୍କୁ ମନୋନୀତ କରିବାକୁ ହାଇକମାଣ୍ଡ ଚିନ୍ତା କରୁଛନ୍ତି । ପଞ୍ଜାବ ଜନସଂଖ୍ୟାର ୩୮ରୁ ଅଧିକ ଭାଗ ହିନ୍ଦୁ । ପଞ୍ଜାବ ଏକ ଶିଖ ବହୁଳ ରାଜ୍ୟ ହୋଇଥିଲେ ମଧ୍ୟ ହିନ୍ଦୁ ଭୋଟରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ଏହାଛଡା ନିକଟରେ ବିଜେପି ଜଣେ ଶିଖଙ୍କୁ ରାଜ୍ୟ ସଭାପତି ମନୋନୟନ ତଥା ଶିରୋମଣୀ ଅକାଳୀ ଓ ଆପ ମୁଖ୍ୟ ମଧ୍ୟ ଶିଖ ଚେହେରା ହୋଇଥିବାରୁ କଂଗ୍ରେସ ସଭାପତି ଜଣେ ହିନ୍ଦୁ ହେଲେ ଦଳକୁ ଲାଭ ମିଳିପାରେ । ଏହି ତଥ୍ୟକୁ ନେଇ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି । ଜଣେ ହିନ୍ଦୁ ସଭାପତି ଭାବେ ପ୍ରତାପ ସିଂ ବାଜୱା, ଦଳିତ ଚେହେରା ଭାବେ ଚରଣଜିତ ସିଂ ଚନ୍ନୀଙ୍କ ଯୋଡି ପ୍ରଚାର କମିଟିରେ ବଳିଷ୍ଠ ଟିମ୍ ହେବ ବୋଲି ପ୍ରିୟଙ୍କା ଯୁକ୍ତି ବାଢ଼ିଛନ୍ତି । ସଙ୍ଗରୁରର ପୂର୍ବତନ ସାଂସଦ ତଥା ପୂର୍ବତନ ମନ୍ତ୍ରୀ ବିଜୟ ଇନ୍ଦ୍ର ସିଂଙ୍କ ନାମ ପରବର୍ତ୍ତୀ ସଭାପତି ରୂପେ ଚର୍ଚ୍ଚାକୁ ଆସିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପଟେନ ଅମରିନ୍ଦର ସିଂଙ୍କ ସରକାରରେ ପୂର୍ବମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ବିଜୟ ଇନ୍ଦ୍ର ସିଂ । ସେ ରାହୁଲ ଗାନ୍ଧୀଙ୍କ ଖାସ ଅନୁଗତ ଭାବେ ଜଣାଶୁଣା । ଏହାବାଦ ଯୁବ କଂଗ୍ରେସରେ ଆଭ୍ୟନ୍ତରୀଣ ନିର୍ବାଚନ କରାଇବାରେ ବିଜୟଙ୍କ ପ୍ରମୁଖ ଭୂମିକା ନେଇଥିଲେ । ପରବର୍ତ୍ତୀ ସଭାପତି ଦୌଡରେ ଚରଣଜିତ ସିଂହ ଚନ୍ନୀ, ପ୍ରତାପ ସିଂ ବାଜୱା ଓ ସୁଖଜିନ୍ଦର ସିଂ ରାନ୍ଧୱାଙ୍କ ନାମ ଚର୍ଚ୍ଚାରେ ଥିଲା । ମାତ୍ର ଗତ ବିଧାନସଭା ନିର୍ବାଚନର ଭୁଲକୁ ଦୋହରାଇବାକୁ କଂଗ୍ରେସ ହାଇକମାଣ୍ଡ ଚାହୁଁନାହାନ୍ତି । ସେଥିପାଇଁ ରାହୁଲ ଗାନ୍ଧୀ ଦଳର ପ୍ରତ୍ୟେକ ଗୋଷ୍ଠୀ ସହ ତୁହାକୁ ତୁହା ଆଲୋଚନା କରୁଛନ୍ତି । ଜଣେ ହିନ୍ଦୁ ଚେହେରାଙ୍କୁ ସଭାପତି ନିଯୁକ୍ତ କରି ଦଳର ହିନ୍ଦୁ ବିରୋଧୀ ଛବି ହଟାଇବାକୁ ହାଇକମାଣ୍ଡ ଚାହିବା ସ୍ୱାଭାବିକ ହୋଇପାରେ ।

## ପେଟ୍ରୋଲ ବିକ୍ରେତାମାନେ ଦର କମାଇବା ଉଚିତ : ଟ୍ରମ୍ପ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ସେୟାର କରିଥିବା ଏକ ପୋଷ୍ଟରେ ଦେଶର ପେଟ୍ରୋଲ ଖୁଚୁରା ବ୍ୟବସାୟୀମାନଙ୍କୁ ତୁରନ୍ତ ମୂଲ୍ୟ ହ୍ରାସ କରିବାକୁ ଚେତାବନୀ ଦେଇଛନ୍ତି । ଟ୍ରମ୍ପ କହିଛନ୍ତି ଯେ, ଅଶୋଧିତ ତୈଳ ମୂଲ୍ୟ ହ୍ରାସ ସତ୍ତ୍ୱେ ଜନସାଧାରଣ ଲାଭ ପାଉ ନାହାନ୍ତି । ଏହାକୁ ବରଦାସ୍ତ କରାଯିବ ନାହିଁ । ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ପୋଷ୍ଟରେ ଲେଖିଛନ୍ତି,ଅଶୋଧିତ ତେଲ ଏବେ ପ୍ରତି ବ୍ୟାରେଲ ୬୮ ଡଲାରରେ ପହଞ୍ଚିଛି ଏବଂ କ୍ରମାଗତ ହ୍ରାସ ପାଉଛି । ଖୁଚୁରା ବ୍ୟବସାୟୀମାନେ ତୁରନ୍ତ ଏହାର ସମାଧାନ କରିବା ଉଚିତ୍ ଏବଂ ଯାହା ଠିକ୍ ତାହା କରିବା ଜରୁରୀ । ଆମର ଆମେରିକୀୟ ଲୋକଙ୍କ ପାଇଁ ମୂଲ୍ୟ ହ୍ରାସ କରିବା ଉଚିତ୍ । ଟ୍ରମ୍ପ୍ କହିଛନ୍ତି, ଦର ମନଇଚ୍ଛା ବୃଦ୍ଧି କରାଯାଇପାରିବ ନାହିଁ । ଏହା ସମ୍ପୂର୍ଣ୍ଣ ବେଆଇନ । ଯଦି ବିକ୍ରେତାମାନେ ଏହା ନକରନ୍ତି, ତେବେ ଆଗକୁ ଗମ୍ଭୀର ସମସ୍ୟା ହୋଇପାରେ ।

# ଗରମରେ ୟୁରୋପ ଅସମ୍ଭାଳ, କୋଟି କୋଟି ଲୋକ କଲବଲ



ୟୁରୋପ : ୟୁରୋପରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ । ସବୁ ରେକର୍ଡ ଭାଙ୍ଗିଲା ଗରମ, ବଢ଼ୁଛି ମୃତ୍ୟୁସଂଖ୍ୟା । ସମଗ୍ର ୟୁରୋପ ମହାଦେଶ ଏବେ ଇତିହାସର ସବୁଠାରୁ ଭୟଙ୍କର ଗ୍ରୀଷ୍ମ ପ୍ରବାହ କବଳରେ ପଡ଼ିଛି । ପ୍ରବଳ ଗରମ ଯୋଗୁ ବିଭିନ୍ନ ଦେଶରେ ତାପମାତ୍ରା ସମସ୍ତ ପୁରୁଣା ରେକର୍ଡ ଭାଙ୍ଗିଥିବା ବେଳେ ମୃତ୍ୟୁସଂଖ୍ୟା ଓ ମେଡିକାଲରେ ଅସୁସ୍ଥଙ୍କ ସଂଖ୍ୟ ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ୟୁରୋପ୍ ମହାଦେଶର କୋଟିକୋଟି ଲୋକ ଏବେ ଅସହ୍ୟ ଗରମରେ ଆଉଟୁ ପାଉଟୁ ହେଉଛନ୍ତି । ବର୍ଷର ଅଧିକାଂଶ ସମୟ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଥିବା ଦେଶଗୁଡ଼ିକରେ ଗରମ ଚରମ ସ୍ଥିତିରେ ପହଞ୍ଚିଛି । ପ୍ରାୟ ୧୫ କୋଟି ଲୋକ ଅସହ୍ୟ ଗରମ ମଧ୍ୟରେ ଜୀବନ ବିତାଉଛନ୍ତି । ଗରମର ଏହି ପ୍ରକୋପ ୟୁରୋପରେ ସାଇଲେଣ୍ଟ କିଲର ସାବ୍ୟସ୍ତ ହୋଇଛି । ଗତ ଜୁନ୍ ୨୧ ତାରିଖ ପରଠାରୁ ପ୍ରବଳ ତାପମାତ୍ରା ଯୋଗୁଁ ୟୁରୋପରେ ଦେଢ଼ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଲେଣି । ଅଧିକାଂଶ ଦେଶର ତାପମାତ୍ରା ୪୦ ଡିଗ୍ରି ଉପରେ ରହିଛି । ଲୋକ ଘଣ୍ଟାଘଣ୍ଟା ଧରି ପାଣିରେ ଗାଧୋଇଲେ ବି ତ୍ରାହି ମିଳୁନାହିଁ । ଅଧିକାଂଶ ଲୋକ ପହଁରା ଜାଣି ନଥିବାରୁ ପାଣିରେ ବୁଡ଼ି ପ୍ରାଣ ହରାଉଛନ୍ତି । ସ୍ଥିତି ଏଭଳି ହୋଇଛି ଯେ ବାହାରେ ରଖାଯାଇଥିବା ଫ୍ରାଇଂ ପ୍ୟାନରେ ମାତ୍ର କେଇ ମିନିଟରେ ଅଣ୍ଡା ଓ ମାଂସ ସହଜରେ ରାନ୍ଧି ହୋଇଯାଉଛି । ଦୋକାନରେ ଚକୋଲେଟ୍, ବଜାର କରିବା ଟ୍ରଲି ଏବଂ ପ୍ଲାଷ୍ଟିକ୍ ସାମଗ୍ରୀ ତରଳି ଯାଉଛି । ଏଭଳି ଅନେକ ଆଶ୍ଚର୍ଯ୍ୟଜନକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଲୋକଙ୍କୁ ଶୀତଳତା ପ୍ରଦାନ କରିବା ପାଇଁ ୱାଟର କାନନ ଜରିଆରେ କରାଯାଉଛି ପାଣି ସିଞ୍ଚନ । ପ୍ରବଳ ତାପମାତ୍ରା ଯୋଗୁ ତରଳି ଯାଉଛି ଟ୍ରାମ୍ ଚାଲୁଥିବା ଲୁହା ଟ୍ରାକ୍ । ଫଳରେ ଟ୍ରାମ୍ ସେବାକୁ ବନ୍ଦ ରଖିବାକୁ ପଡ଼ିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟସସ୍ ଏହି ସଙ୍କଟ ନେଇ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ହାଡ଼ଭଙ୍ଗା ଶୀତ ଦେଶରେ ଏଭଳି ଗରମ ଅନୁଭୂତ ହେବା କଳ୍ପନା ବାହାରେ । ଅଧିକାଂଶ ଅଫିସ ଓ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖାଯାଇଛି । ତାପମାତ୍ରା ବୃଦ୍ଧି ଯୋଗୁ ଜର୍ମାନୀର ଜଙ୍ଗଲଗୁଡ଼ିକରେ ଲାଗିଯାଉଛି ଭୟାବହ ନିଆଁ । ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଜର୍ମାନୀର ଜଙ୍ଗଲଗୁଡ଼ିକରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଅନେକ ଜୀବନ୍ତ ଗୋଳାବାରୁଦ ଓ ବିସ୍ଫୋରକ ପୋତା ଯାଇଥିଲା । ନିଆଁ ସଂସ୍ପର୍ଶରେ ଆସି ଏଗୁଡ଼ିକ ବିସ୍ଫୋରଣ ହେଉଛି । ଲୋକ ଆତଙ୍କିତ ହୋଇପଡ଼ିଛନ୍ତି । ଜରୁରି କାମ ନ ଥିଲେ ବାହାରକୁ ନଯିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଇଛି । ମାନବକୃତ ଜଳବାୟୁ ପରିବର୍ତ୍ତନ ବିନା ଏଭଳି ଭୟଙ୍କର ଗ୍ରୀଷ୍ମ ପ୍ରବାହ ସମ୍ଭବ ନୁହେଁ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି । ପ୍ରତିକାର ପାଇଁ ପଦକ୍ଷେପ ନିଆଯାଉଥିଲେ ବି ତତ୍କାଳ ସଫଳତା ଆଶା କମ୍ ରହିଛି ।

# ଜର୍ମାନୀକୁ ବିଦା କରି ଇତିହାସ ରଚିଲା ପାରାଗୁଏ



ଫକ୍ସବରୋ,୩୦।୬: ୪ ଥର ବିଜେତା ଜର୍ମାନୀକୁ ଚକିତ କରି ପାରାଗୁଏ ଐତିହାସିକ ବିଜୟ ସହ ଚଳିତ ଫିଫା ବିଶ୍ୱକପ୍‌ର ପ୍ରି-କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛି। ଅନେକ ଆଶା ନେଇ ଆମେରିକା ଆସିଥିବା ଜର୍ମାନୀର ପଞ୍ଚମ ବିଶ୍ୱକପ୍ ବିଜୟର ସ୍ୱପ୍ନ ବି ଧୂଳିସାତ ହୋଇଯାଇଛି। ଏହି ଶକ୍ତିଶାଳୀ ୟୁରୋପୀୟ ଦଳକୁ ସୋମବାର ରାତିରେ ଦକ୍ଷିଣ ଆମେରିକୀୟ ଦେଶ ପାରାଗୁଏ ୪-୩ (୧-୧) ପେନାଲ୍ଟି ଗୋଲ୍‌ରେ ହରାଇ ଐତିହାସିକ ସଫଳତା ଅର୍ଜନ କରିଛି। ପ୍ରଥମ ଥର ପାଇଁ ଜର୍ମାନୀ ଏକ ବିଶ୍ୱକପ୍ ମ୍ୟାଚ୍‌ରେ ବି ପେନାଲ୍ଟି ସୁଟ୍‌ଆଉଟ୍‌ରେ ନକ୍ ଆଉଟ୍ ହୋଇଛି। ଉଚ୍‌ଚମାନସିକ ଚାପ ଭରା ଏହି ମ୍ୟାଚ୍‌ରେ ଜର୍ମାନୀ ଆତ୍ମସମର୍ପଣ କରିବା କୋଟି କୋଟି ଫୁଟ୍‌ବଲ୍‌ପ୍ରେମୀଙ୍କୁ ନିରାଶ କରିଛି। ସମାନ ସମୟରେ ପାରାଗୁଏ ନୂଆ ପ୍ରଶଂସକଙ୍କୁ ସ୍ମରଣୀୟ ମୁହୂର୍ତ୍ତ ଅର୍ପଣ କରିଛି।ନିର୍ଦ୍ଧାରିତ ସମୟରେ ଏହି ମ୍ୟାଚ୍ ୧-୧ ଗୋଲ୍‌ରେ ଶେଷ ହେବା ପରେ ଅତିରିକ୍ତ ୩୦ ମିନିଟ୍ ଖେଳ ହୋଇଥିଲା। ଯେଉଁ ସମୟରେ ଉଭୟ ଦଳ ଗୋଲ୍ ଦେବାରେ ସକ୍ଷମ ହୋଇନଥିଲେ। ୧୨୦ ମିନିଟ୍‌ର ସଂଘର୍ଷ ପରେ ପେନାଲ୍ଟି ବେଳକୁ କିନ୍ତୁ କାଇ ହାର୍ଭର୍ଜ, ନିକ୍ ୱଲ୍‌ଟେମେଡ୍ ଏବଂ ୟୋନାଥନ ତାହ ବିଫଳ ହେବା ଜର୍ମାନୀକୁ ଅଶୁଭ ବିଦାୟର ରାସ୍ତା ଦେଖାଇଥିଲା। ପେନାଲ୍ଟି ସମୟରେ ପାରାଗୁଏ ଗୋଲି ଅର୍ଲାଣ୍ଡୋ ଗିଲ୍‌ଙ୍କ ଚମତ୍କାର ପ୍ରଦର୍ଶନ ବି ଫୁଟ୍‌ବଲ୍ ବିଶାରଦମାନଙ୍କୁ ଚକିତ କରି ଦେଇଥିଲା। ପେନାଲ୍ଟି ସୁଟ୍ ଆଉଟ୍ ସମୟରେ କେବଳ ଶାରୀରିକ ସାମର୍ଥ୍ୟ ନୁହେଁ ମନସ୍ତାତ୍ତ୍ୱିକ ଚାପ ବି ପରୀକ୍ଷା ନିଏ ବୋଲି ପୁଣି ଥରେ ପ୍ରମାଣିତ ହୋଇଯାଇଛି।

ଏହି ମ୍ୟାଚ୍‌ର ନିୟମିତ ସମୟରେ ଜୁଲିଓ ଏନ୍‌ସିକେ ୪୨ ମିନିଟ୍‌ରେ ପାରାଗୁଏକୁ ଅଗ୍ରଣୀ ଦେଇଥିଲେ। ଏହି ଗୋଲ୍ ସହ ପାରାଗୁଏ ମଧ୍ୟ ପ୍ରଥମାର୍ଦ୍ଧ ସମ୍ମାନ ନିଜ ସପକ୍ଷରେ ରଖିଥିଲ। ଦ୍ୱିତୀୟାର୍ଦ୍ଧ ପ୍ରାରମ୍ଭରୁ କିନ୍ତୁ ଜର୍ମାନୀ ବରାବର ସ୍ତରକୁ ଚାଲି ଆସିଥିଲା। ୫୪ତମ ମିନିଟ୍‌ରେ କାଇ ହାର୍ଭଜଙ୍କ ଗୋଲ୍ ଜର୍ମନୀ ଶିବିରରେ ଅସମ୍ଭବ ଉତ୍ସାହ ଭରି ଦେଇଥିଲା। ମ୍ୟାଚ୍ ଅବଶିଷ୍ଟ ୬୬ ମିନିଟ୍ କିନ୍ତୁ ଗୋଲ୍ ପାଇଁ ଉଭୟ ଦଳ ସଂଘର୍ଷ କରିବାରୁ ପେନାଲ୍ଟି ସୁଟ୍‌ଆଉଟ୍ ନିର୍ଣ୍ଣାୟକ ହୋଇଥିଲା। ଶେଷକୁ ଉତ୍କଣ୍ଠାପୂର୍ଣ୍ଣ ଏହି ମ୍ୟାଚକୁ ୪-୩ରେ ବାଜି ମାରି ନେଇଥିଲା ପାରାଗୁଏ।

ଐତିହାସିକ ବିଜୟ ପରେ ପାରାଗୁଏ ରାଷ୍ଟ୍ରପତି ସାଣ୍ଟିଆଗୋ ପେନା ଦେଶବ୍ୟାପୀ ଉତ୍ସବ ମନାଇବା ପାଇଁ ଗୋଟିଏ ଦିନ ଜାତୀୟ ଛୁଟି ଘୋଷଣା କରିଛନ୍ତି। ଏହି ଦକ୍ଷିଣ ଆମେରିକୀୟ ଦେଶ ଏବେ ଉତ୍ସବ ମୁଖର ହୋଇପଡିଛି। ଫୁଟ୍‌ବଲ୍ ଇତିହାସରେ ଏହା ଅନ୍ୟତମ ବଡ ବିପର୍ଯ୍ୟୟ ଭାବେ ଗଣାଯାଉଛି। ପୂର୍ବରୁ ଗ୍ରୁପ୍ ପର୍ଯ୍ୟାୟରେ ଜର୍ମାନୀକୁ ହରାଇବା ପରେ ଇକ୍‌ବେଡରରେ ମଧ୍ୟ ଜାତୀୟ ଛୁଟି ଘୋଷଣା ହୋଇଥିଲା। 'ଆଜି ସମଗ୍ର ଦେଶ ଉତ୍ସବ ପାଳୁଛି। ଆମ ପରିଚୟର ଗଭୀରତମ ଅଂଶକୁ ଏହି ବିଜୟ ପ୍ରତିନିଧିତ୍ୱ କରୁଛି। ଏହା ଆମ ନଛୋଡବନ୍ଧା ଚରିତ୍ର, ସାମର୍ଥ୍ୟ, ସଙ୍କଳ୍ପ ଓ ବିଶ୍ୱାସର ପ୍ରତୀକ' ବୋଲି ରାଷ୍ଟ୍ରପତି ପେନା ପ୍ରକାଶ କରିଛନ୍ତି। ଏହି ବିଜୟ ଖେଳଠାରୁ ବି ବହୁ ଉର୍ଦ୍ଧ୍ୱରେ ବୋଲି ସେ ଅଭିହିତ କରିଛନ୍ତି। ଏଭଳି ଏକ ଚମକପ୍ରଦ ବିଜୟଠାରୁ ସରକାର କେବେ ଭିନ୍ନ ହୋଇପାରିବେ ନାହିଁ। ସମସ୍ତ ପାରାଗୁଏବାସୀଙ୍କ ପାଇଁ ଏହା ଐତିହାସିକ ବିଜୟର ଦିନ' ବୋଲି ସେ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଗତ ସପ୍ତାହରେ ଗ୍ରୁପ୍ 'ଇ'ରେ ଜର୍ମାନୀକୁ ଇକ୍‌ବେଡର୍ ୨-୧ ଗୋଲ୍‌ରେ ହରାଇବା ପରେ ଏହି ଦେଶର ରାଷ୍ଟ୍ରପତି ଡାନିଏଲ୍ ନୋବାଏ ମଧ୍ୟ ଜାତୀୟ ଛୁଟି ଘୋଷଣା କରିଥିଲେ। ଏହି ବିଜୟ ସହ ଇକ୍‌ବେଡର୍ ମଧ୍ୟ ନକ୍ ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିଥିଲା।

## ଦ.ଆଫ୍ରିକାକୁ ବିଦା କଲା କାନାଡ଼ା



ଇଙ୍ଗ୍‌ଲେଉଡ୍,୩୦।୬: ନବେ ମିନିଟ୍ କାଳ ଦକ୍ଷିଣ ଆଫ୍ରିକା ରକ୍ଷଣଭାଗ ଦମ୍ ଦେଖାଇଲା। ଆହତ ସମୟରେ କିନ୍ତୁ କାନାଡା ବାଜି ମାରି ନେଲା। ଚଳିତ ଫିଫା ଫୁଟ୍‌ବଲ୍ ବିଶ୍ୱକପ୍‌ର ଏକ ନାଟକୀୟ ରାଉଣ୍ଡ୍ ଅଫ୍ ୩୨ ମୁକାବିଲାରେ ଅନ୍ୟତମ ସହଆୟୋଜକ କାନାଡା କମାଲ କରିଛି। ଆହତ ସମୟରେ ଦକ୍ଷିଣ ଆଫ୍ରିକାର ରକ୍ଷଣଭାଗକୁ ନାଟକୀୟ ଢଙ୍ଗରେ ଭେଦ କରିବା ସହ ୧-୦ ଗୋଲ୍‌ର ଐତିହାସିକ ବିଜୟ ହାସଲ କରିଛି।

ତା' ସହିତ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିବାରେ ପ୍ରଥମ ଦଳ ହୋଇଛି। କାନାଡା ପକ୍ଷରୁ ଏହି ବିଜୟ ସୂଚକ ତଥା ଅବିସ୍ମରଣୀୟ ଗୋଲ୍‌ଟିକୁ ଷ୍ଟିଫେନ ୟୁଷ୍ଟାକିଓ (୯୦+୨) ଆହତ ସମୟର ଦ୍ୱିତୀୟ ମିନିଟ୍‌ରେ ଦେଇଥିଲେ। ତାଙ୍କର ଏହି ଗୋଲ୍ ଦକ୍ଷିଣ ଆଫ୍ରିକାକୁ ବିଦାୟର ପଥ ଦେଖାଇଥିଲା ବେଳେ କାନାଡା ଆତ୍ମବିଶ୍ୱାସର ସହ ଆଗକୁ ବିଥିଲା।

ତୀବ୍ର ସଂଘର୍ଷପୂର୍ଣ୍ଣ ତଥା ରୋମାଞ୍ଚଭରା ଏହି ମୁକାବିଲାରେ ଉଭୟ ଦଳ ପାଖାପାଖି ସମାନ ସମୟ ବଲ୍‌କୁ ନିଜନିଜ ନିୟନ୍ତ୍ରଣରେ ରଖିଥିଲେ। ତେବେ କାନାଡା ୧୨ ଥର ଗୋଲ୍‌ପୋଷ୍ଟ ଉପରକୁ ଆକ୍ରମଣ କରିଥିଲା ବେଳେ ଦକ୍ଷିଣ ଆଫ୍ରିକା ମାତ୍ର ୬ ଥର ଲକ୍ଷ୍ୟ ଭେଦ କରିବାକୁ ଚେଷ୍ଟା କରିଥିଲା। ଯାହା ଶେଷରେ ଦୁଇ ଦଳ ମଧ୍ୟରେ ମୁଖ୍ୟ ଫରକ ପାଲଟିଥିଲା। ଉଭୟ ଦଳ ଗୋଲ୍ ଦେବାକୁ ବିଫଳ ହେବା ପରେ ମ୍ୟାଚ୍ ଅତିରିକ୍ତ ସମୟକୁ ଯିବାର ଦ୍ୱାର ଦେଶରେ ଥିଲା। ହେଲେ ଅତିରିକ୍ତ ସମୟ ଶେଷ ହେବାର ୩ ମିନିଟ୍ ପୂର୍ବରୁ ୟୁଷ୍ଟାକିଓ ସବୁକିଛି ଓଲଟ ପାଲଟ କରି ଦେଇଥିଲେ। କାନାଡାର ମୁଖ୍ୟ ପ୍ରଶିକ୍ଷକ ହୁଗୋ ବ୍ରୁସ୍ ମଧ୍ୟ ରବିବାର ଏକ ନିଆରା ରକର୍ଡ କରିଥିଲେ। ୭୪ବର୍ଷ ୭୯ ଦିନ ବୟସରେ କେଣସି ଦଳକୁ ବିଶ୍ୱକପ୍‌ର ପ୍ରି-କ୍ୱାର୍ଟରକୁ ନେବାରେ ପ୍ରଥମ ପ୍ରଶିକ୍ଷକ ଓ ପ୍ରବନ୍ଧକ ହୋଇଥିଲେ ସେ। ପୂର୍ବରୁ ଏହି ରେକର୍ଡ ଓସ୍କାର ତାବ୍ରାଇଜଙ୍କ ନାଁରେ ଥିଲା। ସେ ୨୦୧୮ ମସିହାରେ ୭୧ ବର୍ଷ ବୟସରେ ପାରାଗୁଏକୁ କ୍ୱାର୍ଟର ଫାଇନାଲ୍ ନେଇଥିଲେ।

## ଐତିହାସିକ ବିଜୟର ଦିନକ ପରେ ପଦ ଛାଡ଼ିଲେ ଆୟର୍ଲାଣ୍ଡ ପ୍ରଶିକ୍ଷକ

ଡବ୍‌ଲିନ,୩୦।୬: ଭାରତ ବିପକ୍ଷରେ ଐତିହାସିକ ଟ୍‌ବେଣ୍ଟି-୨୦ ଶୃଙ୍ଖଳା ମୂଳପୋଛର ଦିନକ ପରେ ଆୟର୍ଲାଣ୍ଡ ଦଳର ପ୍ରଶିକ୍ଷକ ପଦରୁ ଇସ୍ତଫା ଦେଇଛନ୍ତି ହେନେରିକ୍ ମଲାନ୍। ଏହାପରେ ଗ୍ୟାରୀ ୱିଲ୍‌ସନ୍‌ଙ୍କୁ ନୂଆ ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ପ୍ରଦାନ କରିଛି କ୍ରିକେଟ୍ ଆୟର୍ଲାଣ୍ଡ। ୪୫ ବର୍ଷୀୟ ମଲାନଙ୍କ ସମୟରେ ଆୟର୍ଲାଣ୍ଡ କ୍ରିକେଟ୍ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। ଦଳ ଲଗାତାର ତିନିଥର ପାଇଁ ଟ୍‌ବେଣ୍ଟି-୨୦ ବିଶ୍ୱକପ୍ ଯୋଗ୍ୟତା ହାସଲ କରିଥିଲା।ପ୍ରଥମ ତିନୋଟି ଟେଷ୍ଟ ବିଜୟ ହାସଲ କରିଥିଲା ଓ ବିଶ୍ୱ ଚାମ୍ପିଅନ ଭାରତ ବିପକ୍ଷରେ ଐତିହାସିକ ଶୃଙ୍ଖଳା ଜିତିଥିଲା। ତାଙ୍କର କାର୍ଯ୍ୟକାଳ ୨୦୨୭ ପ୍ରାରମ୍ଭ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କ୍ରିକେଟ୍ ଆୟର୍ଲାଣ୍ଡ ସଂକେତ ଦେଇଥିଲେ ବି ସେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଆସନ୍ତା ଅଗଷ୍ଟ ମାସରେ ଆୟର୍ଲାଣ୍ଡ ଏସୀୟ ଦଳ ଆଫଗାନିସ୍ତାନ ବିପକ୍ଷରେ ଦିନିକିଆ ଶୃଙ୍ଖଳା ଖେଳିବ। ଆସନ୍ତା ବର୍ଷ ଦିନିକିଆ ବିଶ୍ୱକପ୍ ଥିବାରୁ ଦଳର ପ୍ରସ୍ତୁତି ସମୀକ୍ଷା ଲାଗି ନୂଆ ପ୍ରଶିକ୍ଷକ ୱିଲ୍‌ସନଙ୍କ ପାଖରେ ଏକ ଭଲ ସୁଯୋଗ ରହିବ। ସେ ଆୟର୍ଲାଣ୍ଡ ପାଇଁ ୨ ଟେଷ୍ଟ, ୧୦୫ ଦିନିକିଆ ଓ ୮୧ ଟ୍‌ବେଣ୍ଟି-୨୦ ଖେଳିଛନ୍ତି।

## ୨ ବର୍ଷରେ ୩୫ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା

ନୂଆଦିଲ୍ଲୀ,୩୦।୬: ବିଶ୍ୱ ବ୍ୟାଡମିଣ୍ଟନ୍ ମହାସଂଘ (ବିଡବ୍ଲୁଏଫ) ପକ୍ଷରୁ ମଙ୍ଗଳବାର ୨୦୨୭, ୨୦୨୮ ପାଇଁ ଅନ୍ତର୍ଜାତୀୟ ପ୍ରତିଯୋଗିତା କ୍ୟାଲେଣ୍ଡର ଘୋଷଣା କରାଯାଇଛି। ଏହି ଦୁଇ ବର୍ଷରେ ମୋଟ ୩୫ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଥିରେ ଅନ୍ତର୍ଭୁକ୍ତ ରହିଛି ସୁପର ୧୦୦୦ରୁ ସୁପର ୧୦୦ ସ୍ତରୀୟ ପ୍ରତିଯୋଗିତା ଏବଂ ୱାର୍ଲଡ୍ ଟୁର୍ ଫାଇନାଲ୍। ସୟଦ ମୋଦୀ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍‌କୁ ଏକ ସୁପର ୧୦୦ ପ୍ରତିଯୋଗିତା ମାନ୍ୟତା ଦିଆଯାଇଛି। ଏହି ୨୦୨୭ ଜୁଲାଇ ୨୭ରୁ ଅଗଷ୍ଟ ୧ ପର୍ଯ୍ୟନ୍ତ ଲକ୍ଷ୍ନୌରେ ଅନୁଷ୍ଠିତ ହେବ। ସେହିପରି ୨୦୨୮ରେ ଏହା ଜୁଲାଇ ୨୫ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଇଣ୍ଡିଆ ଓପନ୍ ସୁପର ୭୫୦ ଆସନ୍ତା ବର୍ଷ ଫେବ୍ରୁଆରି ୨ ରୁ ୭ ପର୍ଯ୍ୟନ୍ତ ଏବଂ ୨୦୨୮ରେ ଜାନୁଆରି ୨୫ରୁ ୩୦ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଚଳିତ ବର୍ଷର ଇଣ୍ଡିଆ ଓପନ୍ ସୁପର ଜାନୁଆରି ୧୩ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଅନ୍ତର୍ଜାତୀୟ ଖେଳାଳିମାନେ ହାନିକାରକ ବାୟୁପ୍ରଦୂଷଣ, ଷ୍ଟାଡିୟମ୍ ଭିତରେ ଥଣ୍ଡା ତାପମାତ୍ରା ଓ ସ୍ୱଚ୍ଛତାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ।

## ଆଜିଠୁ ଭାରତ-ଇଂଲଣ୍ଡ ଟି୨୦ ସିରିଜ
# ନୂଆ ଅଭିଯାନ ଆଶାରେ ଟିମ୍ ଇଣ୍ଡିଆ






ନୂଆଦିଲ୍ଲୀ,୩୦।୬: ବେଲଫାଷ୍ଟରେ ଆୟରଲ୍ୟାଣ୍ଡ ବିପକ୍ଷରେ ଟି-୨୦ ସିରିଜରେ ଏକ ଆଶ୍ଚର୍ଯ୍ୟଜନକ ପରାଜୟ ପରେ, ଭାରତୀୟ ଦଳ ଏବେ ଇଂଲଣ୍ଡର ମୁକାବିଲା ପାଇଁ ପ୍ରସ୍ତୁତ। ଦୁଇ ଦଳ ମଧ୍ୟରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳାଯିବ। ଏହି ଦ୍ୱିପାକ୍ଷିକ ସିରିଜର ପ୍ରଥମ ମ୍ୟାଚ ଆସନ୍ତାକାଲି ଚେଷ୍ଟର-ଲେ-ଷ୍ଟ୍ରିଟର ରିଭରସାଇଡ ଗ୍ରାଉଣ୍ଡରେ ଖେଳାଯିବ। ବିଶ୍ୱାସ କରାଯାଉଛି ଯେ ଭାରତ ସିରିଜର ଓପନର ପାଇଁ ଏହାର ପ୍ଲେଇଂ ଇଲେଭେନରେ କିଛି ପରିବର୍ତ୍ତନ କରିପାରେ। ଆୟରଲ୍ୟାଣ୍ଡ ବିପକ୍ଷରେ ଦୁଇଟି ଟି-୨୦ ମ୍ୟାଚ ସମୟରେ ବେଞ୍ଚରେ ବସିଥିବା ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ବୁଧବାର ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିବାର ସୁଯୋଗ ପାଇପାରନ୍ତି।

ସଞ୍ଜୁ ସାମସନଙ୍କ ସ୍ଥାନରେ ଏହି ଯୁବ ବ୍ୟାଟସମ୍ୟାନ ଭାରତ ପାଇଁ ଇନିଂସ ଓପନ କରିବାର ଆଶା କରାଯାଉଛି। ସାମସନ ଆୟରଲ୍ୟାଣ୍ଡ ବିପକ୍ଷରେ ଦୁଇଟି ଟି-୨୦ ମ୍ୟାଚରେ ଇନିଂସ ଓପନ କରିଥିଲେ କିନ୍ତୁ ନିରାଶାଜନକ ପ୍ରଦର୍ଶନ କରିଥିଲେ। ବେଲଫାଷ୍ଟର ସିଭିଲ ସର୍ଭିସ କ୍ରିକେଟ କ୍ଲବରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ, ସେ ମାତ୍ର ୫ ରନ କରି ଆଉଟ ହୋଇଥିଲେ। ରବିବାର (୨୮ ଜୁନ) ସମାନ ସ୍ଥାନରେ ଦ୍ୱିତୀୟ ଟି-୨୦ରେ, ସେ ପ୍ରଥମ ବଲ ରେ ହିଁ ଖାତା ନ ଖୋଲି ପ୍ୟାଭିଲିୟନ ଫେରିଥିଲେ। ଏହାକୁ ଦୃଷ୍ଟିରେ ରଖି, ତାଙ୍କୁ ଓପନର ଭାବରେ ବଦଳାଯିବା ପ୍ରାୟ ନିଶ୍ଚିତ ମନେ ହେଉଛି। ସେ ୱିକେଟକିପର-ବ୍ୟାଟର ଭାବରେ ପ୍ଲେଇଂ ଏକାଦଶରେ ନିଜର ସ୍ଥାନ ବଜାୟ ରଖିବେ କି ନାହିଁ ତାହା ଦେଖିବା ଆକର୍ଷଣୀୟ ହେବ।

ସାମସନ ପ୍ରଥମ ଟି-୨୦ରେ ୱିକେଟକିପର ଦାୟିତ୍ୱ ତୁଲାଇଥିଲେ, ଯେତେବେଳେ ଇଶାନ କିଶାନ ଦ୍ୱିତୀୟ ମ୍ୟାଚରେ ଗ୍ଲୋଭ୍ସ ଦାୟିତ୍ୱ ନେଇଥିଲେ। କିଶାନ ମଧ୍ୟ ବ୍ୟାଟ ସହିତ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରିଲେ ନାହିଁ; ସେ ପ୍ରଥମ ଟି-୨୦ରେ ୧ ରନ କରିଥିଲେ ଏବଂ ଦ୍ୱିତୀୟ ମ୍ୟାଚରେ ୧୧ ବଲରେ ମାତ୍ର ୧୨ ରନ କରିପାରିଥିଲେ। ଟିମ୍ୟାନେଜମେଣ୍ଟ ସମ୍ଭବତଃ ଶ୍ରେଷ୍ଠ ତିନିରେ ତିନି ଜଣ ବାମହାତୀ ବ୍ୟାଟସମ୍ୟାନଙ୍କୁ ଫିଲଡିଂରୁ ବଞ୍ଚାଇବାକୁ ଚାହିଁବ। ବୈଭବଙ୍କ ପାଇଁ ସ୍ଥାନ ତିଆରି କରିବା ପାଇଁ, ସାମସନଙ୍କ ପରିବର୍ତ୍ତ ଇଶାନ କିଶାନ ହୋଇପାରେ, ଯାହାକୁ ବାହାରେ ବସିବାକୁ ପଡିବ। ବିଶ୍ୱର ନମ୍ବର-୧ ଟି-୨୦ ବ୍ୟାଟସମ୍ୟାନ ଅଭିଷେକ ଶର୍ମା ଆୟରଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟି-୨୦ରେ ମାତ୍ର ୨୦ ବଲରେ ୪୯ ରନର ଏକ ଧମାକାଦାର ଇନିଂସ ଖେଳିଥିଲେ। ଏହି ପ୍ରଦର୍ଶନ ପ୍ରାୟତଃ ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ ପାଇଁ ତାଙ୍କ ସ୍ଥାନ ନିଶ୍ଚିତ କରେ। ଦ୍ରୁତ ବୋଲିଂ ବିଭାଗରେ ପରିବର୍ତ୍ତନ ଅସମ୍ଭବ, କିନ୍ତୁ ଆୟରଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ରେ ଡେବ୍ୟୁ କରିବା ପରେ ସୂର୍ଯ୍ୟାଂଶ ଶେଡଗେ ତାଙ୍କର ସ୍ଥାନ ବଜାୟ ରଖିବେ କି ନାହିଁ ତାହା ଦେଖିବା ଆକର୍ଷଣୀୟ ହେବ। ମୁମ୍ବାଇର ଏହି ଅଲରାଉଣ୍ଡର ବ୍ୟାଟ କିମ୍ବା ବଲ ଉଭୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇ ନଥିଲେ। ଯଦି ଶେଡଗେଙ୍କୁ ବାଦ ଦିଆଯାଏ, ତେବେ ୱାଶିଂଟନ ସୁନ୍ଦର ପ୍ଲେଇଂ ଏକାଦଶକୁ ଫେରିପାରନ୍ତି।

## ଏସିଆନ୍ ଗେମ୍ସ ମହିଳା କ୍ରିକେଟ
# ନେତୃତ୍ୱ ନେବେ ହରମନପ୍ରୀତ

ନୂଆଦିଲ୍ଲୀ,୩୦।୬: ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ୨୦୨୬ ଏସିଆନ୍ ଗେମ୍ସ ପାଇଁ ୧୫ ସଦସ୍ୟ ବିଶିଷ୍ଟ ଭାରତୀୟ ମହିଳା ଟି-୨୦ ଦଳ ଘୋଷଣା କରାଯାଇଛି। ଜାପାନର ଏଇଚି-ନାଗୋୟାରେ ସେପ୍‌ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ହରମନପ୍ରୀତ କୌର ଅଧିନାୟକ ଓ ସ୍ମୃତି ମନ୍ଧାନା ଉପଅଧିନାୟକ ଦାୟିତ୍ୱ ପାଇଛନ୍ତି !



ଚଳିତ ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେବା ପରେ ହରମନପ୍ରୀତଙ୍କ ଅଧିନାୟକତ୍ୱକୁ ନେଇ ପ୍ରଶ୍ନ ଉଠିଥିଲା ! ତେବେ ବିସିସିଆଇ ତାଙ୍କ ଉପରେ ପୁଣିଥରେ ଆସ୍ଥା ପ୍ରକାଶ କରିଛି ।ଭାରତୀୟ ମହିଳା ଦଳ ୨୦୨୮ ଲସ୍ ଆଞ୍ଜେଲେସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବାର ଗୋଟିଏ ଦିନ ପରେ ଅସୀୟ କ୍ରୀଡା ପାଇଁ ଦଳ ଘୋଷଣା ହୋଇଛି। ଦଳରେ ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ, ଜି. କାମାଲିନୀ, ଭାରତୀ ଫୁଲମାଲି, ଶ୍ରୀ ଚରଣୀ, ରେଣୁକା ଠାକୁର, କ୍ରାନ୍ତି ଗୌଡ଼, ଅରୁନ୍ଧତୀ ରେଡ୍ଡୀ, ରାଧା ଯାଦବ ଓ ନନ୍ଦିନୀ ଶର୍ମାଙ୍କୁ ସ୍ଥାନ ମିଳିଛି। ଆହତ ଅଲରାଉଣ୍ଡର ଶ୍ରେୟଙ୍କା ପାଟିଲଙ୍କୁ ଫିଟ୍‌ନେସ୍ ଆଧାରରେ ଦଳରେ ସାମିଲ କରାଯାଇଛି। ଆହତ କାରଣରୁ ସେ ଞ୍ଚ୨୦ ବିଶ୍ୱକପରୁ ବାଦ ପଡ଼ିଥିଲେ। ୨୦୨୫ରେ ଭାରତୀୟ ଟିମ ଘରୋଇ ମାଟିରେ ପ୍ରଥମ ଥର ପାଇଁ ମହିଳା ଦିନିକିଆ ବିଶ୍ୱକପ୍ ଜିତିଥିଲା. ଏବେ ଭାରତୀୟ ଦଳ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବଜାୟ ରଖିବା ଲକ୍ଷ୍ୟ ନେଇ ପ୍ରତିଦ୍ୱନ୍ଦ୍ୱିତା କରିବ।

## ମୁମ୍ବାଇ ଛାଡି ବେଙ୍ଗାଲୁରୁ ଶିଫ୍ଟ ହେଲେ ପାଣ୍ଡ୍ୟା

ମୁମ୍ବାଇ,୩୦।୬: ମୁମ୍ବାଇ ଛାଡିଛନ୍ତି ଭାରତୀୟ ଟିମର ଷ୍ଟାର ଅଲରାଉଣ୍ଡ ହାର୍ଦ୍ଦିକ ପାଣ୍ଡ୍ୟା। ସେ ମୁମ୍ବାଇ ଛାଡି ବେଙ୍ଗାଲୁରୁ ଶିଫ୍ଟ କରି ଯାଇଛନ୍ତି। ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍ସ(ସିଓଇ)କୁ ନିଜର ସ୍ଥାୟୀ ଟ୍ରେନିଂ ବେସ୍ ବାଛି ପାଣ୍ଡ୍ୟା ଏପରି ପଦକ୍ଷେପ ନେଇଛନ୍ତି। ସେ କ୍ରିକେଟ ଖେଳିବା ଜାରି ରଖିବା ଯାଏ ସିଓଇ ତାଙ୍କର ସ୍ଥାନୀୟ ଟ୍ରେନିଂ ବେସ୍ ହୋଇ ରହିବ। ଏପରି ପଦକ୍ଷେପ ନେବାରେ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଭାରତୀୟ କ୍ରିକେଟର ବନିଛନ୍ତି।

ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଏପରି ନିଷ୍ପତ୍ତି ଅତ୍ୟନ୍ତ ବିରଳ। କାରଣ ବିସିସିଆଇର କେନ୍ଦ୍ରୀୟ ଚୁକ୍ତିରେ ଥିବା ଖେଳାଳିମାନେ ସାଧାରଣତଃ ଆହତ ଜନିତ ରିହ୍ୟାବ ପାଇଁ ସେଣ୍ଟର ଅଫ ଏକ୍ସିଲେନ୍‌ସେକୁ ଯାଆନ୍ତି। ଏହାବାଦ ନିଜର ଫିଟନେସ ଆସେସମେଣ୍ଟ କିମ୍ବା ନ୍ୟାଶନାଲ କ୍ୟାମ୍ପ ମଧ୍ୟ ସିଓଇକୁ ଯାହାନ୍ତି। ହେଲେ ପାଣ୍ଡ୍ୟା ପ୍ରଥମ କ୍ରିକେଟର ଭାବେ ସିଓଇକୁ ନିଜର ସ୍ଥାୟୀ ଟ୍ରେନିଂ ବେସ୍ ଭାବେ ବାଛିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଗୁଜରାଟର ବରୋଦାର ମୂଳବାସିନ୍ଦା ହୋଇଥିଲେ ହେଁ ସେ ୧୦ ବର୍ଷ ହେଲା ମୁମ୍ବାଇରେ ରହୁଛନ୍ତି। ସେ ନିଜର ଆଇପିଏଲ ଫ୍ରାଞ୍ଚାଇଜ ମୁମ୍ବାଇ ଇଣ୍ଡିଆନ୍ସର ଘାନସୋଲି କ୍ୟାମ୍ପରେ ପ୍ରାଥମିକ ଭାବେ ଅଭ୍ୟାସ କରନ୍ତି। ହେଲେ ଏବେ ୩୨ ବର୍ଷୀୟ ହାର୍ଦ୍ଦିକ ମୁମ୍ବାଇ ବଦଳରେ ବେଙ୍ଗାଲୁରୁରେ ସ୍ଥାୟୀ ଭାବେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ୩୨ ବର୍ଷୀୟ ହାର୍ଦ୍ଦିକ ଏବେ ଆହତ ସମସ୍ୟା ଦେଇ ଗତି କରୁଛନ୍ତି। ଏଥିପାଇଁ ତାଙ୍କୁ ଆୟର୍ଲ୍ୟାଣ୍ଡ ଓ ଇଂଲଣ୍ଡ ସିରିଜରୁ ବାଦ ଦିଆଯାଇଥିଲା। ସେ ପ୍ରାୟ ୬ ମାସ ହେଲା ସିଓଇରେ ଅଧିକାଂଶ ସମୟ ବିତାଇଛନ୍ତି। ବିସିସିଆଇର ଗୋଟିଏ ସୂତ୍ରରେ କୁହାଯାଇଛି ଯେ "ହାର୍ଦ୍ଦିକ ସ୍ଥାୟୀ ଭାବେ ବେଙ୍ଗାଲୁରୁକୁ ଶିଫ୍ଟ କରିଛନ୍ତି। ସେ ସହରର ଉପକଣ୍ଠରେ ସିଓଇ ନିକଟରେ ଏକ ଘର ଭଡ଼ା ନେଇଛନ୍ତି। ନିଜ କ୍ରିକେଟ୍ କ୍ୟାରିୟରର ବାକି ସମୟ ପାଇଁ ସିଓଇକୁ ନିଜର ସ୍ଥାୟୀ ଟ୍ରେନିଂ ବେସ୍ କରିବାରେ ସେ ପ୍ରଥମ ଭାରତୀୟ କ୍ରିକେଟର ମଧ୍ୟ ହୋଇଛନ୍ତି। ହାର୍ଦ୍ଦିକ ମୁମ୍ବାଇରୁ ବାହାରକୁ ଆସିବାକୁ ଚାହୁଁଥିଲେ। କାରଣ ଟ୍ରେନିଂ ପାଇଁ ତାଙ୍କ ଲୋୟର ପାରେଲ ବାସଭବନରୁ ପ୍ରତିଦିନ ଯାତାୟାତ କରିବା ଏକ ସମସ୍ୟା ପାଲଟିଥିଲା। ଜଣେ କେନ୍ଦ୍ରୀୟ ଚୁକ୍ତିରେ ଥିବା କ୍ରିକେଟର ଭାବରେ ଆହତ ପରିଚାଳନାରୁ ଆରମ୍ଭ କରି ଦକ୍ଷତା ବିକାଶ ଟ୍ରେନିଂ ପର୍ଯ୍ୟନ୍ତ ସିଓଇର ପ୍ରତ୍ୟେକ ସୁବିଧା ପାଇବାକୁ ସେ ହକଦାର। ତେଣୁ ଯେତେବେଳେ ସେ ଆଇପିଏଲ୍, ରାଜ୍ୟ କିମ୍ବା ଜାତୀୟ ଦଳ ପାଇଁ ଡ୍ୟୁଟିରେ ନଥିବେ ସେତେବେଳେ ସିଓଇକୁ ନିଜର ସ୍ଥାୟୀ ବେସ୍ ଭାବେ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛନ୍ତି।" ସିଓଇ ବାହାରେ ଦୈନନ୍ଦିନ ଟ୍ରେନିଂରେ ସହାୟତା କରିବା ପାଇଁ ହାର୍ଦ୍ଦିକ ନିଜସ୍ୱ ଫିଜିଓଥେରାପିଷ୍ଟ ଓ ଜଣେ ବ୍ୟକ୍ତିଗତ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ମଧ୍ୟ ନିଯୁକ୍ତ କରିବେ ବୋଲି ଜଣାପଡୁଛି।ଭାରତ ପାଇଁ ସେ ଯେପର୍ଯ୍ୟନ୍ତ ସୀମିତ ଓଭର କ୍ରିକେଟ ଖେଳିବେ ସେଯାଏ ବେଙ୍ଗାଲୁରୁରେ ସ୍ଥାୟୀ ଭାବେ ରହିବେ। ସେ ଅନ୍ତତଃ ପକ୍ଷେ ଆଉ ୫ ରୁ ୬ ବର୍ଷ ଭାରତ ପାଇଁ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି।

## ୱିମ୍ବଲଡନ୍‌ରେ ଓସାକାଙ୍କ 'କିଲ୍ ବିଲ୍' ଚର୍ଚ୍ଚା

ଲଣ୍ଡନ୍: ୱିମ୍ବଲଡନ୍ ଗ୍ରାଣ୍ଡ୍ ସ୍ଲାମ ଟେନିସ୍ ପ୍ରତିଯୋଗିତା ଆରମ୍ଭରୁ ପୂର୍ବତନ ଏକ ନମ୍ବରଜାପାନୀ ଖେଳାଳିନାଓମି ଓସାକାଙ୍କ ନିଆରା ପୋଷାକକୁ ନେଇ ଚର୍ଚ୍ଚା ଚାଲିଛି। ୪ ଥର ଗ୍ରାଣ୍ଡ୍ ସ୍ଲାମ ଟ୍ରଫି ଜିତିଥିବା ଓସାକା ପ୍ରଥମ ଦିବସରେ ଜାପାନୀ ଅନୁପ୍ରେରିତ ପୋଷାକ 'କିଲ୍ ବିଲ୍' କିମାନୋ ପରିଧାନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜାପାନର ପାରମ୍ପରିକ ଜାତୀୟ ପୋଷାକ (କିଲ୍ ବିଲ୍) ପରିଧାନ କରି କୋର୍ଟ-୩ରେ ଚାଲିଯାଉଥିବା ଫଟୋ ଏବେ ଖୁବ୍ ଭାଇରାଲ୍ ହୋଇଛି। ୱିମ୍ବଲଡନ୍‌ରେ ସମ୍ପୂର୍ଣ୍ଣ ଧଳା ପୋଷାକ ପରିଧାନ କରି ଖେଳିବାକୁ ନିୟମ ରହିଛି। ଏହା ତାଙ୍କୁ ଅନୁପ୍ରାଣିତ କରିଥିବା ଓସାକା ପ୍ରକାଶ କରିଛନ୍ତି। ଧଳା ପୋଷାକରେ ଶରୀରକୁ ସମ୍ପୂର୍ଣ୍ଣ ଆଛାଦିତ କରି ସେ ଚୁଟିରେ ଧଳା ଅଳଙ୍କାର 'କାନଜାସୀ' ବି ଲଗାଇଥିଲେ। ଏହା ପରେ ସେ ନାଇକୀ ପୋଷାକ ପରିଧାନ କରି ଖେଳିଥିଲେ।

'କିଲ୍ ବିଲ୍' କିମାନୋ ପରିଧାନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି

ଏହି 'କିଲ୍ ବିଲ୍' ପୋଷାକକୁ ଟୋକିଓ ଡିଜାଇନର୍ ହାନା ୟାଗି ପ୍ରସ୍ତୁତ କରିଥିବା ଜଣାପଡିଛି। ଜାପାନୀ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସେ ଏଭଳି କରିଥିବା ବିଶ୍ୱାସ କରାଯାଉଛି। 'ଜାପାନ ପ୍ରତି ଥିବା ଭଲପାଇବା ଓ ସମ୍ମାନ ପାଇଁ ଏଭଳି କରିଛି' ବୋଲି ସେ ସ୍ୱୀକାର ବି କରିଛନ୍ତି। ୱିମ୍ବଲଡନ୍‌ରେ କେବେ ତୃତୀୟ ରାଉଣ୍ଡ୍ ଅତିକ୍ରମ କରିନଥିବା ୨୮ ବର୍ଷୀୟା ଓସାକା ୨ ଥର ଲେଖାଏଁ ଅଷ୍ଟ୍ରେଲିଆନ୍ ଓପନ୍ (୨୦୧୯, ୨୦୨୧) ଏବଂ ୟୁଏସ୍ ଓପନ୍ (୨୦୧୮, ୨୦୨୦) ଟ୍ରଫି ଜିତିଥିଲେ। ପୋଷାକ ପାଇଁ ଚର୍ଚ୍ଚାକୁ ଆସିବା ଓସାକାଙ୍କ ପାଇଁ ନୂଆ ନୁହେଁ। ଗତ ଜାନୁଆରିରେ ଏହି ପୂର୍ବତନ ଏକ ନମ୍ବର ଖେଳାଳି ଅଷ୍ଟ୍ରେଲିଆନ୍ ଓପନ୍‌ରେ ଜେଲିଫିସ୍ ଷ୍ଟାଇଲ୍ ଏବଂ ଫ୍ରେଞ୍ଚ୍ ଓପନ୍‌ରେ ହଳଦିଆ ରଙ୍ଗ ବ୍ରାଉନ୍ ଓ ସୁନାରି ପୋଷାକ ପରିଧାନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982